CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 203
- Sunday, 25 October 2026
- ରବିବାର, ୨୫ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



- ଉଦ୍‌ଘାଟନ କରିବେ ଡାଟା ଓ ଟ୍ରେନିଂ ସେଣ୍ଟର
- ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ ଗସ୍ତ ଆଣିଥାଏ ନୂଆ ଉପହାର:ମନମୋହନ
- ସୁରକ୍ଷା ପାଇଁ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

## ଆଜି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି

ଭୁବନେଶ୍ୱର ୨୪।୧୦: ସମୃଦ୍ଧ ଓଡ଼ିଶା ଗଢ଼ିବା ସ୍ୱପ୍ନ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି। ରାଜ୍ୟରେ ଡବଲ୍ ଇଂଜିନ ସରକାର ଗଠନ ହେବା ପରେ ପ୍ରଗତିକୁ ଗତିଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ରବିବାର ୯ମ ଥର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଖୋର୍ଦ୍ଧାଠାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ କରିବେ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକଟି ଓଡ଼ିଶା ଗସ୍ତ ରାଜ୍ୟର ବିକାଶ ପାଇଁ ନୂଆ ଉପହାର ନେଇ ଆସିଥାଏ। ନିର୍ବାଚନ ପୂର୍ବରୁ ସମ୍ବଲପୁର ଓ ଚଣ୍ଡିଖୋଲରେ ଯେଉଁସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଥିଲା, ସେଗୁଡ଼ିକ କ୍ରିୟାନ୍ୱୟନ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ଇନ୍‌ଫୋଭ୍ୟାଲି-୨ରେ ନିର୍ମିତ ଭାରତୀୟ ରିଜର୍ଭ ବ୍ୟାଙ୍କ ବା ଆରବିଆଇର ନୂତନ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମ ଅପରାହ୍ଣ ପ୍ରାୟ ୪ଟା ୪୫ ମିନିଟରେ ଅନୁଷ୍ଠିତ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । ସୂଚନାନୁଯାୟୀ ଭୁବନେଶ୍ୱର ବିମାନବନ୍ଦରେ ପ୍ରଧାନମନ୍ତ୍ରୀ ୪ଟା ୧୦ ମିନିଟରେ ପହଞ୍ଚିବେ । ଉଦ୍‌ଘାଟନ ସ୍ଥଳରେ ପ୍ରଧାନମନ୍ତ୍ରୀ ପ୍ରାୟ ଏକ ଘଣ୍ଟା ରହିବେ।ସନ୍ଧ୍ୟା ୬ ଟା ୩୫ ମିନିଟରେ ବାୟୁସେନା ବିମାନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହଙ୍କ ପକ୍ଷରୁ ଜାରି ଟ୍ରାଫିକ୍ ସୂଚନା ଅନୁସାରେ, ରବିବାର ସନ୍ଧ୍ୟା ୫ଟା ୪୦ରୁ ୬ଟା ୪୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଯାତାୟାତ ମାର୍ଗରେ ସାଧାରଣ ଯାନବାହନ ଚଳାଚଳ ଉପରେ କଟକଣା ରହିବ।ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ରାଜଧାନୀ ଭୁବନେଶ୍ୱରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗସ୍ତ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ୭୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ଭୁବନେଶ୍ୱରରୁ ଜଟଣୀ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ।

## ସହରୀକରଣ ୨୦୩୬ ସୁଦ୍ଧା ହେବ ୪୦ ପ୍ରତିଶତ

- ନ୍ୟାସନାଲ୍ ଅର୍ବାନ୍ କନକ୍ଲେଭ୍ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପିଏମ୍ ଇ-ବସ୍ ସେବା ଯୋଜନାରେ ୨୬ ଇ-ବସ୍ ସେବା ଶୁଭାରମ୍ଭ
- ଆଉ ୯ ସହରକୁ ହେବ ସଂପ୍ରସାରିତ
- ଅତ୍ୟାଧୁନିକ ସହରୀ ଭିତ୍ତିଭୂମିର କରାଯାଉଛି ବିକାଶ



ଭୁବନେଶ୍ୱର,୨୪।୧୦:୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ । ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ସଂସ୍ଥାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଶନିବାର ଭୁବନେଶ୍ୱର ଠାରେ ଆୟୋଜିତ ନ୍ୟାସନାଲ ଅର୍ବାନ୍ କନକ୍ଲେଭ୍ - ୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' (ବିକେପିପିଇଆର) ପ୍ରତିଷ୍ଠା କରାଯାଉଛି। ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପିଏମଏୱାଇ - ଅର୍ବାନ୍ ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ ପିଏମଏୱାଇ ୨.୦ ଅନ୍ତର୍ଗତ 'ପିଏମଏୱାଇ ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରି ଦିଆଯାଇଛି, ଯେଉଁଥିରେ ଇଡବ୍ଲୁଏସ୍ ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତ୍ତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୬୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି। ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଚାଲିବାର ଅଧିକାର' ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ। ରାଜ୍ୟର କ୍ଲଟ୍ ନେଟୱାର୍କ ୨୦୧୮ରେ ୨୦୦ଟି ବସରୁ ଆରମ୍ଭ ହୋଇ ଅଦ୍ୟାବଧି ୭୭୦ଟି ବସ୍ ସହ ୧୩୮ଟି ରୁଟ୍‌ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି। ଶନିବାର ପିଏମ୍ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ। ବର୍ତ୍ତମାନ କ୍ଲଟ୍ ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି । ନୂଆ ଇ-ବସ୍ ଆସିବା ପରେ ଆଉ ୯ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ। ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ।ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଅଙ୍କୁର ହ୍ୟାଣ୍ଡବୁକ୍' ଏବଂ 'ଟାଉନ୍ ପ୍ଲାନିଂ ହ୍ୟାଣ୍ଡବୁକ୍' ର ଉନ୍ମୋଚନ କରିବା ସହ ନୂତନ ନଗର ଉନ୍ନୟନ ନୀତିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ନାଗରିକଙ୍କ ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଥିଲେ, ପବିତ୍ର ଧାମ ପୁରୀରୁ ଆରମ୍ଭ ହୋଇଥିବା 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଆଜି ସଫଳତାର ସହ ୧୧ଟି ସହରକୁ ସମ୍ପ୍ରସାରିତ ହୋଇଛି।

## ପୁଣି ନାମଫଳକ ପୋତିଲେ ଆନ୍ଧ୍ର ଅଧିକାରୀ

### ସ୍ଥିତାବସ୍ଥା ବଜାୟକୁ ବେଖାତିର !

କୋରାପୁଟ/ଭୁବନେଶ୍ୱର,୨୪।୧୦ ବିଜେଡିର ୧୬ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର କୋଟିଆ ଗସ୍ତ କରି ବିଭିନ୍ନ ବିବାଦୀୟ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଆନ୍ଧ୍ର ପକ୍ଷରୁ ଲଗାଯାଇଥିବା ନାମଫଳକକୁ ଭାଙ୍ଗି ଉପାଡ଼ି ଦେଇଥିଲେ । କିନ୍ତୁ ୨୪ ଘଣ୍ଟା ନ ପୂରୁଣୁ ଆନ୍ଧ୍ରର ସାଲୁର ତହସିଲଦାର ଓ ମଣ୍ଡଳ ଅଧିକାରୀ କୋଟିଆରେ ପହଞ୍ଚି ପୁଣି ଫଳକଟିକୁ ପୋତିଥିବା ଦେଖିବାକୁ ମିଳିଛି । ଆନ୍ଧ୍ର ପକ୍ଷରୁ କୋଟିଆରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଆହୁରି ତୀବ୍ର ହୋଇଛି । ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ ରୋକିବା ପାଇଁ କୋରାପୁଟ



ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଉଦ୍ୟମ ଆରମ୍ଭ କରିଛନ୍ତି । ଏପଟେ କୋରାପୁଟ ଉପଜିଲ୍ଲାପାଳ କୋଟିଆରେ ରାତ୍ରିଯାପନ କରିବା ସହ ବିବାଦୀୟ ଗାଁଗୁଡ଼ିକୁ ଯାଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ ଏବଂ ସଚେତନ କରିଥିଲେ। ଅନ୍ୟପକ୍ଷେ ପଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ସର୍ବଦଳୀୟ ନେତାମାନେ ଏକ ପ୍ରସ୍ତୁତି ବୈଠକ କରିଛନ୍ତି ।କୋଟିଆରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଧ୍ର ପ୍ରଶାସନ ତାହାକୁ ଅବମାନନା କରୁଥିବା ଅଭିଯୋଗ ହୋଇଛି । ଏହି ପ୍ରସଙ୍ଗରେ ଆନ୍ଧ୍ର ପ୍ରଶାସନ ବିରୋଧରେ କୋରାପୁଟ ଜିଲ୍ଲାପାଳ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାଖଲ କରିଛନ୍ତି । ଏହି ପ୍ରସଙ୍ଗକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ମଧ୍ୟ ରାଜନୈତିକ ବାକ୍ୟୁଦ୍ଧ ଜୋର୍ ଧରିଛି ।

### ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା

## 'ଶୂନ୍ୟ ମୃତ୍ୟୁ' ହାସଲ ଲାଗି ସରକାର ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

### ୬୦ ଓଡ୍ରାଫ୍, ୧୭ ଏନଡିଆରଏଫ୍, ୨୨୫ ଅଗ୍ନିଶମ ଦଳ ପ୍ରସ୍ତୁତ

ଭୁବନେଶ୍ୱର, ୨୪।୧୦: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଅଛି, ଏଥର ମଧ୍ୟ ଆମ 'ଜିରୋ କାଜୁଆଲ୍ଟି'(ଶୂନ୍ୟ ମୃତ୍ୟୁ) ହାସଲ କରିବୁ । ଶନିବାର ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା 'ଦାନା' ଓ 'ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା। ଏହା ସହିତ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ୍ୟ କରାଯାଇଛି ।ତେଣୁ ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଜିରୋ କାଜୁଆଲ୍ଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଛୁଇଁବ। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି ।ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଅନ୍ୟ ଜିଲ୍ଲା ଗୁଡ଼ିକରେ ସ୍କୁଲ,କଲେଜ ଛୁଟି କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ ।ସେ କହିଥିଲେ ଯେ, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଂଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବିଶେଷକରି ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି ।ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍.ଡି.ଆରଏଫ୍ ଟିମ୍ ନିୟୋଜିତ କରାଯାଇଛି । ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି ଏନଡିଆରଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି । ୨୨୫ ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି ବୋଲି ଜଣାଯାଇଛି ।ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି । ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଚିଠି ମୁତାବକ ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳ ଓ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀଙ୍କ ଛୁଟି ବାତିଲ କରାଯାଇଛି।



## ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା



ପୁରୀ,୨୪।୧୦(ନିପ୍ର) : ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା। ଏହି ବ୍ୟବସ୍ଥା ଦ୍ୱାରା ଦିବ୍ୟାଙ୍ଗ ଭକ୍ତ ସୁରୁଖୁରୁରେ ଦେଖି ପାରିବେ ମହାପ୍ରଭୁଙ୍କୁ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ପରେ ପୁରୀ ଜିଲ୍ଲାପାଳ ଏହି ସୂଚନା ଦେଇଛନ୍ତି ।କାର୍ତ୍ତିକ ମାସ ପରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ବ୍ୟବସ୍ଥା। ପ୍ରଥମେ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା କରାଯିବ। ବୈଠକରେ ଏ ନେଇ ଏସଓପି ଚୂଡାନ୍ତ ହୋଇଛି । ଦର୍ଶନର ୭ ଦିନ ପୂର୍ବରୁ ଅନଲାଇନରେ ଆବେଦନ କରିବେ ଦିବ୍ୟାଙ୍ଗ ଭକ୍ତ। ପ୍ରତ୍ୟେକ ଦିନ ୨୦ ଜଣ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯିବ

## ତାଇୱାନରେ ବାତ୍ୟା 'ଚାମ୍ପି'

### ଜଣେ ମୃତ, ୫ଶହରୁ ଅଧିକ ଆହତ

ତାଇପେଇ ୨୪।୧୦: ଶନିବାର ଅପରାହ୍ନ ୨ଟା ସୁଦ୍ଧା 'ଚାମ୍ପି' ନାମକ ଏକ ବାତ୍ୟା ତାଇୱାନର ତାଇପେଇ ଅନ୍ତର୍ଗତ ଉତ୍ତର-ପୂର୍ବ ଦିଗରେ ପ୍ରାୟ ୨୬୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ଘଣ୍ଟା ପ୍ରତି ୧୮ ରୁ ୨୧ କିଲୋମିଟର ବେଗରେ ଉତ୍ତର-ଉତ୍ତରପୂର୍ବରୁ ଉତ୍ତର-ପୂର୍ବ ଦିଗକୁ ଗତି କରିଥିଲା ।ତଥ୍ୟ ଅନୁସାରେ, ଏହି ବାତ୍ୟାରେ ପବନର ବେଗ ଘଣ୍ଟା ପ୍ରତି ସର୍ବାଧିକ ୧୦୮ କିଲୋମିଟର ଥିଲା ଏବଂ ପବନର ଝଟକା ଘଣ୍ଟା ପ୍ରତି ୧୩୭ କିଲୋମିଟର ପର୍ଯ୍ୟନ୍ତ ରହିଥିଲା ।ସେଣ୍ଟ୍ରାଲ୍ ଏମର୍ଜେନ୍ସି ଅପରେସନ୍ସ ସେଣ୍ଟର୍ ଅନୁଯାୟୀ, ଶନିବାର ସକାଳ ସୁଦ୍ଧା ତାଇୱାନରେ ପ୍ରବଳ ପବନ ଓ ବର୍ଷା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ୫୨୭ ଜଣ ଆହତ



ହୋଇଛନ୍ତି। ମୃତକ ଜଣଙ୍କ ପିଙ୍ଗଟୁଙ୍ଗ କାଉଣ୍ଟିର ଲିଉକିଉ ଟାଉନ୍‌ସିପ୍ ଅଞ୍ଚଳର। ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ତାଇପେଇ ଏବଂ ତାଇଚୁଙ୍ଗ ସହରର ଅଟନ୍ତି। ବାତ୍ୟା ପ୍ରଭାବରୁ ମୁଖ୍ୟତଃ ଗଛ ଭାଙ୍ଗି ପଡ଼ିବା, ବିଦ୍ୟୁତ୍ ତାର ଓ ବିଜ୍ଞାପନ ବୋର୍ଡ ଖସି ପଡ଼ିବା ଏବଂ ପାଣି ପାଇପ୍ ନଷ୍ଟ ହୋଇଯିବା କାରଣରୁ ଲୋକମାନେ ଆହତ ହୋଇଥିବା କୁହାଯାଇଛି।

## ଭତ୍ତା ନ ପାଇ ଜୀବନ ହାରିଲେ ହିତାଧିକାରୀ !

ପରଜଙ୍ଗ,୨୪।୧୦: ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ୍ ଅନ୍ତର୍ଗତ ରୋଡ଼ ଗ୍ରାମରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସ୍ଥାନୀୟ ଗ୍ରାମବାସୀ ଏବଂ ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ, ମୃତକ ହେଲେ ରାକେଶ ସାହୁ । ପରିବାର ଭରଣପୋଷଣ ଲାଗି ସାମାଜିକ ସୁରକ୍ଷା ପେନସନ(ଭତ୍ତା) ଉପରେ ସେ ନିର୍ଭର କରୁଥିଲେ । ମାତ୍ର ଗତ ୪ ମାସ ହେବ ଏହା ନ ପାଇଁ ସେ ଶନିବାର ଜୀବନ ହାରିଛନ୍ତି।

## ଆନ୍ଧ୍ର ଉପକୂଳମୁହାଁ ବାତ୍ୟା

- ୨୫ରେ ଗଭୀର ଅବପାତ,୨୬ରେ ବାତ୍ୟା
- ୨୭ରେ ପ୍ରବଳ ବର୍ଷା,୨୮ରେ ଅତିକ୍ରମ କରିବ ବିଶାଖାପଟନମ୍-ବାପଟଲା
- ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ରହିପାରେ ସର୍ବାଧିକ ୧୨୫ କିମି
- ଝଟକା ପବନ ରହିପାରେ ୧୪୦ କିମି
- ଦକ୍ଷିଣ ଓଡ଼ିଶାରେ ରଚିପାରେ ବର୍ଷାର ତାଣ୍ଡବ
- ସତର୍କତା ପାଇଁ ଖୋଲାଗଲା ଇନ୍ଦ୍ରାବତୀ ଜଳଭଣ୍ଡାରର ୨ ଫାଟକ

ଭୁବନେଶ୍ୱର,୨୪।୧୦: ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟ ସୁଦୃଶ୍ୟ ଲଘୁଚାପ ଅବପାତରେ ପରିଣତ ହୋଇଛି। ୨୫ ତାରିଖ ବେଳକୁ ଏହା ଗଭୀର ଅବପାତରେ ପରିଣତ ହେବ। ୨୬ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। ୨୮ ତାରିଖ ସକାଳେ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଉପକୂଳ ଛୁଇଁବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ପ୍ରଥମେ ସୂଚନା ଦେଇଥିଲେ । ତେବେ ଶନିବାର ମିଳିଥିବା ସୂଚନାନୁଯାୟୀ ୨୮ ତାରିଖ ସକାଳେ ବାତ୍ୟା ବିଶାଖାପଟନମ-ବାପଟଲା ମଧ୍ୟଦେଇ ଅତିକ୍ରମ କରିବ। ବାତ୍ୟା ଏବେ ବିଶାଖାପଟନମଠାରୁ ୮୨୦ କିମି ଓ ବାପଟଲାଠାରୁ ୧୧ଶହ କିମି



ଦୂରରେ ରହିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିମି ରହିପାରେ । ଝଟକା ପବନର ବେଗ ଘଣ୍ଟାପ୍ରତି ୧୪୦ କିମି ହୋଇପାରେ ।ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷିପାରେ। ସୂଚନା ଅନୁସାରେ, ୨୬ ତାରିଖରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ। ୨୭ ଓ ୨୮ ଦୁଇଦିନ ଧରି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୨୭ ତାରିଖରେ ଗଜପତି, ଗଞ୍ଜାମ ଓ ପୁରୀ ଜିଲାକୁ ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି ହୋଇଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା, ନୟାଗଡ଼ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ଅନ୍ୟ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ୨୮ ତାରିଖ ପାଇଁ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାକୁ ରେଡ୍ ୱାର୍ନିଂ ଦିଆଯାଇଛି। ଏକ ସୂଚନାନୁଯାୟୀ ସର୍ତକତାମୂଳକ ପଦକ୍ଷେପ ପାଇଁ ନବରଙ୍ଗପୁର ଇନ୍ଦ୍ରାବତୀ ଜଳଭଣ୍ଡାର ୩ ଓ ୬ ନମ୍ବର ଗେଟ୍ ଖୋଲାଯାଇଛି। ଅଧିକାଂଶ ପାଣିପାଗ ମଡେଲରେ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବା ନେଇ ଆକଳନ କରିଛନ୍ତି।

CMYK

# କୁମାର ପୂର୍ଣ୍ଣିମା ଓ ଚାନ୍ଦ ଚକଟା

## ସୌନ୍ଦର୍ଯ୍ୟ, ସଂସ୍କୃତି ଓ ଚେତନାର ଶୁଭ୍ର ସଙ୍ଗମ



ଶାରଦୀୟ ଉତ୍ସବର ଝଙ୍କାରରେ ଯେତେବେଳେ କାଶତଣ୍ଡୀର ଧବଳ ଲହରୀ ନାଚିଉଠେ, ନୀଳ ଆକାଶରୁ କଳା ମେଘମାଳା ବିଦାୟ ନିଅନ୍ତି, ସେତିକିବେଳେ ଓଡ଼ିଶାର ଧୂଳିମାଟିରେ ଆରମ୍ଭ ହୁଏ ଏକ ଅନନ୍ୟ ଆନନ୍ଦର ପର୍ବ କୁମାର ପୂର୍ଣ୍ଣିମା। ଆଶ୍ୱିନ ଶୁକ୍ଳପକ୍ଷର ଏହି ପୂର୍ଣ୍ଣିମା କେବଳ ଏକ ତିଥି ନୁହେଁ, ବରଂ ଓଡ଼ିଆ ଜାତୀୟ ଜୀବନର ସୁକୁମାର ଭାବପ୍ରବଣତା, ସୌନ୍ଦର୍ଯ୍ୟଚେତନା, ନାରୀତ୍ୱର ଆହ୍ଲାଦ ଓ ସାମାଜିକ ସୌହାର୍ଦ୍ଦ୍ୟର ଏକ ପବିତ୍ର ଉଚ୍ଛ୍ୱାସ। ସୂର୍ଯ୍ୟଙ୍କ ତେଜରୁ ଆରମ୍ଭ ହୋଇ ଚନ୍ଦ୍ରଙ୍କ ଶୀତଳତାରେ ଲୀନ ହେଉଥିବା ଏହି ପର୍ବର କେନ୍ଦ୍ରବିନ୍ଦୁ ହେଉଛି 'ଚାନ୍ଦ ଚକଟା'। ଏହା ଏକ ପାରମ୍ପରିକ ଅର୍ଘ୍ୟ ନୁହେଁ, ବରଂ ମାନବ ଅନ୍ତରର ଶୁଦ୍ଧତା, ସମର୍ପଣ ଏବଂ ସାମଗ୍ରିକ କଲ୍ୟାଣର ଏକ ରସମୟ ପ୍ରତୀକ। କୁମାର ପୂର୍ଣ୍ଣିମା ଓ ଚାନ୍ଦ ଚକଟାର ଏହି ପାରସ୍ପରିକ ସମ୍ପର୍କ ଆମକୁ ଭୂମିରୁ ଭୂମା ଆଡ଼କୁ, ବ୍ୟକ୍ତିସତ୍ତାରୁ ବିଶ୍ୱଚେତନା ଆଡ଼କୁ ଅଗ୍ରସର କରାଏ।





ପୌରାଣିକ ଉପାଖ୍ୟାନ ଅନୁସାରେ, ଦେବାସୁର ସଂଗ୍ରାମ ସମୟରେ ତାରକାସୁରର ଅତ୍ୟାଚାରରୁ ଦେବତାମାନଙ୍କୁ ରକ୍ଷା କରିବା ପାଇଁ ମହାଦେବ ଶିବ ଓ ମାତା ପାର୍ବତୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ କୁମାର କାର୍ତ୍ତିକେୟ। କାର୍ତ୍ତିକେୟ ଥିଲେ ଅତୁଳନୀୟ ସୌନ୍ଦର୍ଯ୍ୟ, ଅମିତ ପରାକ୍ରମ, ଧର୍ମନିଷ୍ଠା ଓ ଶୌର୍ଯ୍ୟର ଅଧିକାରୀ। ସେ ସେନାପତି ଭାବେ ଅସୁର ଦଳନ କରି ଧର୍ମର ସ୍ଥାପନା କରିଥିଲେ। ଏହି ଆଶ୍ୱିନ ପୂର୍ଣ୍ଣିମା ଦିନ ତାଙ୍କର ଜନ୍ମୋତ୍ସବ ବା ବିଜୟୋତ୍ସବ ପାଳିତ ହେଉଥିବାରୁ ଏହା 'କୁମାର ପୂର୍ଣ୍ଣିମା' ନାମରେ ଖ୍ୟାତ ହେଲା।

ଏହା ସହିତ ଏହି ରାତ୍ରିକୁ 'କୋଜାଗରୀ ପୂର୍ଣ୍ଣିମା' କୁହାଯାଏ। 'କୋ ଜାଗର୍ତ୍ତି' ଅର୍ଥାତ୍ ଏହି ରାତିରେ କିଏ ଜାଗ୍ରତ ଅଛି ? ବିଶ୍ୱାସ ରହିଛି, ଧନଦାତ୍ରୀ ମାତା ଲକ୍ଷ୍ମୀ ଏହି ରାତିରେ ଧରାପୃଷ୍ଠ ଭ୍ରମଣ କରନ୍ତି ଏବଂ ଯେଉଁମାନେ ଶୁଦ୍ଧ ଚିତ୍ତରେ କର୍ମତତ୍ପର ଓ ଜାଗ୍ରତ ରହି ଉପାସନା କରନ୍ତି, ତାଙ୍କୁ ଧନ, ଧାନ୍ୟ ଓ ସମୃଦ୍ଧିର ବରଦାନ ଦିଅନ୍ତି। ତେଣୁ ଏହି ପର୍ବ ଗୋଟିଏ ପଟେ ବୀରତ୍ୱର ପ୍ରତୀକ କୁମାରଙ୍କର ଏବଂ ଅନ୍ୟପଟେ କଲ୍ୟାଣମୟୀ ମାତା ଲକ୍ଷ୍ମୀଙ୍କର ଆରାଧନାର ଏକ ସୁନ୍ଦର ସମନ୍ୱୟ।

କୁମାରୀ ବା ଅବିବାହିତା କନ୍ୟାମାନଙ୍କ ପାଇଁ ଏହି ଦିନଟି ସ୍ୱପ୍ନ ଓ ସଂକଳ୍ପର ଦିନ। ପାରମ୍ପରିକ ବିଶ୍ୱାସ ଅନୁଯାୟୀ, କନ୍ୟାମାନେ କାର୍ତ୍ତିକେୟଙ୍କ ଭଳି ରୂପବାନ, ଚରିତ୍ରବାନ, ଧର୍ମପରାୟଣ ତଥା ରକ୍ଷଣଶୀଳ ଜୀବନସାଥୀ ପାଇବା ପାଇଁ ଏହି ବ୍ରତ ପାଳନ କରନ୍ତି। କିନ୍ତୁ ଏହାର ଅନ୍ତର୍ନିହିତ ଅର୍ଥ ଆହୁରି ଗଭୀର। ଏହା କେବଳ ଶାରୀରିକ ସୌନ୍ଦର୍ଯ୍ୟ ଥିବା ସ୍ୱାମୀ ପାଇବାର କାମନା ନୁହେଁ, ବରଂ ଏକ ସଂସ୍କାରପୂର୍ଣ୍ଣ, ନିଷ୍ଠାପର ଓ ଆଦର୍ଶ ଜୀବନସଙ୍ଗୀର ପ୍ରତୀକ୍ଷା। ଜୀବନର ନୂତନ ପାହାଚକୁ ପାଦ ବଢ଼ାଇବା ପୂର୍ବରୁ ଜଣେ କନ୍ୟା ନିଜର ମନ, ବଚନ ଓ କର୍ମକୁ ଶୁଚିମନ୍ତ କରି ଭବିଷ୍ୟତର ପାରିବାରିକ ଦାୟିତ୍ୱକୁ ସମ୍ଭାଳିବା ପାଇଁ ଆଧ୍ୟାତ୍ମିକ ଶକ୍ତି ପ୍ରାର୍ଥନା କରେ।

କୁମାର ପୂର୍ଣ୍ଣିମାର ବିଧି ପ୍ରକୃତି ସହିତ ମଣିଷର ନିବିଡ଼ ସମ୍ପର୍କକୁ ଦର୍ଶାଏ। ଏହା ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ସମ୍ପାଦିତ ହୁଏ । ପ୍ରଭାତରେ ସୂର୍ଯ୍ୟାରାଧନା (ପ୍ରଥମ ଅଞ୍ଜୁଳି): କୁମାରୀ କନ୍ୟାମାନେ ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି। ତୁଳସୀ ଚଉରା ମୂଳରେ ଝୋଟି-ଚିତା ପକାଇ ଉଦିତ ସୂର୍ଯ୍ୟଦେବଙ୍କୁ ଖଇ, କଦଳୀ, ଫଳମୂଳ ସହ 'ଅଞ୍ଜୁଳି' ଟେକନ୍ତି। ସୂର୍ଯ୍ୟ ହେଉଛନ୍ତି କର୍ମ, ତେଜ ଓ ଶକ୍ତିର ପ୍ରତୀକ; ତାଙ୍କୁ ପ୍ରଣାମ କରି ଜୀବନରେ ତେଜସ୍ୱୀ ହେବାର ସଂକଳ୍ପ ନିଆଯାଏ।

ସନ୍ଧ୍ୟାରେ ଚାନ୍ଦ ପୂଜା (ଦ୍ୱିତୀୟ ଅଞ୍ଜୁଳି): ସନ୍ଧ୍ୟା ସମୟରେ ଆକାଶରେ ଚାନ୍ଦ ଉଦିତ ହେବା ପରେ ପ୍ରକୃତ ଉତ୍ସବ ଆରମ୍ଭ ହୁଏ। ଚଉରା ମୂଳରେ ମନଲୋଭା ମୁରୁଜ ଅଙ୍କାଯାଏ। କାନ୍ଥ ଓ ଦାଣ୍ଡରେ ପଦ୍ମପାଦ ଚିତ୍ରିତ ହୁଏ। ନୂଆ କୁଲାରେ 'ଚାନ୍ଦ ଚକଟା' ସଜାଇ ରଖାଯାଏ। କୁମାରୀମାନେ ଚନ୍ଦ୍ରଦେବଙ୍କ ଆଡ଼କୁ ମୁହଁ କରି ଧୂପ, ଦୀପ, ଶଙ୍ଖ ଓ ହୁଳହୁଳି ଧ୍ୱନି ମଧ୍ୟରେ ଅଞ୍ଜୁଳି ଟେକି ଚନ୍ଦ୍ରଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି।

**ଚାନ୍ଦ ଚକଟା:** ସ୍ୱାଦ, ସୌନ୍ଦର୍ଯ୍ୟ ଓ ପ୍ରକୃତିର ସୁଷମା ଚାନ୍ଦ ଚକଟା କେବଳ ଏକ ଭୋଗ ନୁହେଁ, ଏହା ଓଡ଼ିଆ ରୋଷେଇ ଓ ସାଂସ୍କୃତିକ ଭାବନାର ଏକ ଅପୂର୍ବ କଳାତ୍ମକ ନିଦର୍ଶନ। ପ୍ରସ୍ତୁତି ସାମଗ୍ରୀ: ଏଥିପାଇଁ ନୂଆ ଧାନରୁ ପ୍ରସ୍ତୁତ ଖଇ, ଗାଈର କଞ୍ଚା କ୍ଷୀର, ସତେଜ ଛେନା, ପାଚିଲା କଦଳୀ, କୋରା ନଡ଼ିଆ, ନାଉତିଆ ଆଖୁ ଖଣ୍ଡ, କାକୁଡ଼ି, ଅଦା, ଗୋଲମରିଚ, ଗୁଡ଼ କିମ୍ବା ଚିନି ଏବଂ ସୁବାସିତ କର୍ପୂର ବ୍ୟବହୃତ ହୁଏ। ରୂପକଳ୍ପ: ଏହି ସମସ୍ତ ସାମଗ୍ରୀକୁ ଏକାଠି ଭଲ ଭାବରେ ଚକଟି ଏକ ନୂତନ କୁଲାରେ ପୂର୍ଣ୍ଣଚନ୍ଦ୍ର କିମ୍ବା ଅର୍ଦ୍ଧଚନ୍ଦ୍ର ଆକାରରେ ସଜାଯାଏ। ଏହାର ଶୁଭ୍ର ରୂପ ଆକାଶର ପୂର୍ଣ୍ଣ ଚନ୍ଦ୍ରମାର ଏକ ପ୍ରତିଛବି ଭଳି ଭୂମିରେ ପ୍ରତୀୟମାନ ହୁଏ। ଖଇ ହେଉଛି ଅନ୍ତରର ପବିତ୍ରତା ଓ ବିସ୍ଫୋରିତ ଉଲ୍ଲାସର ପ୍ରତୀକ। ଛେନା ଓ କ୍ଷୀର ସ୍ନେହର ପ୍ରତୀକ, କଦଳୀ ଓ ଗୁଡ଼ ମଧୁରତାର ପ୍ରତୀକ ଏବଂ ଗୋଲମରିଚ ହେଉଛି ଜୀବନର ଘାତ-ପ୍ରତିଘାତକୁ ସହ୍ୟ କରିବାର ତୀକ୍ଷ୍ଣତା। ଏହି ସବୁର ସମ୍ମିଶ୍ରଣରେ ଯେଉଁ 'ଚାନ୍ଦ ଚକଟା' ପ୍ରସ୍ତୁତ ହୁଏ, ତାହା ମନୁଷ୍ୟକୁ ଶିଖାଏ ଯେ ଜୀବନ ସୁଖ-ଦୁଃଖ, ସ୍ନେହ-ତେଜର ଏକ ସୁମଧୁର ସମନ୍ୱୟ।

ଏହି ପର୍ବ କେବଳ ଧର୍ମାନୁଷ୍ଠାନ ଭିତରେ ସୀମାବଦ୍ଧ ନୁହେଁ। ଏଥିରେ ମାନବ ଜୀବନର ବହୁବିଧ ମୂଲ୍ୟବୋଧ ନିହିତ— କୁମାର ପୂର୍ଣ୍ଣିମା ସାମାଜିକ ଏକତା ଓ ସୌହାର୍ଦ୍ଦ୍ୟର ଏକ ବିଶାଳ ପ୍ଲାଟଫର୍ମ। ପୂଜା ପରେ ଗାଁ ଦାଣ୍ଡରେ ଝିଅମାନେ ଏକାଠି ହୋଇ ପୁଚି ଖେଳନ୍ତି। ପୁଚି କେବଳ ଖେଳ ନୁହେଁ, ଏହା ନାରୀ ଶରୀରକୁ ସୁଦୃଢ଼ ଓ ନମନୀୟ ରଖିବାର ଏକ ପାରମ୍ପରିକ ଯୋଗାସନ। ସାହିପଡ଼ିଶାରେ ଚାନ୍ଦ ଚକଟା ବଣ୍ଟନ କରିବା ଦ୍ୱାରା ପରସ୍ପର ମଧ୍ୟରେ ଥିବା ବିଦ୍ୱେଷ ଦୂର ହୁଏ ଏବଂ ଭ୍ରାତୃଭାବ ବୃଦ୍ଧି ପାଏ।

ଏହି ପର୍ବ ଶିଖାଏ ଯେ ସୌନ୍ଦର୍ଯ୍ୟ ବାହାରର ନୁହେଁ, ଅନ୍ତରର। କୁମାରୀମାନେ ଯେତେବେଳେ ଉପବାସ ରହି ନିଷ୍ଠାର ସହ ପ୍ରାର୍ଥନା କରନ୍ତି, ତାହା ତାଙ୍କ ମଧ୍ୟରେ ଇନ୍ଦ୍ରିୟ ସଂଯମ, ତ୍ୟାଗ ଓ ଧୈର୍ଯ୍ୟ ଭଳି ନୈତିକ ଗୁଣ ବିକଶିତ କରେ। ସମାଜରେ ପରସ୍ପରକୁ ଆଦର କରିବା ଏବଂ ପ୍ରକୃତିର ପ୍ରତ୍ୟେକ ଉପାଦାନକୁ କୃତଜ୍ଞତା ଜଣାଇବା ଏହି ପର୍ବର ପ୍ରମୁଖ ମାନବୀୟ ଶିକ୍ଷା।

ସୂର୍ଯ୍ୟଙ୍କଠାରୁ ଚନ୍ଦ୍ର ପର୍ଯ୍ୟନ୍ତ ଯାତ୍ରା ଜୀବନର ପୂର୍ଣ୍ଣତାକୁ ବୁଝାଏ। ସୂର୍ଯ୍ୟ ଆମକୁ କଠିନ ପରିଶ୍ରମ ଓ କର୍ମ କରିବା ଶିଖାନ୍ତି ଏବଂ ଚନ୍ଦ୍ର ଆମକୁ ଶାନ୍ତି, ସନ୍ତୋଷ ଓ ଶୀତଳତା ପ୍ରଦାନ କରନ୍ତି। ଯେତେବେଳେ ଜୀବନରେ କର୍ମ (ସୂର୍ଯ୍ୟ) ଏବଂ ଶାନ୍ତି (ଚନ୍ଦ୍ର)ର ସନ୍ତୁଳନ ରହେ, ସେତେବେଳେ ମନୁଷ୍ୟ ଏକ ସାର୍ଥକ ଜୀବନ ଜିଇଁଥାଏ। ଚନ୍ଦ୍ର ହେଉଛନ୍ତି ମନର ଦେବତା। ('ଚନ୍ଦ୍ରମା ମନସୋ ଜାତଃ')। କୁମାର ପୂର୍ଣ୍ଣିମାର ରାତିରେ ମନରୁ ସମସ୍ତ ଅହଂକାର, କ୍ରୋଧ ଓ ମଳିନତାକୁ ଧୋଇ ଦେଇ ଚନ୍ଦ୍ରକିରଣ ଭଳି ଶୁଭ୍ର ଓ ନିର୍ମଳ ହେବା ହେଉଛି ଏହାର ମୁଖ୍ୟ ଦର୍ଶନ। ଚାନ୍ଦ ଚକଟାରେ ଥିବା ସାମଗ୍ରୀଗୁଡ଼ିକ ଯେପରି ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ହରାଇ ଏକ ମଧୁର ସ୍ୱାଦରେ ପରିଣତ ହୁଅନ୍ତି, ସେହିପରି ମନୁଷ୍ୟ ମଧ୍ୟ ନିଜର ସ୍ୱାର୍ଥପରତାକୁ ତ୍ୟାଗ କରି ସମଗ୍ର ସମାଜ ସହ ମିଶି ଏକାକାର ହେବା ଉଚିତ।

କୁମାର ପୂର୍ଣ୍ଣିମା ଓ ଚାନ୍ଦ ଚକଟା ଆଜିର ଯନ୍ତ୍ରଣାକ୍ଲିଷ୍ଟ, ଯାନ୍ତ୍ରିକ ଓ ବିଭାଜିତ ମାନବ ସମାଜକୁ ଏକ ବଳିଷ୍ଠ ବାର୍ତ୍ତା ପ୍ରଦାନ କରେ ପ୍ରକୃତି ସହ ପୁନଃସଂଯୋଗ: ଆଜି ଆମେ କଂକ୍ରିଟ୍ ଘର ଭିତରେ ବନ୍ଦୀ ହୋଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭୁଲିଯାଇଛୁ। କୁମାର ପୂର୍ଣ୍ଣିମା ଆମକୁ ଖୋଲା ଆକାଶ ତଳକୁ ଆସିବାକୁ, ଜହ୍ନର ଶୀତଳ କିରଣକୁ ଉପଭୋଗ କରିବାକୁ ଏବଂ ପ୍ରକୃତିକୁ ଭଲପାଇବାକୁ ଆହ୍ୱାନ ଦିଏ। ଜୀବନରେ ମଧୁରତାର ସଞ୍ଚାର: ଚାନ୍ଦ ଚକଟାର ସ୍ୱାଦ ଭଳି ଆମ କଥା, ବ୍ୟବହାର ଓ ଚିନ୍ତାରେ ମଧୁରତା ରହିବା ଆବଶ୍ୟକ। କ୍ରୋଧ ଓ ହିଂସାର ଅଗ୍ନିରେ ଜଳୁଥିବା ପୃଥିବୀକୁ କେବଳ ଚନ୍ଦ୍ରର ପ୍ରେମ ଓ ଶୀତଳତା ହିଁ ଶାନ୍ତ କରିପାରିବ। ସମ୍ପର୍କର ସେତୁ: ସାମାଜିକ ଦୂରତା ଓ ଏକାକୀପଣର ଏହି ଯୁଗରେ ଏକାଠି ବସି ହସିବା, ଗୀତ ଗାଇବା ଏବଂ ପ୍ରସାଦ ବାଣ୍ଟି ଖାଇବାର ଆନନ୍ଦ ହିଁ ମାନବ ସଭ୍ୟତାକୁ ବଞ୍ଚାଇ ରଖିବ।କୁମାର ପୂର୍ଣ୍ଣିମା କେବଳ କୁମାରୀ କନ୍ୟାମାନଙ୍କର ଏକ ସୀମିତ ପର୍ବ ନୁହେଁ; ଏହା ହେଉଛି ଉତ୍କଳୀୟ ଆତ୍ମାର ଏକ ଚିରନ୍ତନ ଉତ୍ସବ। ଏହା ଶିଖାଏ ଯେ ପ୍ରତ୍ୟେକ ମଣିଷ ନିଜ ହୃଦୟରେ ଏକ ଶୁଭ୍ର ପୂର୍ଣ୍ଣିମାର ଜହ୍ନକୁ ଧାରଣ କରିବା ଉଚିତ। ଯେଉଁଠି କୌଣସି କଳଙ୍କ ବା ମଳିନତା ରହିବ ନାହିଁ, କେବଳ ରହିବ ସ୍ନେହ, ପ୍ରେମ ଓ ଶୀତଳ ଆଲୋକ। ଚାନ୍ଦ ଚକଟାର ପବିତ୍ର ସୁବାସ ଓ ଶରତର ମନୋରମ ଜ୍ୟୋତ୍ସ୍ନାରେ ସମଗ୍ର ମାନବ ଜାତିରୁ ହିଂସା, ଦ୍ୱେଷ ଓ ଅନ୍ଧକାର ଦୂର ହେଉ; ପ୍ରତ୍ୟେକ ପ୍ରାଣରେ ଶାନ୍ତି, ସନ୍ତୋଷ ଓ ଆନନ୍ଦର ଅମୃତ ଝରିପଡୁ ଏହା ହିଁ କୁମାର ପୂର୍ଣ୍ଣିମାର ଚରମ ଓ ପରମ ଆହ୍ୱାନ।

**ମନୋଜ କୁମାର ଶତପଥି**
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ
ମୋ: ୯୯୩୮୫୫୯୫୬୮

# ଶିବ ଧନୁ



ରାବଣ ଜଣେ ବଳଶାଳୀ ରାଜା ଥିଲା। ସେ ଶିବଙ୍କ ସହ କୈଳାସ ପର୍ବତକୁ ହାତରେ ଉଠାଇଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ଶିବ ଧନୁ ଉଠାଇ ପାରିନଥିଲା। ସେହି ଧନୁକୁ ଭଗବାନ ଶ୍ରୀରାମ ଉଠାଇ ଗୁଣ ଚଢ଼ାଇବା ବେଳେ ତାହା ଭାଙ୍ଗିଯାଇଥିଲା। ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାବଣ କୈଳାସ ପର୍ବତ ହାତରେ ତୋଳି ଧରି ଥିଲା ଶିବଧନୁ ଉଠାଇ ପାରିଲାନି କାହିଁ। ତେବେ ଏହି ପ୍ରଶ୍ନର ଉତ୍ତରଏହିଭଳି। ଶିବଙ୍କ ଧନୁ ବହୁତ ଶକ୍ତିଶାଳୀ ଓ ଚମତ୍କାରିକ ଥିଲା। ଶିବଙ୍କ ଧନୁର ଟଙ୍କାର ଶବ୍ଦରେ ବାଦଲ ବି ଫାଟିଯାଉଥିଲା। କୁହାଯାଏ ଏହାର ଟଙ୍କାରରେ ହିମାଳୟ ବି କମ୍ପୁଥିଲା। ଏହି ଧନୁରୁ ବାହାରିଥିବା ଗୋଟିଏ ତିର ତ୍ରିପୁରାସୁରର ୩ଟି ନଗରୀଙ୍କୁ ଧ୍ୱଂସ ହୋଇଯାଇଥିଲା। ଏହି ଧନୁର ନାମ ଥିଲା ପିନାକ। ତେବେ ଦେବୀଦେବତାଙ୍କ ସମୟ ସମାପ୍ତି ପରେ ଧନୁକୁ ଇନ୍ଦ୍ରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଦେବତାମାନେ ଏହି ଧନୁକୁ ଜନକଙ୍କ ପୂର୍ବଜ ତଥା ନିମିଙ୍କ ଜ୍ୟେଷ୍ଠପୁତ୍ର ଦେବରାଜଙ୍କୁ ଦେଇଦେଇଥିଲେ। ପରିବାରର ଉତ୍ତରାଧିକାରରେ ଧନୁଟି ଜନକଙ୍କ ଅଧୀନକୁ ଆସିଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ରଖା ଯାଇଥିବା ଧନୁ ଉଠାଇବାକୁ ସର୍ତ୍ତ ଥିଲା। ରାବଣ ବାହୁବଳରେ କୈଳାସ ପର୍ବତକୁ ହାତରେ ଉଠାଇଥିଲା। ହେଲେ ଅହଂକାର ଯୋଗୁ ଧନୁକୁ ଉଠାଇପାରିନଥିଲା। ସେ ଯେତେ ବଳ ପ୍ରୟୋଗ କରୁଥିଲା ଧନୁ ସେତେ ଭାରି ହୋଇଯାଉଥିଲା। କାରଣ ଥିଲା ଧନୁର ଦୈବୀ ଶକ୍ତି। ଯେତେବେଳେ ଜଣକ ପରେ ଜଣେ ରାଜା ଧନୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଲେ ଗୁରୁ ବିଶ୍ୱାମିତ୍ର ରାମଙ୍କୁ ଧନୁ ଉଠାଇବାକୁ ଆଦେଶ ଦେଲେ। ରାମଚନ୍ଦ୍ର ଜାଣି ଯାଇଥିଲେ ଧନୁର ଐଶ୍ୱରିକ ଶକ୍ତି ରହିଛି। ଏଣୁ ସେହି ଅନୁସାରେ ପ୍ରସ୍ତୁତି କରି ଉଠିଥିଲେ ଧନୁ ଉତ୍ତୋଳନ ଲାଗି।

ରାମଚନ୍ଦ୍ର ଧନୁ ନିକଟରେ ପହଞ୍ଚି ପ୍ରଥମେ ପ୍ରଣାମ କରିବା ସହ ଶସ୍ତ୍ରକୁ ସମ୍ମାନ କରିଥିଲେ। ଏହା ଶିବ ଧନୁ ହୋଇଥିବାରୁ ପ୍ରଦୀକ୍ଷଣ କରି ନିଜକୁ ଶରଣ କରିଥିଲେ। ଫଳରେ ଧନୁ ଶୁଖିଲା ତୃଣ ଠାରୁ ବି ହାଲୁକା ହୋଇଯାଇଥିଲା। ଯାହାକୁ ମର୍ଯ୍ୟାଦା ପୁରୁଷୋତ୍ତମ ଅକ୍ଳେଶରେ ଉଠାଇ ଗୁଣ ଦେବାକୁ ଉଦ୍ୟମ କରନ୍ତେ ପ୍ରକାଣ୍ଡ ଧ୍ୱନି କରି ଭାଙ୍ଗିଯାଇଥିଲା। ରାମଙ୍କ ପୂର୍ବରୁ ସୀତା ମଧ୍ୟ ଧନୁକୁ ଉଠାଇଥିବାର ପୁରାଣ କୁହେ। ଶିବଙ୍କୁ ପ୍ରଣାମ ପୂର୍ବକ ମାତା ସୀତା ଧନୁକୁ ବାମ ହାତରେ ଉଠାଇ ସ୍ଥାନାନ୍ତର କରିଦେଇଥିଲେ।



## ଦେବତାଙ୍କ ଅସ୍ତିତ୍ୱ

ପୂଜ୍ୟ ବୃକ୍ଷ ମଧ୍ୟରେ ଅଶ୍ୱତ୍ଥ ବୃକ୍ଷର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଏହାକୁ ବିଶ୍ୱବୃକ୍ଷ, ଚୈତ୍ୟ ବୃକ୍ଷ ଏବଂ ବାସୁଦେବ ମଧ୍ୟ କୁହାଯାଏ । ସନାତନ ଦର୍ଶନ ଅନୁଯାୟୀ, ଏହାର ପତ୍ରରେ ଦେବତାମାନେ ବାସ କରନ୍ତି । ଭଗବାନ ବିଷ୍ଣୁଙ୍କ ଅଂଶ ରହିଛି ଅଶ୍ୱତ୍ଥ ବୃକ୍ଷରେ । ଏହି କାରଣରୁ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ କୃଷ୍ଣ ନିଜ ବିଭୂତିର ପରିଚୟ ପ୍ରଦାନ କରି ନିଜକୁ ଅଶ୍ୱତ୍ଥ ବୃକ୍ଷ ବୋଲି ବର୍ଣ୍ଣନା କରିଛନ୍ତି । ଋକ୍‌ବେଦରେ ଅଶ୍ୱତ୍ଥ ବୃକ୍ଷର ପାତ୍ର ବିଷୟରେ ଉଲ୍ଲେଖ ରହିଛି । ଏହାର କଠୋର କାଷ୍ଠକୁ ଅଗ୍ନିରେ ଜଳାଇବା ସମୟରେ ହୋମକୁଣ୍ଡରେ ଶମି କାଠର ଉପରେ ରଖାଯାଇଥାଏ । ଅଥର୍ବ ବେଦ ଏବଂ ଛାନ୍ଦୋଗ୍ୟ ଉପନିଷଦ୍‌ରେ ଏହି ବୃକ୍ଷ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଅଶ୍ୱତ୍ଥ ବୃକ୍ଷ ମୂଳରେ ଦେବତାମାନେ ବାସ କରିଥାନ୍ତି ବୋଲି ଉଲ୍ଲେଖ ରହିଛି । ଏହିସବୁ ଧାର୍ମିକ କାରଣ ଯୋଗୁଁ ଅଶ୍ୱତ୍ଥ ବୃକ୍ଷ ମୂଳରେ ଦୀପ ରଖି ପୂଜା କରାଯାଇଥାଏ ।



### ବାବା ବକ୍ରେଶ୍ୱରଙ୍କ ରହସ୍ୟମୟ କାହାଣୀ

# ପୂଜକଙ୍କ ଗୁହାରିରେ ବଦଳିଗଲା ନଦୀ !

କେବଳ ପୂଜକଙ୍କ ଗୁହାରି... ଆଉ ରାତି ପାହିଲା ବେଳକୁ ବଦଳିଗଲା ନଦୀର ଗତିପଥ । ଏହା କୌଣସି କାଳ୍ପନିକ କାହାଣୀ ନୁହେଁ, ବରଂ ବାଲେଶ୍ୱର ଜିଲ୍ଲାର ଏକ ପ୍ରସିଦ୍ଧ ଶୈବପୀଠକୁ ନେଇ ରହିଥିବା ଲୋକବିଶ୍ୱାସ ଓ କିମ୍ବଦନ୍ତୀ। କୁହାଯାଏ, ବନ୍ୟାଜଳରେ ଘେରି ରହିଥିବା ମନ୍ଦିରକୁ ଯାଇ ପୂଜା କରିବା ଅସମ୍ଭବ ହୋଇପଡ଼ିଥିଲା। ଶେଷରେ ବାବାଙ୍କ ନିକଟରେ ଗୁହାରି କରିଥିଲେ ପୂଜକ। ଆଉ ଲୋକକଥା ଅନୁସାରେ, ସକାଳ ହେବା ବେଳକୁ ନଦୀର ଗତିପଥ ବଦଳି ଯାଇଥିଲା । ଏହି ବିଶ୍ୱାସ, ଭକ୍ତି ଓ ରହସ୍ୟର କେନ୍ଦ୍ର ହେଉଛି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର କାଂଶବାଂଶ ନଦୀ କୂଳରେ ଅବସ୍ଥିତ ବାବା ବକ୍ରେଶ୍ୱରଙ୍କ ପୀଠ। ଘଣ୍ଟିର ନାଦ... ଧୂପଦୀପର ସୁଗନ୍ଧ... ଭକ୍ତଙ୍କ ମନରେ ଅଗାଢ଼ ବିଶ୍ୱାସ। ଆଉ ତା' ସାଙ୍ଗକୁ ଯୋଡ଼ି ହୋଇ ରହିଛି ଅନେକ ରହସ୍ୟମୟ କିମ୍ବଦନ୍ତୀ। ଏ ହେଉଛି ବାବା ବକ୍ରେଶ୍ୱରଙ୍କ ପବିତ୍ର ପୀଠ। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ତରଙ୍ଗ ଟିପିସିଗଡ଼ିଆ ଅଞ୍ଚଳରେ କାଂଶବାଂଶ ନଦୀ କୂଳରେ ଅବସ୍ଥିତ ଏହି ଶୈବପୀଠର ଇତିହାସ ଓ ଲୋକବିଶ୍ୱାସ ବେଶ୍ ପୁରୁଣା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଥମେ ବାବା ଏକ ଗଛ ମୂଳେ ପୂଜା ପାଉଥିଲେ। ପରେ ମାଖନପୁର ଅଞ୍ଚଳର ଜମିଦାରଙ୍କ ଦ୍ୱାରା ଏଠାରେ ମନ୍ଦିର ନିର୍ମାଣ ହୋଇଥିଲା। ପାଞ୍ଚଶହ ବର୍ଷରୁ ଅଧିକ ପୁରୁଣା ବୋଲି ବିଶ୍ୱାସ କରାଯାଉଥିବା ଏହି ପୀଠ ଆଜି ଅନେକ ଶ୍ରଦ୍ଧାଳୁଙ୍କ ଆସ୍ଥାର କେନ୍ଦ୍ର।

କିନ୍ତୁ ବାବା ବକ୍ରେଶ୍ୱରଙ୍କ ଏହି ପୀଠର ସବୁଠାରୁ ଚର୍ଚ୍ଚିତ କାହାଣୀ ହେଉଛି କାଂଶବାଂଶ ନଦୀର ଗତିପଥ ପରିବର୍ତ୍ତନକୁ ନେଇ। ଲୋକକଥା ଅନୁସାରେ, ଦିନେ ପ୍ରବଳ ବନ୍ୟା ଯୋଗୁଁ ମନ୍ଦିର ଚାରିପଟେ ଜଳ ଘେରି ରହିଥିଲା। ପୂଜକ ମହାଦେବ ମିଶ୍ର ମନ୍ଦିରକୁ ଯାଇ ପୂଜା କରିବାରେ ଅସୁବିଧା ଭୋଗୁଥିଲେ। ଶେଷରେ ବନ୍ୟାଜଳରେ ଛିଡ଼ା ହୋଇ ସେ ବାବାଙ୍କୁ ଗୁହାରି କରିଥିଲେ। ତାଙ୍କର ଆକୁଳ ନିବେଦନ ଥିଲା ଯଦି ବାବାଙ୍କ ପୂଜା କରିବାକୁ ହେବ, ତେବେ ନଦୀ ମନ୍ଦିରର ଅନ୍ୟ ପାର୍ଶ୍ୱକୁ ଚାଲିଯାଉ। କିମ୍ବଦନ୍ତୀ କହେ, ପରଦିନ ସକାଳେ ନଦୀର ଗତିପଥ ଦକ୍ଷିଣ ଦିଗକୁ ବଦଳି ଯାଇଥିବା ଦେଖାଯାଇଥିଲା। ଏହି ଘଟଣାକୁ ସ୍ଥାନୀୟ ଲୋକେ ବାବାଙ୍କ ମହିମା ସହ ଯୋଡ଼ି ଦେଖନ୍ତି। ତେବେ ଏହା ଏକ ପାରମ୍ପରିକ ଲୋକବିଶ୍ୱାସ ଓ କିମ୍ବଦନ୍ତୀ ଭାବେ ପ୍ରଚଳିତ।

କେବଳ ନଦୀର ଗତିପଥ ପରିବର୍ତ୍ତନର କିମ୍ବଦନ୍ତୀ ନୁହେଁ, ବାବାଙ୍କ ନାମକରଣକୁ ନେଇ ମଧ୍ୟ ରହିଛି ଏକ ବିଶେଷ ବିଶ୍ୱାସ। କୁହାଯାଏ, ଏଠାରେ ଥିବା ଶିବଲିଙ୍ଗ ଉତ୍ତର ଦିଗରୁ ଦକ୍ଷିଣ ଦିଗକୁ ବଙ୍କା ହୋଇ ରହିଛି। ଏହି କାରଣରୁ ମହାଦେବଙ୍କ ନାମ ହୋଇଛି ବାବା ବକ୍ରେଶ୍ୱର। ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ବିଶ୍ୱାସ, ବାବାଙ୍କ ନିକଟରେ ମାନସିକ ରଖିଲେ ମନସ୍କାମନା ପୂରଣ ହୁଏ। ସନ୍ତାନ ପ୍ରାପ୍ତି ହେଉ କିମ୍ବା ଜୀବନର ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇଁ ପ୍ରାର୍ଥନା - ଭକ୍ତମାନେ ଏଠାକୁ ଆସି ନିଜର ମନର କଥା ବାବାଙ୍କ ନିକଟରେ ଜଣାଇଥାନ୍ତି। ମାନସିକ ପୂରଣ ହେଲେ ଅନେକ ଭକ୍ତ ବାବାଙ୍କ ନିକଟରେ ଖେଚୁଡ଼ି ଭୋଗ ଲାଗି କରନ୍ତି।

ମହାଶିବରାତ୍ରିର ଜାଗର ହେଉ କି ଶ୍ରାବଣ ମାସର ପବିତ୍ର ଜଳାଭିଷେକ-ବର୍ଷର ବିଭିନ୍ନ ସମୟରେ ଏଠାରେ ଜମେ ଭକ୍ତଙ୍କ ସମାଗମ। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ବାବାଙ୍କ ଦର୍ଶନ କରନ୍ତି। ଭକ୍ତି, ପରମ୍ପରା ଓ ଲୋକବିଶ୍ୱାସ ଏହି ପୀଠକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ଶୈବପୀଠର ବିକାଶ ସହ ପର୍ଯ୍ୟଟକଙ୍କ ପାଇଁ ଆହୁରି ସୁବିଧା ଯୋଗାଇଦେବାକୁ ଦାବି ହେଉଛି। ମନ୍ଦିର ସହ ଜଡ଼ିତ ପର୍ଯ୍ୟଟନ ଭିତ୍ତିଭୂମି, ରାସ୍ତାଘାଟର ଉନ୍ନତିକରଣ ଓ ଅନ୍ୟାନ୍ୟ ସୁବିଧା ବୃଦ୍ଧି ପାଇଲେ ଏହି ପୀଠକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ଉପକୃତ ହୋଇପାରିବେ।

ଗୋଟିଏ ପଟେ କାଂଶବାଂଶ ନଦୀର ଶାନ୍ତ ପ୍ରବାହ, ଅନ୍ୟପଟେ ବାବା ବକ୍ରେଶ୍ୱରଙ୍କ ପ୍ରାଚୀନ ଶୈବପୀଠ। ଏଠାକାର ପ୍ରତ୍ୟେକ ପରମ୍ପରା ଓ ଲୋକକଥା ସହ ଯୋଡ଼ି ହୋଇ ରହିଛି ଭକ୍ତଙ୍କ ଗଭୀର ଆସ୍ଥା। ନଦୀର ଗତିପଥ ବଦଳିବାର କିମ୍ବଦନ୍ତୀ ହେଉ କି ବଙ୍କା ଶିବଲିଙ୍ଗର ମାହାତ୍ମ୍ୟ-ବାବା ବକ୍ରେଶ୍ୱରଙ୍କ ପୀଠ ଆଜି ବି ଶ୍ରଦ୍ଧାଳୁଙ୍କ ମନରେ ସୃଷ୍ଟି କରେ ଅଗାଢ଼ ବିଶ୍ୱାସ। ଏହି ପ୍ରାଚୀନ ପୀଠର ଐତିହ୍ୟକୁ ସଂରକ୍ଷଣ କରିବା ସହ ଏହାର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଗଲେ, ଆଗାମୀ ଦିନରେ ଏହା ଆହୁରି ଅନେକ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ।

ଦିନଲିପି



# ମାଲବନ୍ଧ ରାସ୍ତାରେ ଦୁଇ ଶୁଖିଲା ଗଛ ହଟାଇବାକୁ ଦାବି

କଣ୍ଟିଲୋ,(ନି.ପ୍ର): କଣ୍ଟିଲୋ ମୁଖ୍ୟ ବଜ଼ାର ଠାରୁ ପଶ୍ଚିମ ଦ୍ୱାର ଯିବା ନିକଟରେ ରହିଛି ମହାନଦୀ ମାଲବନ୍ଧ ଯାହାକି ମାଛବଜ଼ାରରୁ କଣ୍ଟିଲୋ କଲେଜ ରାସ୍ତାକୁ ସଂଯୋଗ କରୁଛି । ଏହା ଏକ ପ୍ରମୁଖ ଓ ବ୍ୟସ୍ତ ବହୁଳ ରାସ୍ତା । ମାଛ ବଜ଼ାର ଠାରୁ ଖୁବ ନିକଟରେ ରହିଛି ଦୁଇଟି ବିରାଟ କାୟ ଶୁଖିଲା ଗଛ । ଗଛ ଦୁଇଟି ଶୁଖି ତାହାର ଡାଳ ଭାଙ୍ଗି ରାସ୍ତାରେ ପଡୁଛି । ସେହି ରାସ୍ତାରେ ପ୍ରତ୍ୟେକ ଦିନ କଣ୍ଟିଲୋ ନିକଟସ୍ଥ ବଡ଼ ବାଣପୁର, ସିଧାମୁଳା ପଞ୍ଚାୟତର ସାଧାରଣ ଜନତା ସେହି ରାସ୍ତାରେ କଣ୍ଟିଲୋ ବଜ଼ାରକୁ ଯିବା ଆସିବା କରନ୍ତି । ମହିଳା, ପୁରଷ ଚାଷୀମାନେ କଟକ ଜିଲ୍ଲା ନରସିଂହପୁର, ଏକଡାଳ, କାକୁଡ଼ିଆ, ନୟାଗଡ ଜିଲ୍ଲା ଗଣିଆ,ଛାମୁଣ୍ଡିଆ ଆଖପାଖରୁ ପ୍ରତ୍ୟେକ ଦିନ ଭୋରରୁ ସେହି ରାସ୍ତାରେ ପରିବା ଧରି ଆସନ୍ତି । ତତ୍‌ସହିତ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦାଙ୍କ ଦୈନଦିନ ଚଳପ୍ରଚଳ ହୁଅନ୍ତି । ମାଛ ବଜ଼ାର ରାସ୍ତାରେ ଦୈନନ୍ଦିନ କଲେଜ



ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଯାଆସ କରିଥାନ୍ତି । ସେହି ମାଲବନ୍ଧ ସମୁଖରେ କଣ୍ଟିଲୋ ବଜ଼ାରରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତିଙ୍କ ଜୀବନ ବିପଦରେ । ଯଦି ଗଛ ଦୁଇଟି ଉପୁଡି ପଡିବ କଣ୍ଟିଲୋ ବଜ଼ାର ଦେଇ ଯାଇଥିବା ରାଜ୍ୟ ରାଜପଥ ନଂ ୪୮ ଓ ବଜ଼ାରରେ ଚଳପ୍ରଚଳ ହେଉଥିବା ସାଧାରଣ ଜନତାଙ୍କ ଜୀବନ ପ୍ରତି ଘୋର ବିପଦ ରହିଛି । ସେହି ଶୁଖିଲା ଗଛ ଉଚ୍ଚତାକୁ ଦେଖିଲେ ଭୟ କରୁଛନ୍ତି ଜନତା । ଏଥିପ୍ରତି ଜଳ ସେଚନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ୩୧ ୟୁନିଟ ରକ୍ତ ସଂଗୃହୀତ

ସାଲେପୁର,(ନିପ୍ର): ସାଲେପୁର ବ୍ଲକ ଗୋପୀନାଥପୁର ପଂଚାୟତ ହରିଡ଼ା ପଡିଆ ଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଶାରଦୀୟ ସାଂସ୍କୃତିକ ମହୋତ୍ସବ-୨୦୨୬ ଓ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ତଥା ଶାରଦୀୟ ସାଂସ୍କୃତିକ ମହୋତ୍ସବ କମିଟି ଅଧ୍ୟକ୍ଷ ବିକାଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାଲେପୁରରେ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଅଞ୍ଚଳ ଭାବରେ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ବିଶିଷ୍ଟ ଅତିଥି ଭାବରେ ଇଫକୋ ପାରାଦ୍ୱୀପର ଲୋକ ସମ୍ପର୍କ ଅଧିକାରୀ ଡ଼ଃ ପ୍ରସନ୍ନ କୁମାର ବେଉରା, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିଳ୍ପପତି ପରେଶ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ସାଂସ୍କୃତିକ ମହୋତ୍ସବ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ସାଲେପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ହଳଧର ସାହୁ ଉଦ୍‌ଘାଟନ କରିଥଲେ । ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ବ୍ୟାଙ୍କ ସଂକ୍ରାନ୍ତ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଙ୍କୀ,(ନିପ୍ର): କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ୨ଦିନ ଧରି ଚାଲିଥିବା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପନ ହୋଇଛି । କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ଅଧୀନସ୍ଥ ୩୦ଗୋଟି ସମବାୟ ସମିତିର ସଭାପତି, ଉପସଭାପତି, ନିର୍ଦ୍ଦେଶକ ମାନଙ୍କ ପାରଦର୍ଶୀ ପରିଚାଳନା ଓ ସୁଫଳ ସଂଚାଳନ ପାଇଁ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ବାଙ୍କୀ କେନ୍ଦ୍ର ସମବାୟ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଉଦ୍‌ଘାଟନ କରିବା ସହ ତାଲିମ୍ ପରିଚାଳନା ପରିଷଦର ସଭ୍ୟମାନଙ୍କୁ ସମିତି ପରିଚାଳନା କରିବା ପାଇଁ ସଠିକ୍ ଦିଗ୍‌ଦର୍ଶନ ଦେବା ସହ କିପରି ଏହା ଲାଭବାନ ହୋଇପାରିବ ତାହା ଉପରେ ବିଶଦ ଆଲୋଚନା କରିଥିଲେ । ନାବାର୍ଡର ପୂର୍ବତନ ପରିଚାଳକ ବୈକୁଣ୍ଠନାଥ ହେମ୍ବ୍ରମ୍ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପ୍ରଶିକ୍ଷକ ଉମାକାନ୍ତ ମହାରଣା ସମିତି ଗୁଡିକ କିପରି ସୁପରିଚାଳନା ହେବା ସହ ଚାଷୀମାନେ କିପରି ଋଣ ଲଗାଣ ସହ ଆଦାୟ ହୋଇ



ପାରିବ ତାହା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସମିତିଗୁଡିକ ଠିକ୍ ସମୟରେ ପରିଚାଳନା ପରିଷଦର ବୈଠକ କରିବା ସହ ସାଧାରଣ ସଭାରେ କିପରି ସବୁ ସଭ୍ୟମାନଙ୍କର ସହଭାଗିତା ରହିପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସମିତିର ଋଣ ଆଦାୟ ସୁପରିଚାଳନା, ବ୍ୟବସାୟର ବହୁମୁଖୀ କରଣ, ସମିତିର ଉତ୍ତମ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ତାଲିମ୍ ପ୍ରଦାନ କରିଥିଲେ । ତାଲିମ୍ ଶିବିରରେ ଶିମିଳିପୁର ସେବାସମବାୟ ସମିତିର ସଭାତି ବିଭୂପ୍ରସାଦ ସାମଲ, ବାଙ୍କୀ ରାମଚନ୍ଦ୍ରପୁର ସେବାସମବାୟ ସମିତିର ସଭାପତି ସମରେନ୍ଦ୍ର ମହାପାତ୍ର, ପ୍ରମୋଦ ମହାନ୍ତି, ଜୟଦେବ ଜେନା, ଅକ୍ଷୟ ବେହେରା ପ୍ରମୁଖ ଯୋଗଦାନ କରିଥିଲେ ।

# ବ୍ଲକସ୍ତରୀୟ ବନ୍ଧୁ ମିଳନ: ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଉପରେ ଗୁରୁତ୍ୱ

ନୟାଗଡ଼,(ନିପ୍ର): ଉତ୍କଳ ସାମ୍ବାଦିକ ସଂଘର ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ନୟାଗଡ଼ ପ୍ୟାଲେସ ପରିସରରେ ନୟାଗଡ଼ ବ୍ଲକ ଓ ସହରାଞ୍ଚଳର ସାମ୍ବାଦିକମାନଙ୍କୁ ନେଇ ଏକ ବ୍ଲକସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ନବନିର୍ବାଚିତ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାବେଶରେ ସାମ୍ବାଦିକଙ୍କ ଏକତା, ସଂଘର ସାଂଗଠନିକ ମଜଭୁତି ଓ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଉପସ୍ଥିତ ସାମ୍ବାଦିକମାନେ ନବନିର୍ବାଚିତ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କୁ ସ୍ୱାଗତ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ । ନୟାଗଡ଼ ଜିଲ୍ଲାରେ ସାମ୍ବାଦିକମାନଙ୍କ ହକ୍ ଓ ସ୍ୱାର୍ଥ ପାଇଁ ପୂର୍ବତନ ସଭାପତି ଶ୍ରୀକାନ୍ତ ଖଟେଇ ଯେପରି ଲଢ଼େଇ କରି ଆସିଥିଲେ ଏବଂ ସମସ୍ତଙ୍କୁ ଏକଜୁଟ କରି ରଖିଥିଲେ, ସେହି ଏକତା ଓ ସଂଗ୍ରାମର ଧାରାକୁ ଆଗକୁ ନେବାକୁ ନବନିର୍ବାଚିତ ସଭାପତି ଆହ୍ୱାନ ଦେଇଥିଲେ । ସଂଘର ପ୍ରତ୍ୟେକ ସଦସ୍ୟଙ୍କୁ ନିଜ ପରିବାରର ସଦସ୍ୟ ଭାବେ ଗ୍ରହଣ କରି କାମ କରିବି ।" ଏଥିସହ କାହାରି ପ୍ରରୋଚନାରେ ନପଡ଼ି ସମସ୍ତେ ଏକଜୁଟ ହୋଇ ରହିବା ସହ ରାଜ୍ୟସ୍ତରରେ ନୟାଗଡ଼ ଜିଲ୍ଲା ଶାଖାର ଏକତା ଓ ଗାରିମା ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ ।



ଆଗାମୀ ଦିନରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କମିଟି ପ୍ରତ୍ୟେକ ବ୍ଲକକୁ ଗସ୍ତ କରି ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବା ସହ ନୂତନ ଭାବେ ସଂଗଠନକୁ ସକ୍ରିୟ କରିବ । ନୟାଗଡ଼ ବ୍ଲକରୁ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ଅବଶିଷ୍ଟ ସାତଟି ବ୍ଲକରେ ବୈଠକ ଆୟୋଜନ ପରେ ଜିଲ୍ଲାସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମରେ ନିମନ୍ତ୍ରିତ ପରାମର୍ଶଦାତା ତଥା ନୟାଗଡ଼ ପ୍ୟାଲେସର ନିର୍ଦ୍ଦେଶକ ଶେଖ ଇସୁବ୍, ଉତ୍କଳ ସାମ୍ବାଦିକ ସଂଘର ନୟାଗଡ଼ ଜିଲ୍ଲା ଶାଖା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ରବି ଦାସ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ସାମ୍ବାଦିକ ଭବନ ସମ୍ପାଦକ ଅନୱର ଅଲ୍ଲୀ, ନବ ମିଶ୍ର, ବାସୁଦେବ ମହାନ୍ତି, ପ୍ରଭାତ ମହାପାତ୍ର, ସୁଦର୍ଶନ ବେହେରା, ମନୋଜ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁବାଶିଷ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ସ୍ୱାଇଁ, ନିହାର ରଞ୍ଜନ ପଟ୍ଟନାୟକ, କୈଳାସ ଶିଅ, ବିଶ୍ୱଜିତ ନାୟକ, ଅନିଲ କୁମାର ପଣ୍ଡା, ଅମିତ ପଟ୍ଟନାୟକ, ସୂର୍ଯ୍ୟପ୍ରସାଦ ଦାଶ, ମନୋରଞ୍ଜନ ମିଶ୍ର, ସନ୍ତୋଷ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର ପାତ୍ର ଓ ବିଭୂତି ଭୂଷଣ ସ୍ୱାଇଁଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ । ସାମ୍ବାଦିକଙ୍କ ମଧ୍ୟରେ ଭାଇଚାରା ଓ ସହଯୋଗ ବୃଦ୍ଧି ସହ ଜିଲ୍ଲାରେ ସଂଘର ସାଂଗଠନିକ ଏକତାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ଗ୍ରହଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଏସ୍‌ଆଇଆର୍ ବାତିଲ ସହ ଭୋଟର ଅଧିକାର ସୁରକ୍ଷା ପାଇଁ ଦାବି

କେନ୍ଦ୍ରାପଡ଼ା,(ନିପ୍ର): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍‌ଆଇଆର ବାତିଲ ଏବଂ କଟିଥିବା ସମସ୍ତ ଭୋଟରଙ୍କ ନାମ ପୁନଃ ଯୋଡ଼ିବା ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିପୁଲ ଏଗେନେଷ୍ଟ ଏସ୍‌ଆଇଆର, କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦେଶବ୍ୟାପୀ ଆହ୍ୱାନ କ୍ରମେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଏକ ବିଶାଳ ପଟୁଆର ବାହାରି ତ୍ରିରଙ୍ଗା ପତାକା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବୁଦ୍ଧିଜୀବୀ ତଥା ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ । ସମନ୍ୱୟ (ପ୍ଲାଟଫର୍ମ) ସମିତିର ଆବାହକ ତଥା ସାମାଜିକ କର୍ମୀ ଆଦିକନ୍ଦ ରାଉଳ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଭାରେ ବକ୍ତାମାନେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା, ନିର୍ବାଚନ ଆୟୋଗର ସ୍ୱାଧୀନତା ଏବଂ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଏସ୍‌ଆଇଆର ପ୍ରକ୍ରିୟାକୁ ବାତିଲ କରିବା, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ସମସ୍ତଙ୍କ ନାମ




ତୁରନ୍ତ ଯୋଡ଼ିବା ଏବଂ ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ କରିବାକୁ ଦାବି କରାଯାଇଥିଲା । ଅନ୍ୟାନ୍ୟ ଦାବି ମଧ୍ୟରେ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗର ସ୍ୱାଧୀନତା ଓ ସ୍ୱାୟତ୍ତତା ସୁନିଶ୍ଚିତ କରିବା, ବ୍ୟାପକ ନିର୍ବାଚନ ସଂସ୍କାର ଆଣିବା, ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ ଏବଂ ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରଭାବ ରୋକିବା ଅନ୍ତର୍ଭୁକ୍ତ ଥିଲା । ଏଥିସହ ନିର୍ବାଚନ ପାଇଁ ସରକାରୀ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥାକୁ ପ୍ରାଥମିକତା ଦେବାକୁ ମଧ୍ୟ ଦାବି ଉଠିଥିଲା । ଏହି ପ୍ରତିବାଦ ସଭାରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ଶ୍ରମିକ ନେତା ଜଗତ ଜୀବନ ଦାସ ଓ ଫକୀର ଖଟୁଆ, ସିପିଆଇ ନେତା ବାବାଜୀ ଧଳ, ସିପିଆଇ(ଏମ୍‌ଏଲ୍) ନେତା ପ୍ରକାଶ ଚନ୍ଦ୍ର ମଲ୍ଲିକ, ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଦାସରଥୀ ସାହୁ, ସାମାଜିକ କର୍ମୀ ରଣାଧୀର ଜେନା ଓ ପ୍ରଦୀପ୍ତ ମହାନ୍ତି, କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ ଓ ବୈଷ୍ଣବ ସ୍ୱାଇଁ, ଗାନ୍ଧିବାଦୀ ଅଭିମନ୍ୟୁ ରାଉତ, ନାରୀନେତ୍ରୀ ସୁହାନା ବେଗମ୍, ସଂଗଠନର ସଦସ୍ୟ ଯୋଗଦେଇଥିଲେ । ବିକ୍ଷୋଭକାରୀମାନେ 'ଗଣତନ୍ତ୍ର ବଞ୍ଚାଅ, ଭୋଟ ଅଧିକାର ବଞ୍ଚାଅ' ସ୍ଲୋଗାନ ଦେଇ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଦାବି କରିଥିଲେ ।

# ଫାଇନାଲରେ ପଙ୍ଗାରସିଂହ କ୍ରିକେଟ କ୍ଲବ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୩୮ ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ପଙ୍ଗାରସିଂହ କ୍ରିକେଟ କ୍ଲବ ୯ ଓ୍ୱିକେଟରେ ଭୁବନେଶ୍ୱର, ଆଇଆରସି ଭିଲେଜ କ୍ରିକେଟ କ୍ଲବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଜଣାଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଯୋଗ ଦେଇ ଖେଳାଳୀ ଓ ଟୁର୍ଣ୍ଣାମେଣ୍ଟର ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଶନିବାର ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଓ ବାଙ୍କୀ ଆଥଲେଟିକ ଆସୋସିଏସନ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଉଥିବା ଟୁର୍ଣ୍ଣାମେଣ୍ଟର ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି ।

# ନୟାଗଡ଼ରେ ଘଟ ମହାମେଳଣ ସମାବେଶ

ନୟାଗଡ଼ (ନିପ୍ର) ନୟାଗଡ ବ୍ଲକ ନବଘନପୁର ହାଇସ୍କୁଲ ପଡିଆରେ ଶାନ୍ତି ଶୃଙ୍ଖଳାର ସହିତ ୨୧୦୦ ଘଟ ମହାମେଳଣ ସମାବେଶ ସମାପନ ହୋଇଛି । ସକାଳ ୭. ୦୦ ରୁ ବିଭିନ୍ନ ଗ୍ରାମର ଘଟଧାରୀମାନେ ଗ୍ରାମକୁ ଆସି ଅର୍ଘ୍ୟ ବନ୍ଦାଣରେ ସାମିଲ ହୋଇଥିଲେ । ଅନ୍ୟୂନ ୧୫୦୦୦ରୁ ଅଧିକ ଶ୍ରଦ୍ଧାଳୁ ଏହି ମହାର୍ଘ୍ୟ ଦର୍ଶନ କରି ବିମୋହିତ ହୋଇଥିଲେ । ନୟାଗଡ଼, ନୂଆଗାଁ ଓ ଓଡଗାଁ ଆଦି ୩ଟି ବ୍ଲକର ୬୦ ଗ୍ରାମର ୨୧୦୦ ଘଟୁଆ ମିଳିତ ହୋଇ ଥାଟ ପଟୁଆରରେ ନବଘପୁର ଗ୍ରାମ ପରିକ୍ରମା କରିଥିଲେ । ମୁଖ୍ୟ ଉଦ୍ୟୋକ୍ତା ସମାଜସେବୀ କବିରାଜ ସାହୁଙ୍କ ସମେତ ନବଘପୁର ଗ୍ରାମର ସଭାପତି ସମ୍ପାଦକ ଓ ଗ୍ରାମବାସୀ ତଥା କିଛି ସ୍ୱେଚ୍ଛାସେବୀ ଙ୍କ ଯୋଗଦାନ କାର୍ଯ୍ୟକ୍ରମକୁ ସଫଳ କରିଥିଲା । ମହାମେଳଣରେ ପୁରୀ ସାଂସଦ ଡ଼ ସମ୍ବିତ ପାତ୍ର,ଓଡିଶା ବିଧାନ ସଭା ବାଚସ୍ପତି ସୁରମା ପାଢ଼ି, ନୟାଗଡ଼ ଜିଲ୍ଲା ବି.ଜେ.ପି ସଭାପତି ତାପସ ମାର୍ଥା ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ସାହୁ ଓ ବିଜେପି ନେତା ରାଘବ ମଲ୍ଲିକ ଆଦି ଯୋଗ ଦେଇଥିଲେ ।

# ବିପଦକୁ ଆମନ୍ତ୍ରଣ କରୁଛି ପରିବେଶ ପ୍ରଦୂଷଣ

କୁଚିଣ୍ଡା,(ନିପ୍ର): ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ଦ୍ରୁତ ଗତିରେ ବଢି ଚାଲିଥିବା ବେଳେ ଏହାର କୁପରିଣାମ ପ୍ରତି ଲୋକେ ସଚେତନ ହେଉନାହାନ୍ତି । ପ୍ରତ୍ୟେକ ମଣିଷ ପ୍ରତିଦିନ ନିତ୍ୟବ୍ୟବହାର୍ଯ୍ୟ ଜିନିଷରେ ପ୍ଲାଷ୍ଟିକ ବ୍ୟବହାର କରୁଥିବାରୁ ପରିବେଶ ଅସନ୍ତୁଳିତ ହେଉଛି ବିବାହ,ବ୍ରତ, ଶୁଦ୍ଧିକ୍ରିୟା,ହାଟ, ବଜାର, ହୋଟେଲ, ରେଷ୍ଟୁରାଣ୍ଟ,ଭୋଜିସ୍ଥଳ ଆଦି ସ୍ଥାନ ମାନଙ୍କରେ ପ୍ଲାଷ୍ଟିକ ବ୍ୟବହାର ହେଉଥିବା ବେଳେ ଏଥିପ୍ରତି କାହାରି ନଜର ରହୁନାହିଁ । ଏସବୁ ସ୍ଥାନରେ ପ୍ଲାଷ୍ଟିକ ଗ୍ଲାସ, ପାଣି ବୋତଲ ଓ ମୃଦୁ ପାନୀୟ ବୋତଲ, କୁରକୁରେ, ଆଲୁଚିପ୍ସ ଆଦି ବ୍ୟବହାର ପରେ ଏହାର ପଲିଥିନ ଏଣେତେଣେ ଫିଙ୍ଗିବା ଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ମଣିଷ ତଥା ଜୀବଜନ୍ତୁଙ୍କ ଉପରେ ଏହାର କୁପ୍ରଭାବ ପଡି ବିପଦକୁ ଆମନ୍ତ୍ରଣ କରୁଛି । ପ୍ଲାଷ୍ଟିକ ନଷ୍ଟ ହେବା ପାଇଁ ଦୀର୍ଘ ୮/ ୧୦ ବର୍ଷ ଲାଗିଥାଏ । ସୂର୍ଯ୍ୟକିରଣ,ବର୍ଷା ପାଣି ଓ ମାଟି ଧୀରେ ଧୀରେ ଏହାକୁ ନଷ୍ଟ କରିଥାନ୍ତି । କିନ୍ତୁ ଆଜିର ଯୁବ ପିଢ଼ି କେବଳ ପ୍ଲାଷ୍ଟିକ ଉପରେ ନିର୍ଭର କରି ଚାଲିଛନ୍ତି । ଆଗାମୀ ଦିନରେ ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ଏକ ବଡ଼ ବିପଦ ମାଡ଼ି ଆସୁଛି । ଏହାକୁ ଲକ୍ଷ୍ୟ ରଖି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁଡାପଡା ଗ୍ରାମର ପ୍ରକୃତି ବନ୍ଧୁ ସରୋଜ ମେହେର ସ୍ତ୍ରୀ ମନ୍ଦାକିନୀଙ୍କ ସହ ଶୁକ୍ରବାର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରିଛନ୍ତି ।

# ସମନ୍ୱିତ ଜନପରିବହନ ଓ ଶେଷ ପର୍ଯ୍ୟାୟ ସଂଯୋଗ ଉପରେ ଗୁରୁତ୍ୱ

ଭୁବନେଶ୍ୱର: ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯାତାୟାତକୁ ସୁଗମ କରିବା ଏବଂ ସ୍ଥାୟୀ ସହର ବିକାଶକୁ ଆଗେଇ ନେବା ପାଇଁ ସହର ସହିତ ଏହାର ଆଖପାଖ ଅଂଚଳକୁ ମିଶାଇ ସମନ୍ୱିତ ଯାତାୟାତ ଯୋଜନା ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ । ଭୁବନେଶ୍ୱରରେ ଆୟୋଜିତ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ରେ ଅକ୍ଟୋବର ୨୩ ତାରିଖରେ ଅନୁଷ୍ଠିତ ସମନ୍ୱିତ ଆଂଚଳିକ ଯାତାୟାତ ଯୋଜନା ସମ୍ପର୍କିତ ସ୍ୱତନ୍ତ୍ର ଅଧିବେଶନରେ ଏହି ମତ ପ୍ରକାଶ ପାଇଥିଲା ।

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ଅଧିବେଶନରେ ଅଧକ୍ଷତା କରିଥିଲେ । ଏଥିରେ ବରିଷ୍ଠ ସରକାରୀ ଅଧିକାରୀ ଓ ପରିବହନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ସହର ଓ ଏହାର ଆଖପାଖ ଅଞ୍ଚଳ ମଧ୍ୟରେ ସମନ୍ୱିତ ଯାତାୟାତ ବ୍ୟବସ୍ଥାର ବିକାଶ ଏବଂ ନାଗରିକଙ୍କ ଦୈନନ୍ଦିନ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରିବା ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ଅଧିବେଶନରେ ଏଆରୟୁପିର ସହର ଯୋଜନା ଓ ଡିଜାଇନ୍ ମୁଖ୍ୟ ଜିଗ୍ନେଶ ମେହେଟ୍ଟା, ସିଷ୍ଟାରା ଇଣ୍ଡିଆର ସିଇଓ (ପ୍ରୋଜେକ୍ଟ ସର୍ଭିସେସ୍ ) ସନ୍ଦୀପ ଫୁଲର, ନାସନାଲ କ୍ୟାପିଟାଲ ରିଜନ ଟ୍ରାନ୍ସପୋର୍ଟ (ଏନସିଆରଟିସି)ର ପରିଚାଳନା ନିର୍ଦ୍ଦେଶକ ଶଲଭ ଗୋଏଲ, ଓଡ଼ିଶା ସରକାରଙ୍କ ପରିବହନ ଆୟୁକ୍ତ ଅମିତାଭ ଠାକୁର, ସିଙ୍ଗାପୁରର ଲାଣ୍ଡ ଟ୍ରାନ୍ସପୋର୍ଟ ଅଥରିଟି ଏକାଡେମୀର ପୂର୍ବତନ ଡିନ୍ ମୋହିନ୍ଦର ସିଂହ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ ।

ଆଲୋଚନାରେ ସହର ଓ ଏହାର ଆଖପାଖ ଅଂଚଳକୁ ଏକ ସଂଯୁକ୍ତ ଯାତାୟାତ କ୍ଷେତ୍ର ଭାବେ ବିଚାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଲୋକମାନେ ରହୁଥିବା, କାର୍ଯ୍ୟ କରୁଥିବା ଓ ଶିକ୍ଷା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଯାତାୟାତ କରୁଥିବା ଅଂଚଳଗୁଡ଼ିକ ମଧ୍ୟରେ ସୁଗମ ସଂଯୋଗ ସ୍ଥାପନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ପରିବହନ ନେଟୱର୍କ, ଭିତିଭୂମି ବିକାଶ ଓ ଭୂମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ ସହିତ ବିଭିନ୍ନ ପରିବହନ ସଂସ୍ଥା ଓ ସହରାଂଚଳ ସ୍ଥାନୀୟ ନିକାୟ ମଧ୍ୟରେ ସହଯୋଗ ଆବଶ୍ୟକ ।

ଏକ ଦକ୍ଷ ଓ ସମାବେଶୀ ଯାତାୟାତ ବ୍ୟବସ୍ଥା ପାଇଁ ସମନ୍ୱିତ ଜନପରିବହନ, ଶେଷ ପର୍ଯ୍ୟାୟର ଯାତାୟାତ ସଂଯୋଗ, ପଥଚାରୀ ଅନୁକୂଳ ରାସ୍ତା ଏବଂ ସାଇକେଲ୍ ଭଳି ଅଣ-ମୋଟର ଯାନର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ପରିବହନ ଭିତିଭୂମି ଓ ଭୂମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ ରହିଲେ ଉପଲବ୍ଧ ସମ୍ବଳର ସଠିକ୍ ଉପଯୋଗ ହେବା ସହିତ ଆଂଚଳିକ ବିକାଶ ଅଧିକ ସନ୍ତୁଳିତ ହୋଇପାରିବ । ନାଗରିକଙ୍କ ଦୃଷ୍ଟିରୁ ଏଭଳି ଯୋଜନା ଦୈନନ୍ଦିନ ଯାତ୍ରାକୁ ସହଜ କରିବା ସହିତ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଜରୁରୀ ସେବା ପର୍ଯ୍ୟନ୍ତ ପହଞ୍ଚକୁ ସୁଗମ କରିବ । ଏହା ସୁରକ୍ଷିତ ରାସ୍ତା, ଅଧିକ ଯାତାୟାତ ବିକଳ୍ପ ଓ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରି ସହରଗୁଡ଼ିକୁ ଅଧିକ ବାସଯୋଗ୍ୟ କରିବାରେ ସହାୟକ ହେବ । ୟୁ ଏମ୍ ଆଇ ୨୦୨୬ର ଏହି ଅଧିବେଶନରେ ସହର ଓ ଏହାର ଆଖପାଖ ଅଂଚଳ ମଧ୍ୟରେ ସମନ୍ୱିତ ଯାତାୟାତ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଏଭଳି ଯୋଜନା ମାଧ୍ୟମରେ ଅଂଚଳଗୁଡ଼ିକୁ ଉନ୍ନତ ଭାବେ ଯୋଡ଼ିବା, ନାଗରିକଙ୍କ ପାଇଁ ସୁଯୋଗ ବୃଦ୍ଧି କରିବା ଏବଂ ସ୍ଥାୟୀ ସହର ବିକାଶକୁ ଆଗେଇ ନେବା ଦିଗରେ ସମନ୍ୱିତ ପଦକ୍ଷେପର ଆବଶ୍ୟକତା ରହିଛି ।

# କର୍ମଚାରୀଙ୍କ ଦରମା ଦେଉନାହିଁ ଠିକାସଂସ୍ଥା, ଛଅ ଦଫା ନେଇ ଆନ୍ଦୋଳନ

ଜଟଣୀ,(ନିପ୍ର): ଖୋର୍ଦ୍ଧାରୋଡ୍ ଡିଭିଜନର ଟି.ଆରଏସ୍. କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀଙ୍କ ଛଅ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନ ଆଜିକୁ ଏକ ସପ୍ତାହ ଧରି ଚାଲିଥିଲେ ମଧ୍ୟ ରେଳୱେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏଥିପ୍ରତି କୌଣସି ସମବେଦନା ନାହିଁ । ନିଜର ମୌଳିକ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଠିକା କର୍ମଚାରୀ । ଚାରି ମାସର ବକେୟା ଦରମା ପୈଠ, ସ୍ଥାୟୀ ନିଯୁକ୍ତି, ରେଳବାଇ ନିୟମ ଅନୁସାରେ ଠିକା କର୍ମଚାରୀଙ୍କ ନ୍ୟାଯ୍ୟ ମଜୁରୀ ପ୍ରଦାନ, ଇପିଏଫ୍ ଏବଂ ଇଏସ୍‌ଆଇ ସୁବିଧା ଯୋଗାଇ ଦିଆଯିବା, କାର୍ଯ୍ୟ



କରିବା ସମୟରେ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ପ୍ରତିରକ୍ଷା ସାମଗ୍ରୀ ଯୋଗାଇବା ଏବଂ ନିଜର ଚିହ୍ନ ପୋଷାକ ବ୍ୟବସ୍ଥା କରିବା, ପ୍ରତ୍ୟେକ କର୍ମଚାରୀଙ୍କୁ ସୁରକ୍ଷା ସ୍ଲିପ୍ ଯୋଗାଇବା ଇତ୍ୟାଦି ସେମାନଙ୍କର ପ୍ରମୁଖ ଦାବି ।

ଉଲ୍ଲେଖଯୋଗ୍ୟ ଯେ ସେମାନେ ଦୀର୍ଘ ଦିନ ଧରି ରେଳବାଇ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ, ଏହା ଅତି ଦୁଃଖର ବିଷୟ । ଏହି ବାବଦରେ ସ୍ଥାନୀୟ ଗଣମାଧ୍ୟମ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରତିକ୍ରିୟା ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଏପରି ଭାବରେ ଖୋର୍ଦ୍ଧାରୋଡ୍, ପଲାସା, ଭଦ୍ରକ, ରାଜାଆଠଗଡ଼, ଅନୁଗୁଳ ଭଳି ଏଗାରଟି ସ୍ଥାନରେ ଠିକା କର୍ମଚାରୀଙ୍କ ଆନ୍ଦୋଳନ ଚାଲୁଥିବା ଠିକା କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଏହି ବାବଦରେ ପଚାରିଲେ ଠିକାଦାରଙ୍କ ପକ୍ଷରୁ ଚାକିରିରୁ ବହିଷ୍କାରର ଧମକ ମିଳୁଥିବା ଅଭିଯୋଗ ହୋଇଛି । ଯଦି ଏହାର କୌଣସି ସ୍ଥାୟୀ ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ରେଳ ଠିକାଦାରଙ୍କ ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କେବଳ ସବୁଜ ବାଣ ବିକ୍ରି ଉପରେ ଗୁରୁତ୍ୱ

ଭଦ୍ରକ,(ନିପ୍ର): ଆସନ୍ତା କାଳୀପୂଜା ଓ ଦୀପାବଳି ଅବସରରେ ଭଦ୍ରକ ସହର ତଥା ଜିଲ୍ଲାର ଗ୍ରାମାଞ୍ଚଳରେ ଅସ୍ଥାୟୀ ଆତସବାଜି ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ ଓ ବିକ୍ରି ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗ୍ରୀନ୍ କ୍ରାକର୍ସ ବିକ୍ରି, ଅଗ୍ନିନିରାପତ୍ତା ଓ ନିର୍ଦ୍ଧାରିତ ସ୍ଥାନରେ ସୁରକ୍ଷିତ ବାଣ ବିକ୍ରି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା ସଂସ୍ଥା) ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ମଣ୍ଡଳ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଆଲୋଚନା ପରେ ଜିଲ୍ଲାରେ ଥିବା ସମସ୍ତ ଅସ୍ଥାୟୀ ଆତସବାଜି ଦୋକାନରେ କେବଳ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ କରିବା ସହ ପର୍ବପର୍ବାଣୀକୁ ଅଧିକ ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ତେଣୁ ଦୋକାନୀମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବେ । ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ ଆତସବାଜି ଦୋକାନଗୁଡ଼ିକ ୨ ନଭେମ୍ବର ୨୦୨୬ ଠାରୁ ୭ ନଭେମ୍ବର ୨୦୨୬ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହି ବାଣ ବିକ୍ରି କରିପାରିବେ । ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ନେବା ବାଧ୍ୟତାମୂଳକ ରହିଛି । ବାଣ ଦୋକାନ ପାଇଁ ସୁରକ୍ଷିତ ସ୍ଥାନ ଚିହ୍ନଟ ନିମନ୍ତେ ସମ୍ପୃକ୍ତ ତହସିଲଦାର, ଅଗ୍ନିଶମ ଅଧିକାରୀ ଓ ଥାନାଧିକାରୀଙ୍କୁ ନେଇ ମିଳିତ ଭାବେ ସ୍ଥାନ ନିର୍ଦ୍ଧାରଣ କରାଯିବ । ଗ୍ରାମାଞ୍ଚଳରେ ଏହି ଅଧିକାରୀମାନେ ମିଳିତ ଭାବେ ଯାଞ୍ଚ କରି ଇଚ୍ଛୁକ ଦୋକାନୀମାନଙ୍କୁ ଆବଶ୍ୟକ ଅନାପତ୍ତି ପ୍ରମାଣପତ୍ର ପ୍ରଦାନ କରିବା ସହ ସରକାରୀ ଦେୟ ଆଦାୟ କରିବେ । ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରେ ଏହି ପ୍ରକ୍ରିୟାରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ସାମିଲ ହେବେ ।

# 'ଭକ୍ତି ଭଜନ ମାଳା' ପୁସ୍ତକ ଉନ୍ମୋଚନ ସମାରୋହ

ବୋଲଗଡ଼,(ନିପ୍ର): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗାଁ ଗ୍ରାମସ୍ଥିତ ପୁସ୍ତକ'ଭକ୍ତି ଭଜନ ମାଳା 'ର ରଚୟୀତା କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ସାଗରଗାଁ ପିତୃ କୃପା ଭବନ ପାଠାଗାର ଛକଠାରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷକ ଦର୍ପଣ ପ୍ରାକ୍ତନ ସମ୍ପାଦକ ଶାମ୍ୟସୁନ୍ଦର ଛୋଟରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଐତିହାସହିକ ତଥା ସାହିତ୍ୟିକ ସତ୍ୟବାଦୀ ବଳିୟାରସିଂହ, ମୁଖ୍ୟବକ୍ତା ଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ସୁଶାନ୍ତ କୁମାର ନାଥ, ଅଲଟ୍ରା ପ୍ରତିଷ୍ଠାତା ବ୍ରହ୍ମଚାରୀ ରାୟ, ବିଦ୍ୟାବିକାଶ ନିକେତନର ପ୍ରତିଷ୍ଠାତା କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବଳିୟାରସିଂହ, ସୁରେନ୍ଦ୍ର କୁମାର



ରାୟଗୁରୁ, ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର,ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗୁଣନିଧି ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ରାଜକିଶୋର ପାଣିଗ୍ରାହୀ ଓ ରମା ମଣୀ ଦେଇ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ସଭାରେ ବହୁ ପ୍ରତୀକ୍ଷିତ ପୁସ୍ତକ 'ଭକ୍ତି ଭଜନ ମାଳା 'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା ।

# ପିପିଲିରେ କଂଗ୍ରେସର ବାଇକ୍ ଶୋଭାଯାତ୍ରା, ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ

ପିପିଲି,(ନିପ୍ର): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ 'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ଆହ୍ୱାନରେ ପିପିଲିରେ କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଛି କଂଗ୍ରେସ । ପିପିଲି ବ୍ଲକ୍ ଓ ଏନ୍‌ଏସି କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।ପିପିଲି-ଡେଲାଙ୍ଗ କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟଙ୍କ ନେତୃତ୍ୱରେ ପିପିଲି ତରାକାଜସ୍ଥିତ ଆମ୍ବେଦକର ଛକରେ କଂଗ୍ରେସ



କର୍ମୀମାନେ ଏକତ୍ର ହୋଇଥିଲେ । ସେଠାରେ ବାବା ସାହେବ ଡ. ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ପିପିଲି ବ୍ଲକ୍ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିଥିଲା ।ଶୋଭାଯାତ୍ରା ପିପିଲି ବଜାର ପରିକ୍ରମା କରିବା ସମୟରେ କଂଗ୍ରେସ କର୍ମୀମାନେ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ପରେ ପିପିଲି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଦଳୀୟ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନିର୍ବାଚନ ପ୍ରକ୍ରିୟା ଓ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଭୂମିକାକୁ ନେଇ ପ୍ରତିବାଦ ଜଣାଇବା ସହ ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ୍ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡ଼ା, ଏନ୍‌ଏସି କଂଗ୍ରେସ ସଭାପତି ରଜନୀକାନ୍ତ ବସ୍ତିଆ, ଉପସଭାପତି କୁର୍ବନ ଶାହା, ପ୍ରଦୀପ ଦାସ, ପୁରୀ ଜିଲ୍ଲା କଂଗ୍ରେସ ଉପସଭାପତି ଗୁଣନିଧି ପ୍ରଧାନ, ପୂର୍ବତନ ଡେଲାଙ୍ଗ ପିପିଲି ସଭାପତି ପ୍ରଦ୍ୟୁମ୍ନ କୁମାର ପରିଡ଼ା, ବରିଷ୍ଠ ନେତା ଧୀରେନ୍ଦ୍ର ସାମନ୍ତରାୟ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

ତିଥି :(ଚତୁର୍ଦ୍ଦଶୀ): (ରେବତୀ ମୀନ)
ଅମୃତ ବେଳା: ଦିବା ଘ ୬।୩୬ ମଧ୍ୟେ ଘ୯ ।୦ ମଧ୍ୟେ

## ଆଜିର ଅନୁଚିନ୍ତନ

ସଂସାର-ବୃକ୍ଷକୁ ଯେ ଜାଣେ, ସେ ସମସ୍ତ ବେଦର ଜ୍ଞାତା ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସୀମାରେ ଉଦ୍‌ବେଗ

ସୀମାରେ କୌଣସି ଦେଶ ସହ ନିରନ୍ତର ସଂଘର୍ଷ ଜାରି ରହିବା ସୁରକ୍ଷା ତଥା ସତର୍କତା ଦିଗକୁ ନିର୍ଦ୍ଦେଶିତ କରିଥାଏ। ନିକଟରେ ଆଇଟିବିପିର ମହାନିର୍ଦ୍ଦେଶକ ଏକ ସମାରୋହ ଅବସରରେ ଅରୁଣାଚଳପ୍ରଦେଶ ସୀମାରେ ଭାରତ ଓ ଚୀନ ମଧ୍ୟରେ ନିୟମିତ ସଂଘର୍ଷ ଜାରି ରହିଥିବା କହିଛନ୍ତି। ଅବଶ୍ୟ ଏହାକୁ ମୁକାବିଲା କରିବାରେ ସ୍ୱତନ୍ତ୍ର 'ଶୌର୍ଯ୍ୟ କମାଣ୍ଡୋ' ସଫଳତା ହାସଲ କରିଛି। ତେବେ ଏପରି ବିବୃତି ଆଶ୍ୱସ୍ତିଦାୟକ ହୋଇଥିବା ସତ୍ତ୍ୱେ ଅନ୍ୟ ଏକ ବିବୃତି ଉଦ୍‌ବେଗଜନକ । ସେହି ବିବୃତିଟି ହେଉଛି ଚୀନର ପିପୁଲସ ଲିବରେସନ ଆର୍ମି ଓ ବର୍ଡର ଡିଫେନ୍‌ସ ରେଜିମେଣ୍ଟକୁ ପାରମ୍ପରିକ ଢଙ୍ଗରେ ମୁକାବିଲା କରିବା ଅସମ୍ଭବ। କାରଣଟି ହେଉଛି ବହୁ ମାତ୍ରାରେ ଆଧୁନିକୀକରଣ କରିଚାଲିଛି ଚୀନ୍ ସେନା। ଏପରି ବିବୃତି ପରିପ୍ରେକ୍ଷୀରେ ବାଟଟି ହେଉଛି ଯେସାକୁ ତେସା।ସଂଘର୍ଷ ଜାରି ରଖୁଥିବା ପକ୍ଷର ଗତିବିଧିକୁ ନିରନ୍ତର ଲକ୍ଷ୍ୟ କରିବା ଲାଗି ୟୁକ୍ରେନ ଯେପରି ରୁଷ ଉପରେ ଡ୍ରୋନ କୌଶଳ ଉପରେ ନିର୍ଭର କରୁଛି, ଭାରତ ପାଇଁ ଉଭୟ ଡ୍ରୋନ ଓ ଡ୍ରୋନ ନିରୋଧକାରୀ ସିଷ୍ଟମ ବ୍ୟାପକ ଭାବରେ ସୀମାରେ ଲୋଡ଼ା ପଡୁଛି। ବିଶେଷକରି ଅରୁଣାଚଳ ସୀମାରେ କାର୍ଯ୍ୟରତ ଥିବା 'ଶୌର୍ଯ୍ୟ କମାଣ୍ଡୋ'ଙ୍କ ପାଇଁ ଏହା ନିଶ୍ଚୟ ଜରୁରୀ।

ମାତ୍ର ଯାହା ସୂଚନା ରହିଛି ଏପରି ପ୍ରତିରକ୍ଷା ସାମଗ୍ରୀ କ୍ରୟ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରାୟ ୩ହଜାର କୋଟି ଟଙ୍କା ଅନୁମୋଦନ କରିଛି। କୁହାଯାଇଛି ଏହା ଆଇଟିବିପିକୁ ଆଗାମୀ ୨୦୩୦ସୁଦ୍ଧା ମିଳିଯିବ। କଥା ହେଉଛି, ସୀମାରେ ଯେତେବେଳେ ସଂଘର୍ଷ ଜାରି ରହିବା ବିଷୟ ଖୋଦ୍ ଆଇଟିବିପିର ମହାନିର୍ଦ୍ଦେଶକ କହୁଛନ୍ତି ସେତେବେଳେ 'ଶୌର୍ଯ୍ୟକମାଣ୍ଡୋ' ନିକଟରେ ଆଲୋଚ୍ୟ ସାମଗ୍ରୀ ତ୍ୱରିତ୍ ଭାବରେ ଉପଲବ୍ଧ ହେବା ଲୋଡ଼ା, ଏପରି କୁହାଯିବା ଅଯଥାର୍ଥ ହେବ ନାହିଁ। କାରଣ ୨୦୨୦ ଗଲୱାନ ସଂଘର୍ଷରେ ଆମ ଦେଶର ୨୦ ଜଣ ବୀର ଯବାନ ସହିଦ ହୋଇଥିଲେ। ସଂଘର୍ଷ ସର୍ବଦା ଆକସ୍ମିକ। ଯଦିଓ ଏହା ବେଳେ ବେଳେ ପୂର୍ବାଭାସ ରଖିବାରେ ହେଳା କରିନଥାଏ। ସଂଘର୍ଷର ଆକସ୍ମିକତା ପରିପ୍ରେକ୍ଷୀରେ ପ୍ରାକ୍ ପ୍ରସ୍ତୁତି ତଥା ସୀମାନ୍ତରେ ସେନାର ଆଧୁନିକୀକରଣ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ , ଏହା କହିବା ବାହୁଲ୍ୟ ହେବ।

ଗତ ଜୁଲାଇରେ ଏହି ସଂଘର୍ଷ ଅରୁଣାଚଳର କେତେକ ସ୍ଥାନରେ ଉଭୟ ପକ୍ଷ ସେନା ମଧ୍ୟରେ ଜାରି ରହିବା, ଉକ୍ତ ପ୍ରଦେଶର ଅପରସୁବନଶିରି ଜିଲ୍ଲାର ଟାକସିଂ ନିକଟରେ କେତେକ ପାଟ୍ରୋଲିଂ ପଏଣ୍ଟକୁ ଖାଲି ଖାଲି ଛାଡି ଦିଆଯାଉଥିବା କଥା ସ୍ଥାନୀୟ ବାସିନ୍ଦାମାନେ ଦାବି କରିବା, ଉକ୍ତ ପ୍ରଦେଶର କିଛି ସ୍ଥାନକୁ ଚୀନ ନୂଆ ନାମକରଣ କରିବା ଓ ୬୦ହଜାର ମେଗାୱାଟର ଜଳବିଦ୍ୟୁତ୍ ପ୍ରକଳ୍ପ ଯୋଜନା କରିଥିବା ହେତୁ ଭାରତର ପରିବେଶ ତଥା ଜଳସୁରକ୍ଷା ପ୍ରତି ବିପଦ ଉଭା ହୋଇଛି। କଂଗ୍ରେସର ଜଣେ ସାଂସଦଙ୍କ ପକ୍ଷରୁ ଏପରି ମର୍ମରେ ଦାବିରେ କେତେ ଦୂର ସତ୍ୟତା ରହିଛି ତାହା ଯାଞ୍ଚ ହେବାର ଆବଶ୍ୟକତା ରହିଛି।

ସୀମାରେ ଶାନ୍ତି ଓ ସ୍ଥିରତା ରକ୍ଷା ଦ୍ୱିପାକ୍ଷିକ ସଂପର୍କର ସାମଗ୍ରିକ ବିକାଶ ପାଇଁ ଅପରିହାର୍ଯ୍ୟ। ଦ୍ୱିପାକ୍ଷିକ ବୁଝାମଣା ଉପଲବ୍ଧି କୂଟନୈତିକ ତଥା ସାମରିକ 'ମେକାନିଜିମ୍' ମାଧ୍ୟମରେ ସମାଧାନ ଯେତିକି ଆବଶ୍ୟକ ସୀମାନ୍ତର ଦୁର୍ଗମ ଓ ପାର୍ବତ୍ୟାଞ୍ଚଳର ଉଚ୍ଚସ୍ଥାନରେ ସୁରକ୍ଷା ଦେଉଥିବା ଯବାନଙ୍କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିବା ତଥା ସଂଘର୍ଷ ଏଡ଼ାଇବା ପାଇଁ ଦୃଢ ମନୋବଳ ସେମାନଙ୍କ ଭିତରେ ଭରିବା ସେତିକି ଗୁରୁତ୍ୱପୂର୍ଣ୍ଣ। ବ୍ରିକ୍‌ସ ସମ୍ମିଳନୀ ଅବସରରେ ସି ଜିନପିଙ୍ଗଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଭେଟବେଳେ ଦ୍ୱିପାକ୍ଷିକ ସଂପର୍କରେ ସୁଧାର ଆସିଥିବା ବିଶ୍ୱାସ ଭ୍ରମରେ ପରିଣତ ନ ହେଉ, ଏପରି ନିଶ୍ଚୟ ଆମେ ଆଶା ରଖିବା।

# ମୋଦୀଙ୍କ ଓଡ଼ିଶା ଅଭିମୁଖୀ ବିକାଶଯାତ୍ରା

**ସୌଭାଗ୍ୟ ରଞ୍ଜନ ମହାନ୍ତି**

“ ବିକାଶର ଲାଭ ଓଡ଼ିଶାର ସମସ୍ତ ଅଞ୍ଚଳକୁ କିପରି ପହଞ୍ଚିବ ? ଭୁବନେଶ୍ୱର ଓ କଟକରେ ନୂଆ ପ୍ରତିଷ୍ଠାନ ଗଢ଼ିଉଠିବା ଉତ୍ସାହଜନକ, କିନ୍ତୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା, ଉପକୂଳ ଅଞ୍ଚଳ ଓ ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ମଧ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଜୀବିକାର ସୁଯୋଗ ବଢ଼ିବା ଆବଶ୍ୟକ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ନିଜସ୍ୱ ସାମର୍ଥ୍ୟ ଅଛି। କେଉଁଠି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, କେଉଁଠି ଖଣିଜ ଓ ଧାତୁ ଶିଳ୍ପ, କେଉଁଠି ପର୍ଯ୍ୟଟନ, ହସ୍ତଶିଳ୍ପ, ବନଜାତ ଦ୍ରବ୍ୟ କିମ୍ବା ମତ୍ସ୍ୟଚାଷର ଅସୀମ ସମ୍ଭାବନା ରହିଛି। ଏହି ସମ୍ଭାବନାଗୁଡ଼ିକୁ ଉପଯୁକ୍ତ ପୁଞ୍ଜି, ବଜାର, ପରିବହନ, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ସହିତ ଯୋଡ଼ିଲେ ବିକାଶର ଧାରା ଅଧିକ ସମାବେଶୀ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଏହି ଲକ୍ଷ୍ୟ ପୂରଣରେ ମୁଖ୍ୟ ଭୂମିକା ନେଇପାରେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅକ୍ଟୋବର ୨୫ ଓଡ଼ିଶା ଗସ୍ତ ରାଜ୍ୟର ବିକାଶ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ବିବେଚିତ ହେବାକୁ ଯାଉଛି। ଜଟଣୀ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଧୁନିକ ତଥ୍ୟ କେନ୍ଦ୍ରର ଉଦ୍‌ଘାଟନ ଓଡ଼ିଶାକୁ ଡିଜିଟାଲ୍ ଭିତ୍ତିଭୂମିର ନୂତନ ମାନଚିତ୍ରରେ ଆହୁରି ଗୁରୁତ୍ୱ ଦେବାର ସମ୍ଭାବନା ସୃଷ୍ଟି କରୁଛି। ଏହି ପ୍ରତିଷ୍ଠାନ ଆର୍ଥିକ ତଥ୍ୟର ସୁରକ୍ଷା, ଦେୟ ବ୍ୟବସ୍ଥାର ନିରନ୍ତରତା, ବିପର୍ଯ୍ୟୟ ପରବର୍ତ୍ତୀ ତଥ୍ୟ ପୁନରୁଦ୍ଧାର ଓ ସାଇବର ସୁରକ୍ଷା କ୍ଷେତ୍ରରେ ଉପଯୋଗୀ ହେବାର ଆଶା ରହିଛି। କିନ୍ତୁ ଏହି ଗସ୍ତର ମହତ୍ତ୍ୱକୁ କେବଳ ଗୋଟିଏ ପ୍ରତିଷ୍ଠାନର ଉଦ୍‌ଘାଟନ ମଧ୍ୟରେ ସୀମିତ ରଖିବା ଠିକ୍ ହେବ ନାହିଁ। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ଶିଳ୍ପ, ରେଳପଥ, ସେମିକଣ୍ଡକ୍ଟର, ଡିଜିଟାଲ୍ ପ୍ରଯୁକ୍ତି ଓ ନିବେଶକୁ ନେଇ ଯେଉଁ ନୂତନ ଆଲୋଚନା ଆଗକୁ ବଢ଼ିଛି, ତାହାକୁ ଏକ ବ୍ୟାପକ ଜାତୀୟ ବିକାଶ ଦୃଷ୍ଟିକୋଣରେ ବୁଝିବା ଆବଶ୍ୟକ। ଓଡ଼ିଶା ଆଉ କେବଳ ଖଣିଜ ସମ୍ପଦ ଓ ଇସ୍ପାତ ଶିଳ୍ପ ପାଇଁ ପରିଚିତ ରାଜ୍ୟ ହୋଇ ରହିବାକୁ ଚାହୁଁନାହିଁ; ଏହା ପ୍ରଯୁକ୍ତି, ଜ୍ଞାନ, ନବସୃଜନ ଓ ଉଚ୍ଚଦକ୍ଷତାଭିତ୍ତିକ ନିଯୁକ୍ତିର କେନ୍ଦ୍ର ହେବାକୁ ମଧ୍ୟ ଆକାଂକ୍ଷା ରଖିଛି। ଏହି ପରିବର୍ତ୍ତନରେ କେନ୍ଦ୍ର ସରକାରଙ୍କ ନୀତି, ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ଘରୋଇ ନିବେଶକଙ୍କ ଆଗ୍ରହ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଚିନ୍ତାଧାରାର ମୂଳ ଲକ୍ଷ୍ୟ ହେଉଛି ପୂର୍ବ ଭାରତର ଆର୍ଥିକ ସାମର୍ଥ୍ୟକୁ ଜାତୀୟ ବିକାଶର ମୁଖ୍ୟଧାରାରେ ଆହୁରି ଶକ୍ତିଶାଳୀ କରିବା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି, ଦୀର୍ଘ ସମୁଦ୍ରତଟ, ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର, ଖଣିଜ ସମ୍ପଦ, ଶକ୍ତି ଉତ୍ପାଦନ କ୍ଷମତା ଓ ଦକ୍ଷ ମାନବସମ୍ବଳ ଏହାକୁ ଏକ ସମ୍ଭାବନାମୟ ଶିଳ୍ପ କେନ୍ଦ୍ରରେ ପରିଣତ କରିବାର ଭିତ୍ତି ଯୋଗାଉଛି। ଭାରତର ପୂର୍ବାଭିମୁଖୀ ନୀତି ସହିତ ଓଡ଼ିଶାର ସାମର୍ଥ୍ୟକୁ ଯୋଡ଼ିବା ଦ୍ୱାରା ଦକ୍ଷିଣ-ପୂର୍ବ ଏସିଆ ସହିତ ବାଣିଜ୍ୟ, ସାମୁଦ୍ରିକ ସଂଯୋଗ, ରପ୍ତାନି ଓ ଶିଳ୍ପ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହୋଇପାରେ। ଏହି ନୀତିର ସଫଳତା କେବଳ ଘୋଷଣାରେ ନୁହେଁ, ବରଂ ବନ୍ଦରରୁ ଶିଳ୍ପାଞ୍ଚଳକୁ ଦ୍ରୁତ ପରିବହନ, ରେଳ ଓ ସଡ଼କ ସଂଯୋଗର ଉନ୍ନତି, ରପ୍ତାନି ଖର୍ଚ୍ଚ ହ୍ରାସ ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କୁ ଅନ୍ତର୍ଜାତୀୟ ବଜାର ସହିତ ଯୋଡ଼ିବା ଉପରେ ନିର୍ଭର କରିବ। ଓଡ଼ିଶା ପାଇଁ ଏବେ ସବୁଠାରୁ ବଡ଼ ସୁଯୋଗ ହେଉଛି ପ୍ରାକୃତିକ ସମ୍ପଦକୁ ଉଚ୍ଚମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରିବା। କେବଳ ଖଣିଜ ଉତ୍ତୋଳନ ନୁହେଁ, ଏହାର ଆଧାରରେ ଉନ୍ନତ ଉତ୍ପାଦନ, ଗବେଷଣା, ପ୍ରଯୁକ୍ତି ଓ ନୂତନ ଶିଳ୍ପ ଗଢ଼ିଉଠିଲେ ରାଜ୍ୟର ଅର୍ଥନୀତି ଅଧିକ ସ୍ଥାୟୀ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ଉଦୀୟମାନ ପଦକ୍ଷେପ ଏହି ଦିଗରେ ଏକ ଆଶାଜନକ ସଙ୍କେତ। ପ୍ରସ୍ତାବିତ ଓଡ଼ିଶା ସିଲିକନ୍ ଭ୍ୟାଲି ଓ ଭୁବନେଶ୍ୱରର ଇନଫୋ ଭ୍ୟାଲି ଅଞ୍ଚଳରେ ଉନ୍ନତ ଚିପ୍ ପ୍ୟାକେଜିଂ ପ୍ରକଳ୍ପ ଭଳି ପଦକ୍ଷେପ ରାଜ୍ୟକୁ ଭବିଷ୍ୟତର ପ୍ରଯୁକ୍ତି ଶିଳ୍ପ ସହିତ ଯୋଡ଼ିବାର ଆଶା ଦେଉଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ପ୍ରସ୍ତାବ, ଦକ୍ଷତା ବିକାଶ ଓ ଗବେଷଣାରେ ଆଗ୍ରହ ବଢ଼ିବା ଓଡ଼ିଶାର ଶିଳ୍ପ ପରିଚୟକୁ ବିବିଧ କରିପାରେ। ଏହାର ଲାଭ କେବଳ ବଡ଼ କମ୍ପାନୀ କିମ୍ବା ନିବେଶକଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଇଞ୍ଜିନିୟରିଂ ଛାତ୍ରଛାତ୍ରୀ, ବୈଷୟିକ ଶିକ୍ଷାର୍ଥୀ, ଔଦ୍ୟୋଗିକ ପ୍ରଶିକ୍ଷଣ ନେଉଥିବା ଯୁବକଯୁବତୀ



ଓ ସ୍ଥାନୀୟ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ଏହି ପରିବର୍ତ୍ତନର ସହଭାଗୀ ହେବା ଆବଶ୍ୟକ। ନୂତନ ପ୍ରଯୁକ୍ତି ପ୍ରତିଷ୍ଠାନ ଯଦି ଓଡ଼ିଶାର ଯୁବକଙ୍କୁ ଉଚ୍ଚଦକ୍ଷତା ଓ ଉଚ୍ଚ ଆୟର ନିଯୁକ୍ତି ଦେଇପାରେ, ତେବେ ରାଜ୍ୟରୁ ବାହାରକୁ ଜୀବିକା ଅନ୍ୱେଷଣରେ ଯାଉଥିବା ଅନେକ ଯୁବକଙ୍କ ପାଇଁ ନିଜ ମାଟିରେ ଭବିଷ୍ୟତ ଗଢ଼ିବାର ରାସ୍ତା ଖୋଲିପାରିବ। ଏହା ସହିତ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ପ୍ରାୟୋଗିକ ପ୍ରଶିକ୍ଷଣ, ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଆସନ୍ତାକାଲିର ଗସ୍ତରେ ଉଦ୍‌ଘାଟିତ ହେବାକୁ ଥିବା ତଥ୍ୟ କେନ୍ଦ୍ର ମଧ୍ୟ ଓଡ଼ିଶାର ଏହି ଡିଜିଟାଲ୍ ଆକାଂକ୍ଷାକୁ ଏକ ପ୍ରତୀକାତ୍ମକ ଶକ୍ତି ଦେଉଛି। ତଥ୍ୟ ଆଜିର ଅର୍ଥନୀତିର ଏକ ମୂଲ୍ୟବାନ ସମ୍ପଦ। ବ୍ୟାଙ୍କିଂ, ଡିଜିଟାଲ୍ ଦେୟ, ସରକାରୀ ସେବା, ବ୍ୟବସାୟ ଓ ନାଗରିକଙ୍କ ଆର୍ଥିକ ସୁରକ୍ଷା ପାଇଁ ନିରାପଦ ତଥ୍ୟ ପରିଚାଳନା ଅତ୍ୟାବଶ୍ୟକ। ଏହି ପ୍ରତିଷ୍ଠାନର ସ୍ଥାପନା ଓଡ଼ିଶାରେ ଡିଜିଟାଲ୍ ଭିତ୍ତିଭୂମି, ବୈଷୟିକ ସେବା ଓ ସାଇବର ସୁରକ୍ଷା ସମ୍ପର୍କିତ ଦକ୍ଷତା ବିକାଶର ସୁଯୋଗକୁ ଆଗକୁ ନେଇପାରେ।

ତଥାପି, ଏହାର ସ୍ଥାନୀୟ ନିଯୁକ୍ତି ଓ ଅନ୍ୟ ଶିଳ୍ପରେ ପ୍ରଭାବ କେତେ ହେବ, ତାହା କାର୍ଯ୍ୟକାରିତା ଓ ଭବିଷ୍ୟତର ନିବେଶ ଉପରେ ନିର୍ଭର କରିବ। ଏଠାରେ ଆଉ ଏକ ପ୍ରଶ୍ନ ଅତ୍ୟନ୍ତ ଜରୁରୀ।ବିକାଶର ଲାଭ ଓଡ଼ିଶାର ସମସ୍ତ ଅଞ୍ଚଳକୁ କିପରି ପହଞ୍ଚିବ ? ଭୁବନେଶ୍ୱର ଓ କଟକରେ ନୂଆ ପ୍ରତିଷ୍ଠାନ ଗଢ଼ିଉଠିବା ଉତ୍ସାହଜନକ, କିନ୍ତୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା, ଉପକୂଳ ଅଞ୍ଚଳ ଓ ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ମଧ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଜୀବିକାର ସୁଯୋଗ ବଢ଼ିବା ଆବଶ୍ୟକ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ନିଜସ୍ୱ ସାମର୍ଥ୍ୟ ଅଛି। କେଉଁଠି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, କେଉଁଠି ଖଣିଜ ଓ ଧାତୁ ଶିଳ୍ପ, କେଉଁଠି ପର୍ଯ୍ୟଟନ, ହସ୍ତଶିଳ୍ପ, ବନଜାତ ଦ୍ରବ୍ୟ କିମ୍ବା ମତ୍ସ୍ୟଚାଷର ଅସୀମ ସମ୍ଭାବନା ରହିଛି। ଏହି ସମ୍ଭାବନାଗୁଡ଼ିକୁ ଉପଯୁକ୍ତ ପୁଞ୍ଜି, ବଜାର, ପରିବହନ, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ସହିତ ଯୋଡ଼ିଲେ ବିକାଶର ଧାରା ଅଧିକ ସମାବେଶୀ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଏହି ଲକ୍ଷ୍ୟ ପୂରଣରେ ମୁଖ୍ୟ ଭୂମିକା ନେଇପାରେ। ଏହି ସହଯୋଗର ମୂଲ୍ୟ ରାଜନୈତିକ ନାରାରେ ନୁହେଁ, ବରଂ ପ୍ରକଳ୍ପର ସମୟୋଚିତ ସମାପ୍ତି, ସ୍ୱଚ୍ଛ ପ୍ରଶାସନ, ନିଯୁକ୍ତି ସୃଷ୍ଟି, ସେବାର ଗୁଣବତ୍ତା ଓ ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନରେ ମାପିବା ଉଚିତ। ଓଡ଼ିଶାର ଜନସାଧାରଣଙ୍କ ଆଶା ମଧ୍ୟ ଏହିପରି ବାସ୍ତବ ଫଳାଫଳକୁ ନେଇ। ଏକ ପ୍ରକଳ୍ପ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଗର୍ବର ବିଷୟ, କିନ୍ତୁ ତାହାର ସଫଳତା ନିର୍ଣ୍ଣୟ ହେବ ଯେତେବେଳେ ଏହା ନିରନ୍ତର ଓ ଦକ୍ଷତାର ସହିତ କାର୍ଯ୍ୟ କରିବ, ଦେଶର ଆର୍ଥିକ ସୁରକ୍ଷାକୁ ଶକ୍ତିଶାଳୀ କରିବ ଏବଂ ଓଡ଼ିଶାରେ ନୂଆ ସୁଯୋଗ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏହି ବିକାଶ ଆକାଂକ୍ଷାକୁ ଆଉ ଥରେ ଆଲୋଚନାର କେନ୍ଦ୍ରକୁ ଆଣିଛି। ଏହା ରାଜ୍ୟ ପାଇଁ ଏକ ସକାରାତ୍ମକ ସୁଯୋଗ, ଯାହାକୁ ଦୀର୍ଘମିଆଦୀ ଯୋଜନା, ଦୃଢ଼ କାର୍ଯ୍ୟକାରିତା ଓ ଜନସହଭାଗିତା ମାଧ୍ୟମରେ ସାର୍ଥକ କରିବାକୁ ହେବ। ଓଡ଼ିଶାର ଉନ୍ନତି କେବଳ ଗୋଟିଏ ସରକାରର ସଫଳତା କିମ୍ବା ଗୋଟିଏ ଦଳର ରାଜନୈତିକ ପରିଚୟରେ ସୀମିତ ନୁହେଁ; ଏହା ଚାଷୀ, ଶ୍ରମିକ, ଉଦ୍ୟୋଗୀ, ଶିକ୍ଷକ, ବୈଜ୍ଞାନିକ, ଯୁବପିଢ଼ି ଓ ସାଧାରଣ ନାଗରିକଙ୍କ ସାମୂହିକ ପ୍ରୟାସର ଫଳ ହେବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଆଗମନ ଓ ନୂତନ ପ୍ରତିଷ୍ଠାନର ଉଦ୍‌ଘାଟନକୁ ଏକ ନୂଆ ସଂକଳ୍ପର ଅବସର ଭାବେ ଗ୍ରହଣ କରିବା ଆବଶ୍ୟକ—ଓଡ଼ିଶାର ସମ୍ପଦର ମୂଲ୍ୟ ଓଡ଼ିଶାର ଲୋକଙ୍କ ଜୀବନରେ ପ୍ରତିଫଳିତ ହେଉ, ରାଜ୍ୟର ଯୁବକଯୁବତୀ ନିଜ ମାଟିରେ ନିଯୁକ୍ତି ଓ ଉଦ୍ୟମର ସୁଯୋଗ ପାଆନ୍ତୁ, ଶିଳ୍ପ ବିକାଶ ସହିତ ପରିବେଶ ସୁରକ୍ଷା ନିଶ୍ଚିତ ହେଉ ଏବଂ ପୂର୍ବ ଭାରତର ବିକାଶରେ ଓଡ଼ିଶା ନିଜର ଐତିହାସିକ ଭୂମିକା ନିର୍ବାହ କରୁ। ଆଜି ଓଡ଼ିଶା ସମ୍ମୁଖରେ ଥିବା ପ୍ରଶ୍ନ କେବଳ କେତେ ପ୍ରକଳ୍ପ ଆସିଲା ତାହା ନୁହେଁ; ପ୍ରଶ୍ନ ହେଉଛି ସେହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଆର୍ଥିକ ଭବିଷ୍ୟତକୁ କେତେ ଶକ୍ତିଶାଳୀ କରିବ। ଅକ୍ଟୋବର ୨୫ର ଉଦ୍‌ଘାଟନ ଏହି ବଡ଼ ଲକ୍ଷ୍ୟ ଦିଗରେ ଏକ ସାର୍ଥକ ପଦକ୍ଷେପ ହେଉ। ଓଡ଼ିଶା ଖଣିଜ ସମ୍ପଦରୁ ଜ୍ଞାନସମ୍ପଦକୁ, ପାରମ୍ପରିକ ଶିଳ୍ପରୁ ଉନ୍ନତ ପ୍ରଯୁକ୍ତିକୁ, ସମ୍ଭାବନାରୁ ସଫଳତାକୁ ଏବଂ ଆଞ୍ଚଳିକ ପରିଚୟରୁ ଜାତୀୟ ବିକାଶର ଅଗ୍ରଣୀ ଶକ୍ତିକୁ ଅଗ୍ରସର ହେଉ। ଏହା ହିଁ ଓଡ଼ିଶା ପାଇଁ ପୂର୍ବୋଦୟର ପ୍ରକୃତ ଅର୍ଥ, ଏହା ହିଁ ପୂର୍ବାଭିମୁଖୀ ନୀତିର ସାର୍ଥକତା ଏବଂ ଏହା ହିଁ ଆଗାମୀ ପିଢ଼ି ପାଇଁ ଏକ ସମୃଦ୍ଧ, ସକ୍ଷମ ଓ ଆତ୍ମବିଶ୍ୱାସୀ ଓଡ଼ିଶା ଗଢ଼ିବାର ମାର୍ଗ।

ମୋ: ୯୪୩୭୯୯୪୩୭୯

# ଆଧୁନିକ ସମାଜରେ ଇସଲାମିକ୍ ଜୀବନଶୈଳୀର ବିଶ୍ଳେଷଣ

**ସାହାବୁଦ୍ଦିନ୍**

ଇସଲାମ୍ ଜୀବନର ଏକ ସମ୍ପୂର୍ଣ୍ଣ ସଂହିତା ପରି ଯାହା ମାନବ ଜୀବନର ପ୍ରତ୍ୟେକ ଦିଗ ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥାଏ। ଏହା କେବଳ କର୍ମକର୍ମାଣି କିମ୍ବା ଧାର୍ମିକ ପ୍ରାୟୋଗିକ କାର୍ଯ୍ୟଗୁଡ଼ିକରେ ସୀମିତ ନୁହେଁ, ବରଂ ଏହା ବ୍ୟକ୍ତିଗତ ଆଚରଣ, ସାମାଜିକ ସମ୍ପର୍କ, ଅର୍ଥନୈତିକ ବ୍ୟବସ୍ଥା, ନୈତିକତା ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ମଧ୍ୟ ବିସ୍ତାର କରିଥାଏ। ବର୍ତ୍ତମାନର ଆଧୁନିକ ଯୁଗରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଦ୍ରୁତ ଗତିରେ ଅଗ୍ରସର ହେବା ସହିତ ବିଶ୍ୱ ଏକ ଗ୍ଲୋବାଲ୍ ଭିଲେଜ୍‌ରେ ପରିଣତ ହୋଇଛି, ଯେଉଁଠି ମାନବ ସମାଜ ଅନେକ ସୁବିଧା ଓ ସୁଯୋଗର ଲାଭ ଉଠାଉଛି। ତଥାପି ବର୍ତ୍ତମାନ ସମୟରେ ଲୋକମାନେ ଅଧିକ ମାନସିକ ଚାପ, ନୈତିକ ଅଧୋପତନ ଏବଂ ଆଧ୍ୟାତ୍ମିକ ଶୂନ୍ୟତାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷିରେ ଇସଲାମିକ୍ ଜୀବନଶୈଳୀର ପ୍ରାସଙ୍ଗିକତା ଗୁରୁତ୍ୱ ବହନ କରିଥାଏ।

ବସ୍ତୁବାଦ ହେଉଛି ଆଧୁନିକ ସମାଜର ଏକ ପ୍ରଭାବଶାଳୀ ବିଶେଷତା। ଅନେକ ସମୟରେ ଲୋକମାନେ ସଫଳତାକୁ ସମ୍ପତ୍ତି, ସ୍ଥିତି ଏବଂ ପ୍ରସିଦ୍ଧି ବା ଖ୍ୟାତି ଦୃଷ୍ଟିରୁ ମାପ କରିଥାନ୍ତି। ଏହି ପାର୍ଥିବ ସଫଳତା ପଛରେ ଦୌଡ଼ି ଦୌଡ଼ି ବ୍ୟକ୍ତି ନିଜର ଆଭ୍ୟନ୍ତରୀଣ ଶାନ୍ତି ଓ ନୈତିକ ଆଧାର ହରାଇଥାନ୍ତି। କିନ୍ତୁ ଇସଲାମ୍ ଅନୁସାରେ ପ୍ରକୃତ ସଫଳତା ଈଶ୍ୱରଙ୍କ ସନ୍ତୋଷ, ନୈତିକ ପବିତ୍ରତା ଏବଂ ପରଲୋକରେ ସଫଳତା ମଧ୍ୟରେ ନିହିତ।

ଇସଲାମିକ୍ ଜୀବନଶୈଳୀର ଏକ ମୁଖ୍ୟ ନୀତି ହେଉଛି ସଂଯମତା। ଇସଲାମ୍ ନା ସାଂସାରିକ ଜୀବନରୁ ସମ୍ପୂର୍ଣ୍ଣ ବିରତିକୁ ପ୍ରୋତ୍ସାହିତ କରେ, ନା ଭୌତିକ ସୁଖରେ ଅନ୍ଧ ଭାବରେ ମଜ୍ଜି ରହିବାକୁ ଉତ୍ସାହିତ କରେ। ବରଂ, ଏହା ସାଂସାରିକ ଦାୟିତ୍ୱ ଏବଂ ଆଧ୍ୟାତ୍ମିକ କର୍ତ୍ତବ୍ୟ ମଧ୍ୟରେ ଏକ ସନ୍ତୁଳିତ ପଥ ପ୍ରଦାନ କରେ। ମାତାପିତାଙ୍କୁ ସମ୍ମାନ ଦେବା, ପଡ଼ୋଶୀଙ୍କ ପ୍ରତି ଦୟା ଭାବ ରଖିବା, ପାରିବାରିକ ସମ୍ପର୍କ ବଜାୟ ରଖିବା, ଅନାଥ ଏବଂ ଦରିଦ୍ରଙ୍କୁ ସହାୟତା କରିବା, ଏବଂ ସମାଜରେ ନ୍ୟାୟକୁ ପ୍ରାଧାନ୍ୟ ଦେବା ଇସଲାମର ମୌଳିକ ଶିକ୍ଷା ଅଟେ। ଯଦି ଏହି ନୀତିଗୁଡ଼ିକୁ ଆଧୁନିକ ସମାଜରେ ବ୍ୟାପକ ଭାବରେ ଗ୍ରହଣ କରାଯାଏ ତେବେ ହିଂସା, ଅସମାନତା, ଦୁର୍ନୀତି ଏବଂ ଭେଦଭାବ ଭଳି ଅନେକ ସାମାଜିକ ସମସ୍ୟାକୁ ଉଲ୍ଲେଖନୀୟ ଭାବେ କମ୍ କରାଯାଇପାରିବ।

ସତ୍ୟବାଦିତା, ନିଷ୍ଠା, ନମ୍ରତା ଧୈର୍ଯ୍ୟ ଏବଂ ଆତ୍ମନିୟନ୍ତ୍ରଣକୁ ମୌଳିକ ଗୁଣ ଭାବରେ ବିବେଚନା କରାଯାଏ। ଦୁର୍ଭାଗ୍ୟବଶତଃ ଆଧୁନିକ ସମାଜରେ ଅସାଧୁତା, ଲୋଭ, ଈର୍ଷା ଏବଂ ସ୍ୱାର୍ଥପରତା ଧୀରେ ଧୀରେ ବଢିଚାଲିଛି, ଯାହା ସାମାଜିକ ବନ୍ଧନ ଏବଂ ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରୁଛି।

କୁରାନ୍‌ର ସର୍ବପ୍ରଥମ ବାଣୀ 'ପଢ଼' ଶବ୍ଦରୁ ଆରମ୍ଭ, ଯାହା ଜ୍ଞାନର ଗୁରୁତ୍ୱକୁ ଦର୍ଶାଇଥାଏ। ଇସଲାମିକ୍ ସଭ୍ୟତା ଐତିହାସିକ ଭାବରେ ବିଜ୍ଞାନ, ଚିକିତ୍ସା, ଗଣିତ ଏବଂ ଦର୍ଶନ ଶାସ୍ତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଛି। ଏପରିକି ଯଦି ଧାର୍ମିକ ଏବଂ ସାଂସାରିକ ଶିକ୍ଷା ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖି ଏକ ସମଗ୍ରବାଦୀ ଓ ନୈତିକ ଦୃଷ୍ଟିକୋଣରୁ ଜ୍ଞାନ ଅର୍ଜନ କରାଯାଏ, ତେବେ ଉଲ୍ଲେଖନୀୟ ପ୍ରଗତି ହୋଇପାରିବ।

ଆଧୁନିକ ଯୁଗରେ ଗଣମାଧ୍ୟମ ଏବଂ ସୋସିଆଲ୍ ନେଟୱର୍କ ଲୋକଙ୍କ ଆଚରଣକୁ ପ୍ରଭାବିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ମାଧ୍ୟମଗୁଡ଼ିକ ଯୋଗାଯୋଗ ଏବଂ ସୂଚନା ଆଦାନ ପ୍ରଦାନରେ ସହାୟକ ହେଉଥିଲେ ମଧ୍ୟ ବେଳେବେଳେ ଏଗୁଡ଼ିକ ନୈତିକ ଅବକ୍ଷୟ, ଭୁଲ୍ ସୂଚନାର ପ୍ରସାର ଏବଂ ମାନସିକ ଚାପ ବୃଦ୍ଧିର କାରଣ ମଧ୍ୟ ହୋଇଥାନ୍ତି। ଗଠନମୂଳକ ଓ ନୈତିକ ଉଦ୍ଦେଶ୍ୟ ସାଧନକୁ ସୁନିଶ୍ଚିତ କରି ଇସଲାମିକ୍ ଜୀବନଶୈଳୀ ସମସ୍ତ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରେ।

ଆଧୁନିକ ସମାଜରେ ଇସଲାମିକ୍ ଜୀବନଶୈଳୀ କେବଳ ଏକ ଧାର୍ମିକ ଆବଶ୍ୟକତା ନୁହେଁ, ବରଂ ଏହା ମାନବ ଜୀବନ ପାଇଁ ଏକ ବ୍ୟାବହାରିକ ଏବଂ ସନ୍ତୁଳିତ ବ୍ୟବସ୍ଥା। ଏହା ଆଜି ସମ୍ମୁଖୀନ ହେଉଥିବା ଅନେକ ନୈତିକ, ସାମାଜିକ ଏବଂ ମାନସିକ ସମସ୍ୟାର ସମାଧାନ ପ୍ରଦାନ କରିଥାଏ।

ଇସଲାମିକ୍ ସ୍କଲାର୍

# ଆଧୁନିକ ଭାରତର ପ୍ରଗତି ଯାତ୍ରା

**ଡ.ଏଚ୍. ପାର୍ଥସାରଥୀ ପାତ୍ର**

“ ଅର୍ଥନୀତି ବଢ଼ିବା ସତ୍ତ୍ୱେ ପର୍ଯ୍ୟାପ୍ତ ଉଚ୍ଚମାନର ଚାକିରି ସୃଷ୍ଟି, ଯୁବକଯୁବତୀଙ୍କ ଦକ୍ଷତା ବିକାଶ, କୃଷକଙ୍କ ଆୟ ସ୍ଥିରତା ଓ ଛୋଟ ଉଦ୍ୟୋଗର ପ୍ରତିଯୋଗିତା କ୍ଷମତା ଆହୁରି ମଜଭୁତ ହେବା ଆବଶ୍ୟକ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ଓଇସିଡିର ବିଶ୍ଳେଷଣ ମଧ୍ୟ ଉଚ୍ଚମାନର ନିଯୁକ୍ତି, ଦକ୍ଷତା ଅଭାବ, ମହିଳାଙ୍କ ଶ୍ରମବଜାର ଅଂଶଗ୍ରହଣ ଓ ଉତ୍ପାଦନଶୀଳତାକୁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଭାବେ ଚିହ୍ନଟ କରିଛି। କୌଣସି ସରକାରର ସଫଳତାକୁ କେବଳ ନିର୍ମିତ ରାସ୍ତା, ବଡ଼ ଘୋଷଣା କିମ୍ବା ଜିଡିପି ବୃଦ୍ଧି ଆଧାରରେ ମାପିବା ଉଚିତ ନୁହେଁ। ସାଧାରଣ ନାଗରିକଙ୍କ ଜୀବନରେ କେତେ ପରିବର୍ତ୍ତନ ଆସିଲା, ଶିକ୍ଷା ଓ ଚିକିତ୍ସା କେତେ ସୁଲଭ ହେଲା, ଯୁବକଙ୍କୁ କେତେ ସ୍ଥାୟୀ ନିଯୁକ୍ତି ମିଳିଲା ଏବଂ ଗରିବଙ୍କ ଜୀବନମାନ କେତେ ଉନ୍ନତ ହେଲା—ଏହା ହିଁ ପ୍ରକୃତ ମାପକାଠି।

୧୯୪୭ ମସିହାରେ ସ୍ୱାଧୀନତା ଲାଭ ପରଠାରୁ ଭାରତ ଏକ ଦୀର୍ଘ ଓ ଜଟିଳ ପ୍ରଗତିର ଯାତ୍ରା ଅତିକ୍ରମ କରିଛି। ଦାରିଦ୍ର୍ୟ, ଅଶିକ୍ଷା, ଖାଦ୍ୟାଭାବ ଓ ଅର୍ଥନୈତିକ ପରାଧୀନତାରୁ ମୁକ୍ତି ପାଇ ଆଜି ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି, ମହାକାଶ ଗବେଷଣାର ଶକ୍ତି ଓ ଡିଜିଟାଲ୍ ବିପ୍ଳବର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ତଥାପି ଏକ ପ୍ରଶ୍ନ ଆଜି ମଧ୍ୟ ଆମକୁ ଆନ୍ଦୋଳିତ କରେ-ଯେଉଁ ଦେଶରେ ଅସୀମ ମାନବ ସମ୍ବଳ, ପ୍ରାକୃତିକ ସମ୍ପଦ ଓ ଯୁବଶକ୍ତି ରହିଛି, ସେହି ଦେଶ ଆହୁରି ଦ୍ରୁତ ଓ ସମାନତାଭିତ୍ତିକ ବିକାଶ ହାସଲ କରିପାରିନାହିଁ କାହିଁକି ?

ଏହାର ଉତ୍ତର କେବଳ ଗୋଟିଏ ସରକାର, ଗୋଟିଏ ଦଳ କିମ୍ବା ଜଣେ ନେତାଙ୍କ ମଧ୍ୟରେ ସୀମିତ ନୁହେଁ। ଏହା ପଛରେ ରହିଛି ଦଶନ୍ଧି ଦଶନ୍ଧିର ନୀତିଗତ ତ୍ରୁଟି, ରାଜନୈତିକ ସ୍ୱାର୍ଥ, ପ୍ରଶାସନିକ ଦୁର୍ବଳତା, ସାମାଜିକ ବିଭେଦ ଓ ଜନସାଧାରଣଙ୍କ ପ୍ରତି ଅପୂର୍ଣ୍ଣ ଉତ୍ତରଦାୟିତ୍ୱର ଏକ ଜଟିଳ ଇତିହାସ।

ନେହେରୁ ଯୁଗରୁ ଉଦାରୀକରଣ: ସ୍ୱପ୍ନ ଓ ସୀମାବଦ୍ଧତା ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଭାରତ ଶିଳ୍ପୀକରଣ, ବୈଜ୍ଞାନିକ ଅନୁଷ୍ଠାନ, ଉଚ୍ଚଶିକ୍ଷା ଓ ଗଣତାନ୍ତ୍ରିକ ସଂସ୍ଥାର ମୂଳଦୁଆ ସ୍ଥାପନ କଲା। କିନ୍ତୁ ଅତ୍ୟଧିକ ନିୟନ୍ତ୍ରଣଭିତ୍ତିକ ଅର୍ଥନୀତି, ଲାଇସେନ୍ସ-ପରମିଟ୍ ବ୍ୟବସ୍ଥା ଓ ସରକାରୀ ଅମଲାତନ୍ତ୍ରର ଜଟିଳତା ଘରୋଇ ଉଦ୍ୟୋଗ ଓ ଉତ୍ପାଦନକ୍ଷମତାର ବିକାଶକୁ ଦୀର୍ଘ ସମୟ ଧରି ସୀମିତ କରିଥିଲା। ୧୯୬୨ର ଚୀନ୍ ଯୁଦ୍ଧ ଭାରତର ପ୍ରତିରକ୍ଷା ପ୍ରସ୍ତୁତିର ଦୁର୍ବଳତାକୁ ମଧ୍ୟ ପ୍ରକାଶ କରିଥିଲା। ଇନ୍ଦିରା ଗାନ୍ଧୀଙ୍କ ଶାସନରେ ବ୍ୟାଙ୍କ ଜାତୀୟକରଣ, ଗରିବଙ୍କ ପାଇଁ ନୀତି ଓ ୧୯୭୧ର ଯୁଦ୍ଧରେ ବିଜୟ ଭଳି ଉଲ୍ଲେଖନୀୟ ଘଟଣା ଘଟିଥିଲା। କିନ୍ତୁ ୧୯୭୫-୭୭ର ଜରୁରୀକାଳୀନ ପରିସ୍ଥିତି ନାଗରିକ ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଗଭୀର ଆଘାତ ଦେଇଥିଲା। ଏହା ଦେଖାଇଦେଲା ଯେ କ୍ଷମତାର ସୁରକ୍ଷା ପାଇଁ ଯେତେବେଳେ ଗଣତନ୍ତ୍ରକୁ ଦୁର୍ବଳ କରାଯାଏ, ସେତେବେଳେ ଦେଶର ଦୀର୍ଘମିଆଦୀ ସ୍ୱାର୍ଥ କ୍ଷତିଗ୍ରସ୍ତ ହୁଏ। ୧୯୯୧ରେ ପି.ଭି. ନରସିଂହ ରାଓଙ୍କ ସରକାର ଓ ଅର୍ଥମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱରେ ଅର୍ଥନୈତିକ ଉଦାରୀକରଣ ଭାରତ ପାଇଁ ଏକ ଐତିହାସିକ ମୋଡ଼ ଆଣିଥିଲା। ବିଦେଶୀ ପୁଞ୍ଜିନିବେଶ, ଘରୋଇ ଉଦ୍ୟୋଗ ଓ ସେବା କ୍ଷେତ୍ରର ବିସ୍ତାର ପାଇଁ ନୂଆ ଦ୍ୱାର ଖୋଲିଥିଲା। ତଥାପି ଉଦାରୀକରଣର ସୁଫଳ ସବୁ ଅଞ୍ଚଳ, ବର୍ଗ ଓ ଶ୍ରମିକଙ୍କ ପାଖରେ ସମାନ ଭାବରେ ପହଞ୍ଚିପାରିଲା ନାହିଁ।

ମେଣ୍ଟ ରାଜନୀତି, ଦୁର୍ନୀତି ଓ ନୀତିଗତ ଦୁର୍ବଳତା : ୧୯୯୦ ଦଶକରୁ ମେଣ୍ଟ ସରକାର ଓ ଆଞ୍ଚଳିକ ଦଳଗୁଡ଼ିକର ପ୍ରଭାବ ବଢ଼ିଲା। ମେଣ୍ଟ ରାଜନୀତି ଭାରତର ବିବିଧତାକୁ ପ୍ରତିନିଧିତ୍ୱ ଦେଇଥିଲେ ମଧ୍ୟ, କେତେକ ସମୟରେ ସରକାର ବଞ୍ଚାଇବା, ମନ୍ତ୍ରୀପଦ ବଣ୍ଟନ ଓ ନିର୍ବାଚନୀ ସମୀକରଣକୁ ଜାତୀୟ ନୀତିଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

ବୋଫର୍ସ ବିବାଦ, ୨-ଜି ସ୍ପେକ୍ଟ୍ରମ୍ ମାମଲା ଓ କୋଇଲା ବ୍ଲକ୍ ବଣ୍ଟନକୁ ନେଇ ଉଠିଥିବା ଅଭିଯୋଗ ରାଜନୈତିକ ଦଳ ଓ ସରକାରୀ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଥିଲା। ତେବେ ଅଭିଯୋଗ, ତଦନ୍ତ ଓ ନ୍ୟାୟାଳୟର ଚୂଡ଼ାନ୍ତ ନିଷ୍କର୍ଷ ଏକା ନୁହେଁ; ପ୍ରତ୍ୟେକ ମାମଲାକୁ ତଥ୍ୟ ଓ ଆଇନଗତ ନିଷ୍ପତ୍ତି ଆଧାରରେ ଦେଖିବା ଆବଶ୍ୟକ।

ମୂଳ ସମସ୍ୟା ହେଉଛି, ଯେତେବେଳେ ରାଜନୈତିକ ଚାନ୍ଦା, ଠିକାଦାରୀ, ପ୍ରଶାସନିକ ନିଯୁକ୍ତି ଓ ସରକାରୀ ସମ୍ପଦ ବଣ୍ଟନରେ ସ୍ୱଚ୍ଛତା ଅଭାବ ରହେ, ସେତେବେଳେ ଯୋଗ୍ୟତା ପରିବର୍ତ୍ତେ ସମ୍ପର୍କ ଓ ପ୍ରଭାବର ମୂଲ୍ୟ ବଢ଼ିଯାଏ। ଏହା ଦେଶର ଉତ୍ପାଦନଶୀଳତା ଓ ଜନସାଧାରଣଙ୍କ ବିଶ୍ୱାସକୁ କ୍ଷତି ପହଞ୍ଚାଏ।

୨୦୧୪ ପରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡିଜିଟାଲ୍ ଇଣ୍ଡିଆ, ଜନଧନ ଯୋଜନା, ୟୁପିଆଇ, ଜିଏସ୍‌ଟି, ରାସ୍ତାଘାଟ ଓ ରେଳପଥର ବିକାଶ, ନବୀକରଣଯୋଗ୍ୟ ଶକ୍ତି ଏବଂ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରୋତ୍ସାହନ ଭଳି ପଦକ୍ଷେପ ନିଆଯାଇଛି। ଭାରତର ଡିଜିଟାଲ୍ ଦେୟ ବ୍ୟବସ୍ଥା ଓ ଆନ୍ତର୍ଜାତୀୟ ପରିଚୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି।

କିନ୍ତୁ ଏହି ସଫଳତା ସହିତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟ ରହିଛି। ଅର୍ଥନୀତି ବଢ଼ିବା ସତ୍ତ୍ୱେ ପର୍ଯ୍ୟାପ୍ତ ଉଚ୍ଚମାନର ଚାକିରି ସୃଷ୍ଟି, ଯୁବକଯୁବତୀଙ୍କ ଦକ୍ଷତା ବିକାଶ, କୃଷକଙ୍କ ଆୟ ସ୍ଥିରତା ଓ ଛୋଟ ଉଦ୍ୟୋଗର ପ୍ରତିଯୋଗିତା କ୍ଷମତା ଆହୁରି ମଜଭୁତ ହେବା ଆବଶ୍ୟକ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ଓଇସିଡିର ବିଶ୍ଳେଷଣ ମଧ୍ୟ ଉଚ୍ଚମାନର ନିଯୁକ୍ତି, ଦକ୍ଷତା ଅଭାବ, ମହିଳାଙ୍କ ଶ୍ରମବଜାର ଅଂଶଗ୍ରହଣ ଓ ଉତ୍ପାଦନଶୀଳତାକୁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଭାବେ ଚିହ୍ନଟ କରିଛି। କୌଣସି ସରକାରର ସଫଳତାକୁ କେବଳ ନିର୍ମିତ ରାସ୍ତା, ବଡ଼ ଘୋଷଣା କିମ୍ବା ଜିଡିପି ବୃଦ୍ଧି ଆଧାରରେ ମାପିବା ଉଚିତ ନୁହେଁ। ସାଧାରଣ ନାଗରିକଙ୍କ ଜୀବନରେ କେତେ ପରିବର୍ତ୍ତନ ଆସିଲା, ଶିକ୍ଷା ଓ ଚିକିତ୍ସା କେତେ ସୁଲଭ ହେଲା, ଯୁବକଙ୍କୁ କେତେ ସ୍ଥାୟୀ ନିଯୁକ୍ତି ମିଳିଲା ଏବଂ ଗରିବଙ୍କ ଜୀବନମାନ କେତେ ଉନ୍ନତ ହେଲା- ଏହା ହିଁ ପ୍ରକୃତ ମାପକାଠି।

ଭାରତର ଦ୍ରୁତ ପ୍ରଗତିର ପ୍ରମୁଖ ବାଧକ

ପ୍ରଥମତଃ, ଦୁର୍ନୀତି ଓ ଦଣ୍ଡହୀନତା: ଦୁର୍ନୀତିରେ ସାମିଲ ବ୍ୟକ୍ତିଙ୍କ ବିରୋଧରେ ଦଳମତ ନିର୍ବିଶେଷରେ ନିରପେକ୍ଷ ତଦନ୍ତ ଓ ଶୀଘ୍ର ନ୍ୟାୟ ନ ହେଲେ ଜନବିଶ୍ୱାସ ହ୍ରାସ ପାଏ।

ଦ୍ୱିତୀୟତଃ, ନିର୍ବାଚନୀ ସ୍ୱାର୍ଥ: ଦୀର୍ଘମିଆଦୀ ଶିକ୍ଷା, ଗବେଷଣା ଓ ଶିଳ୍ପ ବିକାଶ ପରିବର୍ତ୍ତେ ତତ୍କାଳ ଭୋଟ ଲାଭ ପାଇଁ ଅବିଚାରିତ ଘୋଷଣା ଓ ଅସ୍ଥାୟୀ ଲୋକପ୍ରିୟତାକୁ ପ୍ରାଥମିକତା ଦେଲେ ଦେଶର ଆର୍ଥିକ ସ୍ଥିରତା ପ୍ରଭାବିତ ହୁଏ।

ତୃତୀୟତଃ, ଶିକ୍ଷା ଓ ଗବେଷଣାର ଦୁର୍ବଳତା: ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିଲେ ମଧ୍ୟ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା, ଗବେଷଣାମୂଳକ ଚିନ୍ତାଧାରା ଓ ନବସୃଜନର ଅଭାବ ରହିଛି। ଏଥିପାଇଁ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ସମନ୍ୱୟ ବଢ଼ିବା ଆବଶ୍ୟକ।

ଚତୁର୍ଥତଃ, କୃଷି ଓ ଶିଳ୍ପର ଅସନ୍ତୁଳନ: ଅନେକ ଲୋକ କୃଷି ଉପରେ ନିର୍ଭରଶୀଳ, କିନ୍ତୁ ଆୟ, ଉତ୍ପାଦକତା ଓ ବଜାର ସୁବିଧାରେ ସମସ୍ୟା ରହିଛି। ଅଧିକ ଉତ୍ପାଦନଶୀଳ ନିର୍ମାଣ ଶିଳ୍ପ ଓ ସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ନିଯୁକ୍ତି ନ ସୃଷ୍ଟି ହେଲେ ଜନସଂଖ୍ୟାର ଲାଭ ଭାର ହୋଇପାରେ।

ପଞ୍ଚମତଃ, ଜାତି, ଧର୍ମ ଓ ଆଞ୍ଚଳିକ ବିଭେଦ: ଯେତେବେଳେ ରାଜନୀତି ଲୋକଙ୍କୁ ଏକତ୍ର କରିବା ପରିବର୍ତ୍ତେ ପରସ୍ପର ବିରୋଧରେ ଠିଆ କରାଏ, ସେତେବେଳେ ଜାତୀୟ ଏକତା, ସାମାଜିକ ସହଯୋଗ ଓ ଅର୍ଥନୈତିକ ଉନ୍ନତି ପ୍ରଭାବିତ ହୁଏ।

ଷଷ୍ଠତଃ, ପ୍ରଶାସନିକ ବିଳମ୍ବ ଓ ନ୍ୟାୟରେ ବିଳମ୍ବ: ଜଟିଳ ନିୟମ, ଅନାବଶ୍ୟକ ଅନୁମତି, ଜମି ବିବାଦ ଓ ନ୍ୟାୟାଳୟରେ ମାମଲା ଦୀର୍ଘ ସମୟ ଧରି ଚାଲିବା ନାଗରିକ ଓ ଉଦ୍ୟୋଗୀଙ୍କ ସମୟ ଏବଂ ସମ୍ପଦ ନଷ୍ଟ କରେ।

ସମାଧାନର ପଥ: ନେତା ନୁହେଁ, ଦେଶ ପ୍ରଥମ ଭାରତକୁ ବିକଶିତ ରାଷ୍ଟ୍ର କରିବା ପାଇଁ କେବଳ ନେତୃତ୍ୱ ପରିବର୍ତ୍ତନ ଯଥେଷ୍ଟ ନୁହେଁ; ଶାସନ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆବଶ୍ୟକ। ରାଜନୈତିକ ଚାନ୍ଦାରେ ସ୍ୱଚ୍ଛତା, ଦୁର୍ନୀତି ବିରୋଧରେ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ, ନିର୍ବାଚିତ ପ୍ରତିନିଧିଙ୍କ ଉତ୍ତରଦାୟିତ୍ୱ ଓ ସଂସଦୀୟ ଆଲୋଚନାର ମର୍ଯ୍ୟାଦା ସୁନିଶ୍ଚିତ ହେବା ଦରକାର।

ସରକାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, କୃଷି ଆଧୁନିକୀକରଣ, ନିର୍ମାଣ ଶିଳ୍ପ ଓ ନିଯୁକ୍ତି ସୃଷ୍ଟିରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ମହିଳାଙ୍କ ପାଇଁ ସୁରକ୍ଷିତ କର୍ମକ୍ଷେତ୍ର, ଯୁବକଙ୍କ ପାଇଁ ଦକ୍ଷତାଭିତ୍ତିକ ଶିକ୍ଷା ଓ ଗରିବଙ୍କ ପାଇଁ ଗୁଣାତ୍ମକ ସରକାରୀ ସେବା ଉପଲବ୍ଧ କରାଇବା ଆବଶ୍ୟକ। ଏଥିସହିତ ବିରୋଧୀ ଦଳ, ଗଣମାଧ୍ୟମ, ନ୍ୟାୟପାଳିକା ଓ ନାଗରିକ ସମାଜର ସ୍ୱାଧୀନ ଭୂମିକା ଗଣତନ୍ତ୍ରକୁ ସୁଦୃଢ଼ କରିବ।

୧୯୪୭ରୁ ୨୦୨୬ ପର୍ଯ୍ୟନ୍ତ ଭାରତର ଯାତ୍ରା ସଫଳତା ଓ ବିଫଳତାର ଏକ ମିଶ୍ର ଇତିହାସ। ନେହେରୁଙ୍କ ପ୍ରତିଷ୍ଠାନ ନିର୍ମାଣ, ଇନ୍ଦିରାଙ୍କ ନିଷ୍ପତ୍ତି ଓ ତାହାର ଗଣତାନ୍ତ୍ରିକ ପରିଣାମ, ନରସିଂହ ରାଓ-ମନମୋହନ ସିଂହଙ୍କ ଅର୍ଥନୈତିକ ସଂସ୍କାର ଏବଂ ମୋଦୀ ଯୁଗର ଭିତ୍ତିଭୂମି ଓ ଡିଜିଟାଲ୍ ପଦକ୍ଷେପ—ପ୍ରତ୍ୟେକ ଅଧ୍ୟାୟରୁ ଶିଖିବାର ଅଛି। କୌଣସି ନେତା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ନୁହନ୍ତି, ଆଉ କୌଣସି ଯୁଗ ସମ୍ପୂର୍ଣ୍ଣ ବିଫଳ ମଧ୍ୟ ନୁହେଁ।

ପ୍ରକୃତ ପ୍ରଶ୍ନ ହେଉଛି,ଆମ ନେତାମାନେ କ୍ଷମତାକୁ ଦେଶସେବାର ମାଧ୍ୟମ ଭାବେ ଦେଖୁଛନ୍ତି, ନା ନିଜ ଦଳ ଓ ରାଜନୈତିକ ଭବିଷ୍ୟତର ସିଡ଼ି ଭାବେ? ଏହାର ଉତ୍ତର ଖୋଜିବାର ଦାୟିତ୍ୱ କେବଳ ନେତାଙ୍କର ନୁହେଁ, ନାଗରିକଙ୍କର ମଧ୍ୟ ଅଛି।

ଦେଶର ପ୍ରଗତି କୌଣସି ଜଣେ ନେତାଙ୍କ ମହିମା ନୁହେଁ; ଏହା କୋଟି କୋଟି ନାଗରିକଙ୍କ ସମ୍ମାନ, ସୁଯୋଗ, ସୁରକ୍ଷା ଓ ସମୃଦ୍ଧିର ପ୍ରତିଫଳନ। ଯେଉଁଦିନ ରାଜନୀତିରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଜାତୀୟ ସ୍ୱାର୍ଥ,ଘୃଣାଠାରୁ ମାନବିକତା ଓ ନିର୍ବାଚନୀ ପ୍ରତିଶ୍ରୁତିଠାରୁ ଜନକଲ୍ୟାଣକୁ ଅଧିକ ଗୁରୁତ୍ୱ ମିଳିବ, ସେହିଦିନ ଭାରତର ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ପ୍ରକୃତ ଅର୍ଥରେ ସାକାର ହେବ।

ଭଦ୍ରକ, ମୋ-୯୮୬୧୦୧୨୪୧୧

25..10.2026.pmd 1 10/24/2026, 5:45 PM

## ଅରାତି ସୋଡ଼ିଙ୍କୁ ମିଳିଲା ୨ ଲକ୍ଷ ଟଙ୍କାର ବୀମା ରାଶି

ମାଲକାନଗିରି, ୨୪।୧୦ (ନିପ୍ର); ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମାଲକାନଗିରି ମୁଖ୍ୟ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍‌ଏସ୍‌ବିୱାଇ) ଅଧୀନରେ ବିମାରାଙ୍ଗିଣୀ ଗ୍ରାମର ଅରାତି ସୋଡ଼ିଙ୍କୁ ୨ ଲକ୍ଷ ଟଙ୍କାର ବୀମା ଦାବି ରାଶି ପ୍ରଦାନ କରାଯାଇଛି। ଏସ୍‌ବିଆଇ ମାଲକାନଗିରି ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ବିନୋଦ କୁମାର ବିଶୋୟୀ ଶ୍ରୀମତୀ ସୋଡ଼ିଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିଥିଲେ। ସେ ସଦନ ସୋଡ଼ିଙ୍କ ପତ୍ନୀ ବୋଲି ଜଣାପଡ଼ିଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ କେଶବ ସିସା, ଫିଲ୍ଡ ଅଫିସର ସୌମ୍ୟ ରଞ୍ଜନ ବେହେରା, ହିସାବରକ୍ଷକ ଛାୟାକାନ୍ତ ଛତ୍ରିଆ, ନରସିଂହ ସାହୁଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏକ ସରକାରୀ ଦୁର୍ଘଟଣା ବୀମା ଯୋଜନା। ଏହି ଯୋଜନା ଅଧୀନରେ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ନିର୍ଦ୍ଦିଷ୍ଟ ପ୍ରକାରର ଅକ୍ଷମତା କ୍ଷେତ୍ରରେ ସର୍ବାଧିକ ୨ ଲକ୍ଷ ଟଙ୍କାର ବୀମା ସହାୟତା ମିଳିଥାଏ। ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଲୋକଙ୍କ ନିକଟରେ ସାମାଜିକ ସୁରକ୍ଷା ଯୋଜନାର ସୁବିଧା ପହଞ୍ଚାଇବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରିବା ଦିଗରେ ଏସ୍‌ବିଆଇର ଏହି ପଦକ୍ଷେପ ଗୁରୁତ୍ୱ ବହନ କରୁଛି।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ପ୍ରସ୍ତୁତି

ମାଲକାନଗିରି, ୨୪।୧୦(ନିପ୍ର): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସାଧୁତାରୁ ସମୃଦ୍ଧି ବିଷୟବସ୍ତୁକୁ ନେଇ ଜିଲ୍ଲାବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେବ। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି ସଚ୍ଚୋଟତା ଏବଂ ପାରଦର୍ଶିତା ହେଉଛି ପ୍ରଶାସନର ମୁଖ୍ୟ ଆଧାର। ସରକାରୀ ସେବାକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ସହ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୭ ତାରିଖ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସିଧାସଳଖ ସଦ୍ଭାବନା ଓ ନିଷ୍ଠା ଶପଥ ପାଠ କରାଇବେ। ଏଥି ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଭିସି ହଲ୍ ଏବଂ ସମସ୍ତ ବ୍ଲକ ଭିଡିଓ କନଫରେନ୍ସ ହଲରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ଗ୍ରହଣ କରିବେ।

## ଅଖା ଭିତରେ ହାତ ଗୋଡ଼ ବନ୍ଧା ଅଜଣା ଗଳିତ ଶବ ନଈରୁ ଉଦ୍ଧାର

ମାଲକାନଗିରି, ୨୪।୧୦ (ନିପ୍ର); ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମଭି ୬୪/୧୦ ଗ୍ରାମର ଶିବ ମନ୍ଦିର ନିକଟରେ ଥିବା ପୋଟେରୁ ନଦୀରୁ ଆଜି କାଲିମେଳା ଅଗ୍ନିଶମ ବାହିନୀ ଓକାଲିମେଳା ପୋଲିସ ଓ ପୋଟେରୁ ପୋଲିସ କର୍ମଚାରୀ ଉପସ୍ଥିତରେ ନଈ ପାଣିରେ ଅଖା ଭିତରେ ହାତ ଗୋଡ଼ ବନ୍ଧା ହୋଇ ଭାସୁଥିବା ଏକ ଅଜଣା ଗଳିତ ଶବକୁ ଉଦ୍ଧାର କରାଯାଇଛି। ପ୍ରଥମେ ସ୍ଥାନୀୟ ଲୋକେ ବସ୍ତାରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।ତେବେ ସାଇଣ୍ଟିଫିକ ଟିମ୍ ର ତଦନ୍ତ ଓ ଶବ ବ୍ୟବଚ୍ଛେଦ ପରେ ପୋଲିସ ଘଟଣାର ତଦନ୍ତ କରିବ ବୋଲି ଜଣାପଡ଼ିଛି।

## କାର୍ତ୍ତିକ ପୂର୍ଣ୍ଣିମା ସୁପରିଚାଳନା ପାଇଁ ପ୍ରସ୍ତୁତି

ବୁଗୁଡ଼ା, ୨୪।୧୦ (ନିପ୍ର); ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ପଞ୍ଚ ଶମ୍ଭୁ ପୀଠ ତଥା ଐତିହାସିକ ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ପୀଠ ଠାରେ ଚଳିତ ବର୍ଷ କାର୍ତ୍ତିକ ମାସର ପ୍ରତି ସୋମବାର ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ ପଞ୍ଚ ଶମ୍ଭୁଙ୍କ ଦର୍ଶନ ପାଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବା ବେଳେ ସମସ୍ତ କାର୍ଯ୍ୟ ସୁପରିଚାଳନା ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତିର ଏକ ପ୍ରସ୍ତୁତି ବୈଠକ ବୁଦ୍ଧଖୋଲ ପାଦଦେଶରେ ଥିବା ଓଟିଡିସିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସ୍ଥାୟୀ ସଭାପତି ତଥା ପୋଲସରା ନିର୍ବାଚନ ମଣ୍ଡଳି ବିଧାୟକ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସମିତିର ସାଧାରଣ ସମ୍ପାଦକ ଗଙ୍ଗାଧର ବିଶୋଇ ବୈଠକର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ଆସନ ଅଳଙ୍କୃତ ପାଇ ନିମନ୍ତ୍ରଣ କରିଥିଲେ। କାର୍ତ୍ତିକ ମାସର ଏହି ପାର୍ବଣ ଦିବସରେ ପାନୀୟଜଳ ଯୋଗାଣ, ରାସ୍ତା ସଫା, ମନ୍ଦିର ଚତୁର୍ଦ୍ଦିଗ ସଫା, ଟ୍ରାଫିକ ନିୟନ୍ତ୍ରଣ ଯାନବାହାନ ଚଳାଚଳ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ଧାଡ଼ି ଦର୍ଶନ, ପାର୍କିଂ ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥା, ଅଧିକା ଚାରି ଗୋଟି ସିସି କ୍ୟାମେରା ସଂଯୋଗ, ଶୃଙ୍ଖଳା ଓ ଆନୁସଙ୍ଗିକ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା ହୋଇଥିଲା।

## ମେଲାଣି ନେଲେ ମା’ ଦୁର୍ଗା

ଡାବୁଗାଁ /ଡେରାବିଶ, ୨୪।୧୦ (ନିପ୍ର): ଚଳିତ ବର୍ଷ ଦଶହରା ପାଇଁ ଡାବୁଗାଁ ସହର ସମ୍ପୂର୍ଣ୍ଣ ଭାବେ ଉତ୍ସବ ମୁଖର ହୋଇଉଠି ଥିଲା । ସହର ସାରା ରଙ୍ଗିନ ଆଲୋକମାଳା ଓ ଭଳିକି ଭଳି ସାଜ ସଜ୍ଜା ରେ ଚମକି ଉଠିଥିଲା ପୂରା ସହର । ଡାବୁଗାଁ ଦଶହରା ଦେଖିବାକୁ ଆଖ ପାଖ ବ୍ଲକ ରୁ ହଜାର ହଜାର ଭକ୍ତ ଆସିଥାନ୍ତି ପ୍ରତିବର୍ଷ। ଦଶହରା ଅବସରରେ ରେ ସପ୍ତମୀ ଠାରୁ ବିସର୍ଜନ ପର୍ଯ୍ୟନ୍ତ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ଦଶହରା ରେ କମିଟି ତରଫରୁ ପ୍ରସାଦ ସେବନ କାର୍ଯ୍ୟକ୍ରମ ସହିତ ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦିବସରେ ମେଲୋଡି ଓ ଆଦିବାସୀ ନାଟକ ପରିବେଷଣ ସହିତ ଦଶହରା ଦିନ ରାବଣପୋଡିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସେହିପରି ଡେରାବିଶ ବ୍ଲକ ପଳେଇ ପଞ୍ଚାୟତ ପଳେଇ ଗ୍ରାମରେ ଏକ ଭିନ୍ନ ପରମ୍ପରାରେ ମା’ କନକ ଦୁର୍ଗାଙ୍କ ପୂଜା ଓ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଦୀର୍ଘ ୬୨ ବର୍ଷ ଧରି ହୋଇ ଆସୁଥିବା ମା’ କନକ ଦୁର୍ଗାଙ୍କ ପୂଜା ଭିନ୍ନ ପରମ୍ପରାର ପ୍ରତୀକ ଭାବେ ଜଣାଶୁଣା। ସପ୍ତମୀ ପୂଜାରେ ୧୦୮ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଆବାଳବୃଦ୍ଧବନିତା।ବାବାଜୀ ସୁଦର୍ଶନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଉପଦେଷ୍ଟା ଅଭୟ କୁମାର ପରିଡ଼ା, ସଭାପତି ରଶ୍ମିରଞ୍ଜନ ନାଥ ଶର୍ମା, ଉପସଭାପତି ବିଜୟ କୁମାର ପରିଡ଼ା, ସମ୍ପାଦକ ଦୋଳଗୋବିନ୍ଦ ନାଥ ଓ କୋଷାଧ୍ୟକ୍ଷ ରତିକାନ୍ତ ଶର୍ମାଙ୍କ ସଂଯୋଜନାରେ ମା’ଙ୍କ ରୀତିନୀତି ପରମ୍ପରା ଅନୁସାରେ ସମ୍ପନ୍ନ କରାଯାଇଥିଲା।

# ଝାରସୁଗୁଡ଼ାରେ ୨୨୧ କୋଟିର ୧୨ ଶିଳ୍ପ ପ୍ରକଳ୍ପ ନେଇ ସମୀକ୍ଷା

## ୪୩.୭୫ କୋଟିର ଦୁଇ ପ୍ରକଳ୍ପକୁ ଅନୁମୋଦନ, ୨୦୧ ଜଣଙ୍କୁ ମିଳିବ ନିଯୁକ୍ତି ସୁଯୋଗ

ଝାରସୁଗୁଡା, ୨୪।୧୦(ନିପ୍ର): ଝାରସୁଗୁଡ଼ାରେ ଶିଳ୍ପଭିତ୍ତିକ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ କର୍ମସଂସ୍ଥାନ ସୃଷ୍ଟି ଲକ୍ଷ୍ୟରେ ୧୨ଟି ଶିଳ୍ପ ପ୍ରକଳ୍ପକୁ ନେଇ ଆଲୋଚନା ହୋଇଛି। ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୨୨୧.୨୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୪୩.୭୫ କୋଟି ଟଙ୍କାର ଦୁଇଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ଦୁଇ ପ୍ରକଳ୍ପ ମାଧ୍ୟମରେ ୨୦୧ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ରହିଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ ଅନୁମୋଦନ କମିଟି ବୈଠକରେ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଓ ପୁଞ୍ଜିନିବେଶର ସମ୍ଭାବନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ଆବଶ୍ୟକ ଅନୁମତି ଏବଂ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଅନୁମୋଦନ ପାଇଥିବା ଦୁଇଟି ପ୍ରକଳ୍ପ ମଧ୍ୟରୁ କୃଷିଜାତ ଦ୍ରବ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୩୦ କୋଟି ଟଙ୍କାର ଏକ ପ୍ରକଳ୍ପ ରହିଛି। ଏହାଦ୍ୱାରା ୧୨୫ ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ସେହିପରି ଆସବାବପତ୍ର ଓ ପ୍ରି-ଇଞ୍ଜିନିୟର୍ଡ ଉତ୍ପାଦ ନିର୍ମାଣ କ୍ଷେତ୍ରରେ ୧୩.୭୫ କୋଟି ଟଙ୍କାର ଅନ୍ୟ ଏକ ପ୍ରକଳ୍ପକୁ ଅନୁମତି ମିଳିଛି। ଏହି ପ୍ରକଳ୍ପରେ ୭୬ ଜଣଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି ହେବ। ବୈଠକରେ ଆଡଭାନ୍ସଡ୍ ଇଞ୍ଜିନିୟରିଂ ଫ୍ୟାବ୍ରିକେସନ, ବାୟୋମାସ୍ ପେଲେଟ୍ ଉତ୍ପାଦନ, ରେଳ ଧାରଣା ପାଇଁ ସ୍ଲିପର୍ ନିର୍ମାଣ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଫ୍ଲାଏ ଆଶ୍ ଇଟା ଉତ୍ପାଦନ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରସ୍ତାବିତ ମୋଟ ୧୨ଟି ପ୍ରକଳ୍ପ ଉପରେ ବିଚାରବିମର୍ଶ କରାଯାଇଥିଲା। ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାରେ ପ୍ରାୟ ୯୧୧ ଜଣଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନଙ୍କ ସମେତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଣିଜ୍ୟିକ କର ଓ ଜିଏସ୍‌ଟି ବିଭାଗ, ରାଜସ୍ୱ ବିଭାଗ, ଟାଟା ପାୱାର, ଲିଡ୍ ବ୍ୟାଙ୍କ ଏବଂ ଡିଆଇଇଏଫ ଏର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଏବଂ ନିବେଶକମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏହି ପଦକ୍ଷେପ ଜିଲ୍ଲାରେ ଶିଳ୍ପ ବିକାଶ ସହ ନିଯୁକ୍ତି ସୁଯୋଗ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।



## ୯,୭୯୩ କିଲୋରୁ ଅଧିକ ଗଞ୍ଜେଇ ନଷ୍ଟ

ପାରଳାଖେମୁଣ୍ଡି, ୨୪।୧୦(ନିପ୍ର): ଗଜପତିର ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ମୋହନା ଓ ଆଡ଼ବା ଥାନାରେ ଜବତ ହୋଇଥିବା ୯ ହଜାର ୭୯୩ କିଲୋ ୨୮୦ ଗ୍ରାମ ଗଞ୍ଜେଇକୁ ଗଞ୍ଜେଇ ନଷ୍ଟ କରିଛି ଗଜପତି ପୋଲିସ। ଜିଲ୍ଲାର ମୋହନା ଓ ଆଡ଼ବା ଥାନାରେ ଜବତ ହୋଇଥିବା ୯ ହଜାର ୭୯୩ କିଲୋ ୨୮୦ ଗ୍ରାମ ଗଞ୍ଜେଇକୁ ଆଇନଗତ ପ୍ରକ୍ରିୟା ଅନୁସାରେ ନଷ୍ଟ କରାଯାଇଛି। ଗଜପତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ଲ୍ଲାଦ ସହାଯ ହାୟ ମୀନା, ଆଇପିଏସ୍‌ଙ୍କ ତତ୍ତ୍ୱାବଧାନରେ ଏହି ଗଞ୍ଜେଇ ନଷ୍ଟ କରାଯାଇଥିଲା । ଏହି ସମୟରେ ବରିଷ୍ଠ ପୋଲିସ ଅଧିକାରୀ, ଏକ୍ ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଅବକାରୀ ଅଧୀକ୍ଷକ ଏବଂ ମୋହନା ଓ ଆଡ଼ବା ଥାନାର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ । ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୁହାଯାଇଛି ଯେ, ନିଶାଦ୍ରବ୍ୟର ଅବୈଧ କାରବାର ରୋକିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ପୋଲିସ ପ୍ରତି ବଦ୍ଧ । ଏଥି ସହ ‘ନଶାମୁକ୍ତ ଓଡିଶା ଅଭିଯାନ’ ଅଧୀନରେ ଜନସାଧାରଣଙ୍କ ମଧ୍ୟରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ଜିଲ୍ଲା ପୋଲିସ ଗୁରୁତ୍ୱ ଦେଉଛି। ଆଇନଗତ ପ୍ରକ୍ରିୟା ଅନୁସାରେ ନଷ୍ଟ କରାଯାଇଛି। ଗଜପତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ମୀନା, ଆଇପିଏସ୍‌ଙ୍କ ତତ୍ତ୍ୱାବଧାନରେ ଏହି ଗଞ୍ଜେଇ ନଷ୍ଟ କରାଯାଇଥିଲା ।

# ବଲଙ୍ଗା ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଦିଗହରା !

## ମିଆଦ ସରିଲାଣି ,କାର୍ଯ୍ୟ ସରିଲା ନାହିଁ,ହୀନସ୍ତା ଭୋଗୁଛନ୍ତି ଜନସାଧାରଣ

ପିପିଲି ,୨୪।୧୦ (ନିପ୍ର); ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ବଲଙ୍ଗା ଅଞ୍ଚଳରେ ଦିଗହରା ହୋଇ ପଡିଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଯୋଜନାର ସଂପ୍ରସାରଣ ମିଆଦ ସଂପୂର୍ଣ୍ଣ ୧୦ ମାସଧରି ପୂରଣ ହୋଇ ଯାଇଥିବା ବେଳେ ରାସ୍ତା କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଯାଇଅଛି। କାର୍ଯ୍ୟ ଶେଷ ନହେବା ଯୋଗୁଁ ଅଞ୍ଚଳର ହଜାର ହଜାର ଜନସାଧାରଣ ଛତ୍ରଛାତ୍ରୀ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ,ବୟସ୍କ ବୃଦ୍ଧାଙ୍କ ଯାତାୟାତ ପାଇଁ ହୀନସ୍ତା ଭୋଗିବାକୁ ପଡୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏଦିଗରେ ବିଭାଗୀୟ ଅଧିକାରୀଙ୍କ କିଭଳି ନଜର ପଡୁନି ତାହାକୁ ନେଇ ହେଉଛି ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଏଭଳି ସମସ୍ୟା ଦେଖା ଦେଇ ଅଛି ପିପିଲି ଏସଡ଼ିପିଓ ଅଞ୍ଚଳ ବଲଙ୍ଗାରେ । ସୂଚନା ଅନୁଯାୟୀ ବଲଙ୍ଗା ଠାରୁ ଗୋପୀନାଥପୁର ରାସ୍ତାର ଲମ୍ବ -୦,୦୦ କିମି ଠାରୁ ୨ ,୬୭୦ ପର୍ଯ୍ୟନ୍ତ ସଂପ୍ରସାରଣ ନିମନ୍ତେ ୨,୯୪,୩୪,୮୧୩ ,୦୦ ସରକାରୀ ଅର୍ଥ ବ୍ୟୟ ବରାଦ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକୁ ନିମାପଡା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଡାୟିତ୍ୱ ଦିଆଯାଇଅଛି । ଏହ କାର୍ଯ୍ୟରେ ଜଣେ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇ କାର୍ଯ୍ୟ କରିବା ପାଇଁ ୨୦୨୫ ଜୁନ ୪ ତାରିଖରେ ଆରମ୍ଭ କରି ୨୦୨୫ ଡିସେମ୍ବର ୩ ତାରିଖ ମଧ୍ୟରେ ଶେଷ କରିବାକୁ ଫଳକରେ ଉଲ୍ଲେଖ କରାଯାଇ ଅଛି । ହେଲେ ଏହି ଧାର୍ଯ୍ୟ ସମୟ ସୀମା ଆଜକୁ ୧୦ ମାସ ଧରି ଅତିବାହିତ ହୋଇ ଯାଇଥିବା ବେଳେ ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏବଂ ନିଯୁକ୍ତି ଥିବା ସହକାରୀ ଯନ୍ତ୍ରୀ, ନିଯୁକ୍ତି ଥିବା ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ କାର୍ଯ୍ୟ ନିମ୍ନମାନର କରି ୭୫% ଭାଗ ବିଲ୍ ଚଲୁ କରିଦେଇଥିବା ନେଇ ବିଭାଗର ଜଣେ ପ୍ରୋଗ୍ରେସ ରେକର୍ଡ଼ର ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଏଭଳି ସଙ୍ଗୀନ ଅଭିଯୋଗ ଆସିବା ପରେ ଏହି ପ୍ରତିନିଧି ଉକ୍ତ କାର୍ଯ୍ୟ ବିଳମ୍ବ ଏବଂ ସମୟ ତାରିଖ ଅତିବାହିତର ଓ୍ୟୁଟି ଦାଖଲ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ନିମାପଡାଙ୍କୁ ସାକ୍ଷାତ କରି ମତାମତ ଲୋଡିବା ପାଇଁ ଯାଇ ଥିବା ବେଳେ ସେ ଅଫିସ ଦ୍ୱାର ଠାରେ ନିଯୁକ୍ତ ଥିବା ପିଅନ ଠାରୁ କାର୍ଯ୍ୟ କଥା ବୁଝି ଗଣମାଧ୍ୟମ ସୂଚନା ପାଇଁ ଦେଖା ନକରିବାକୁ ରୋକ ଠୋକ ବାରଣ କରି ଥିଲେ। ଉକ୍ତ ରାସ୍ତା ନେଇ ହୋଇ ଥିବା ଦୁର୍ନୀତିର ଗନ୍ଧ ଲୋକଲୋଚନ ଏବଂ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀଙ୍କ ନଜରକୁ ନ ଆଣିବା ପାଇଁ ବିରୋଧ କରିଥିଲେ ବୋଲି ଅନୁମାନ କରାଯାଇଛି।



## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ମାଲକାନଗିରିରେ ପ୍ରସ୍ତୁତି

ମାଲକାନଗିରି, ୨୪।୧୦(ନିପ୍ର); ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଆଶଙ୍କା ଥିବାବେଳେ ଅକ୍ଟୋବର ୨୬ ରୁ ୨୮ ତାରିଖ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ବ୍ୟାପକ ବର୍ଷାର ପୂର୍ବାନୁମାନ କରାଯାଇଛି। ଏହି ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପୂର୍ବପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ରହି ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ, ତଳିଆ ଓ ବିପଜ୍ଜନକ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ବିଶେଷ କରି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳର ପ୍ରସବ ସମୟ ନିକଟବର୍ତ୍ତୀ ଗର୍ଭବତୀ ମହିଳାମାନଙ୍କୁ ଆଗୁଆ ଚିହ୍ନଟ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ଔଷଧ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳ ଏବଂ ଅବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଇଛି। ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ସମେତ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଥିବା ବେଳେ କୌଣସି ପ୍ରକାର ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ବିଶ୍ୱାସ କରି ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି।

## ପିପିଲି ଓ ବଲଙ୍ଗା ଅଞ୍ଚଳରେ ବେଆଇନ କରତ କଳ ନିରବଦ୍ରଷ୍ଟା ସାଜିଛି ବନ ବିଭାଗ !

ପିପିଲି, ୨୪।୧୦ (ନିପ୍ର); ପୁରୀ ଜିଲ୍ଲା ପିପିଲି ଓ ବଲଙ୍ଗା ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବରେ ୧୫ରୁ ଉର୍ଦ୍ଧ୍ୱ କରତ କଳ ଚାଲିଛି। କରତକଳ ଚାଲିବା ଯୋଗୁଁ ଅଞ୍ଚଳରେ ଥିବା ବିଭିନ୍ନ ପ୍ରକାର ନାମୀ ଦାମୀ ଗଛ କଟାଯାଇ ସନ୍ଧ୍ୟା ସମୟରେ ଓ ବିଳମ୍ବିତ ରାତ୍ରିରେ ନମ୍ବର ବିହୀନ ଟ୍ରାକ୍ଟର ମାଧ୍ୟମରେ ବୁହାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଜନସାଧାରଣରେ ମଧ୍ୟ ଅଭିଯୋଗ ହେଉଛି । ପିପିଲି ଅଞ୍ଚଳରେ ୪ /୫ ଗୋଟି ଚାଲିଥିବା ବେଳେ ବଲଙ୍ଗା ଅଞ୍ଚଳରେ ୧୦ ଗୋଟି ଚାଲୁଥିବା ଅଭିଯୋଗ ହୋଇଅଛି । ନାମିଦାମୀ ଗଛ ଗୁଡିକ ବିଳମ୍ବିତ ରାତ୍ରିରେ ଗଡିକରି କାଠ ମିଲକୁ ଆସୁଥିବା ବେଳେ ସେଗୁଡିକୁ ବିଭିନ୍ନ କିସମରେ କଟା ଯାଇ ଟାଟାଏସି ଓ ଅନ୍ୟ ଯାନବାହନରେ ଜିଲ୍ଲା ବାହାରକୁ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ଆସିବା ପରେ ମଧ ବନ ବିଭାଗ ନିଘୋଡ ନିଦରେ ଶୋଇରହିଅଛି । ସୂଚନା ଅନୁଯାୟୀ ଗତ ଦୁଇ ବର୍ଷ ଗତେ ବନ ବିଭାଗ ଆକ୍ରୋଶ ମୂଳକ ଭାବରେ ବଲଙ୍ଗା ଅଞ୍ଚଳରେ ଥିବା ନିମାପଡା ବଲଙ୍ଗା ପୂର୍ଭ ସଡକ ପାର୍ଶ୍ୱରୁ ଏକ କରତ କଳ। ଉପରେ ଚଢାଉ କରି ଲକ୍ଷାଧିକ ଟଙ୍କାର ଯନ୍ତ୍ରାସ ଜବତ କରିଥିଲା । ଜବତ କରତ କଳ ଅଞ୍ଚଳରେ ଥିବା ବେଆଇନ କରତ କଳ ପାଇଁ ଅନୁକମ୍ପା ଦେଖାଇ ଚଢାଉ କରି ନଥିଲା । ଫଳରେ ଅନ୍ୟ କରତ କଳ ଗୁଡିକର ମାଲିକମାନେ ମାସିକ ମୋଟା ଅଙ୍କର ଅର୍ଥ ଦେଉ ଥିବା ଯୋଗୁଁ ବନ ବିଭାଗ ଜାଣି ଶୁଣି ନ ଜାଣିଲା ଭଳି ଖସି ପଳାଇ ଯାଇଥିଲା । ବନ ବିଭାଗର ଏଭଳି ନିଷ୍କ୍ରିୟତା ଯୋଗୁ ଅଞ୍ଚଳରେ ଥିବା କରତ କଳ ଗୁଡିକ ଉପର ମୁହାଁ। ହୋଇଥିବା ସାଧାରଣରେ କୁହାଯାଉଛି। ତେଣୁ ଏଦିଗରେ ବିଭାଗୀୟ ଅଧିକାରୀ ନଜର ଦେଇ ବେଆଇନ କରତ କଳ ବନ୍ଦ କରିବା ବାକୁ ଦାବି ହେଉଛି।



## ବିଜେଡି ସମ୍ପର୍କ ପଦଯାତ୍ରା: ‘ଜନପ୍ରିୟତା ରାତାରାତି ମିଳେନାହିଁ’

ତରଭା, ୨୪।୧୦ (ନିପ୍ର); ୬ ଥର ଆପଣ ମାନେ ମୋତେ ବିଜେଡି ବିଧାୟକ ଭାବେ ଜିତାଇଛନ୍ତି। ତରଭା ବ୍ଲକର ପ୍ରତ୍ୟେକ ଗ୍ରାମ ଓ ପଡାକୁ ଯାଇଛି ଲୋକଙ୍କ ଦୁଃଖ ସୁଖରେ ଛିଡା ହୋଇଛି।ତରଭା ଅଞ୍ଚଳର ଉନ୍ନତି ପାଇଁ ଅନେକ ରାସ୍ତା, ପୋଲ, କଲ୍ୟାଣ ମଣ୍ଡପ,ଇନଡୋର ଷ୍ଟାଡିୟମ,ବିଶେଷ ଭାବେ ତରଭା ଅଞ୍ଚଳରେ ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୧୩୩ କେଭି ଗ୍ରୀଡ଼ ସବ ଷ୍ଟେସନ ନିର୍ମାଣ ହୋଇଛି। ମୋ ଦ୍ୱାରା ଆରମ୍ଭ ହୋଇଥିବା ପ୍ରକଳ୍ପକୁ ବର୍ତ୍ତମାନର ବଡ଼ ବଡ଼ ନେତା ଆସି ଉଦ୍‌ଘାଟନ କରୁଛନ୍ତି। ସୋନପୁର ବିଧାନସଭା ଆସନରେ ସେମାନେ ମୋତେ ହରାଇ ପାରି ନାହାନ୍ତି, ଜନ ପ୍ରିୟତା ରାତା ରାତି ମିଳେନାହିଁ ନାହିଁ ବୋଲି ଶୁକ୍ରବାର ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳ ତରଫରୁ ଆୟୋଜିତ ଜନ ସମ୍ପର୍କ ପଦଯାତ୍ରାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ସୋନପୁର ବିଧାୟକ ନିରଞ୍ଜନ ପୁଜାରୀ ଏଭଳି କହିଥିଲେ। ବିଜେଡି ସୋନପୁର ଜିଲ୍ଲା ସଭାପତି ସରୋଜ କୁମାର କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ,ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ସଭାପତି ଶତ୍ରୁଘ୍ନ ପୃଷ୍ଟି,ବିଜେଡି ନେତା ଅଶୋକ ନନ୍ଦ,ନାରାୟଣ ଲୁହା,ହେମନ୍ତ ସାହୁ, ଦଶରଥ ସାହୁ,ସୁବାସ ଚନ୍ଦ୍ର ସେଠୀ,ସତ୍ୟନାରାୟଣ ପୂଜାହାରୀ,ଜନାର୍ଦ୍ଦନ ଥନାପତି,ଲୋକନାଥ ଦଳବେହେରା,ଅଶ୍ୱିନୀ ବିଶି,ବିପିନ ନାଗ,ରାମ ସାହୁ,ରଘୁନାଥ ବେହେରା,ଘନଶ୍ୟାମ ଡାଙ୍ଗ,ଶିଶିର ପଣ୍ଡା,ମଧୁ ସୁଦନ ପାଣ୍ଡେ,.ବିଦ୍ୟାଧର ଦେହୁରୀ, ସନ୍ତୋଷ ମେହେର,ବିଜେଡି ନେତ୍ରୀ ଅଞ୍ଜଳି କମ୍ପ,ସସ୍ମିତା ମଲ୍ଲିକ,ଅଞ୍ଜନା ସାହୁ,ସୁଜାତା ରଥ,ବାସନ୍ତୀ ରଥ,ଜୟନ୍ତୀ ମେହେର,ଯମୁନା ସେଠଙ୍କ ସମେତ ଅନେକ ବିଜେଡି ନେତା ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ପୁଜାରୀ,ଜିଲ୍ଲା ସଭାପତି ଶ୍ରୀ କମ୍ପଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରା ନବ ନିର୍ମିତ ବସଷ୍ଟାଣ୍ଡ ସମ୍ମୁଖରୁ ବାହାରି ମୁଖ୍ୟ ସଡକ ଦେଇ କୃଷ୍ଣାର୍ଜୁନ କଳା ସଂସ୍କୃତି ମଣ୍ଡପରେ ପହଞ୍ଚିଥିଲେ।ଆସିବା ବାଟରେ ଶ୍ରୀ ପୂଜାରୀ ତରଭା ଶ୍ରୀ ଦଧିବାବନଙ୍କ ଦର୍ଶନ କରିଥିଲେ। ଶୋଭାଯାତ୍ର ସମୟରେ ସମର୍ଥକ ଓ ବିଜେଡି କର୍ମୀ ପୁଷ୍ପବୃଷ୍ଟି କରୁଥିବା ଦେଖାଯାଇଥିଲା।ପଦଯାତ୍ର ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ ହୋଉଥିଲେ।ପଦଯାତ୍ରା କୃଷ୍ଣାର୍ଜୁନ କଳା ସଂସ୍କୃତି ମଣ୍ଡପରେ ପହଞ୍ଚିବା ପ୍ରଥମେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।ପରେ ନବ ଓଡ଼ିଶାର ମୁଖ୍ୟ ବିନ୍ଧାଣି ବିଜୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

# ପଟ୍ଟାରେ ବନାନଗତ ତ୍ରୁଟି, ହକ୍‌ରୁ ବଞ୍ଚିତ ୫ ହଜାର ଭୂୟାଁ ପରିବାର

- ଏସ୍‌ଟି ପ୍ରମାଣପତ୍ର ନ ମିଳିବାରୁ ଶିକ୍ଷା ଓ ନିଯୁକ୍ତିରେ ସମସ୍ୟା
- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ଭୂୟାଁ ସମାଜ ମହାସଂଘ, ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା, ୨୪।୧୦ (ନିପ୍ର): ଜମି ପଟ୍ଟାରେ ଜାତିର ନାମ ଲେଖାରେ ବନାନଗତ ତ୍ରୁଟି ଯୋଗୁଁ ନିଜର ପ୍ରକୃତ ପରିଚୟ ଓ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ହଜାର ହଜାର ଭୂୟାଁ ପରିବାର। ପିଢ଼ି ପରେ ପିଢ଼ି ଧରି ଭୂୟାଁ ସମାଜର ପରମ୍ପରା, ରୀତିନୀତି ଓ ସଂସ୍କୃତିକୁ ଅନୁସରଣ କରି ଆସୁଥିଲେ ମଧ୍ୟ ସରକାରୀ କାଗଜପତ୍ରରେ ନାମରେ ଅସଙ୍ଗତି ଥିବାରୁ ସେମାନଙ୍କୁ ଅନୁସୂଚିତ ଜନଜାତି (ଏସ୍‌ଟି) ପ୍ରମାଣପତ୍ର ପାଇବାରେ ସମସ୍ୟା ହେଉଛି। ଫଳରେ ଶିକ୍ଷା, ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସେମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ଦାବିରେ ଗୁରୁବାର ଜିଲ୍ଲା ଭୂୟାଁ ସମାଜ ମହାସଂଘ ପକ୍ଷରୁ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଟ୍ଟାରେ ରହିଥିବା ନାମର ତ୍ରୁଟି ଯାଞ୍ଚ କରି ପ୍ରକୃତ ଭୂୟାଁ ସମ୍ପ୍ରଦାୟର ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଏସ୍‌ଟି ପ୍ରମାଣପତ୍ର ପ୍ରଦାନରେ ଥିବା ସମସ୍ୟା ଦୂର କରିବାକୁ ସେମାନେ ଦାବି କରିଛନ୍ତି। ମହାସଂଘର ଅଭିଯୋଗ ଅନୁଯାୟୀ, ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ସମେତ ସମସ୍ତ ପାଞ୍ଚଟି ବ୍ଲକ୍‌ରେ ପ୍ରାୟ ୩୫ ହଜାରରୁ ଅଧିକ ଭୂୟାଁ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ପାଞ୍ଚ ହଜାର ପରିବାରଙ୍କ ଜମି ପଟ୍ଟାରେ ଜାତିର ନାମ ଭୂୟାଁ ପରିବର୍ତ୍ତେ ‘ଭୂୟା’, ‘ଭୂଇଁୟା’ କିମ୍ବା ‘ଭୂଇଁହା’ ଭଳି ଭିନ୍ନ ଭିନ୍ନ ବନାନରେ ଉଲ୍ଲେଖ ରହିଛି। ଏହି ତ୍ରୁଟି ଯୋଗୁଁ ସେମାନଙ୍କ ଜାତିଗତ ପରିଚୟ ସମ୍ପର୍କରେ ସରକାରୀ ସ୍ତରରେ ଅସଙ୍ଗତି ସୃଷ୍ଟି ହେଉଛି। ଏହାର ପ୍ରଭାବ ପରବର୍ତ୍ତୀ ପିଢ଼ିର ଶିକ୍ଷା ଓ ଚାକିରି ଉପରେ ମଧ୍ୟ ପଡୁଛି। ଓଡ଼ିଶାର ଅନୁସୂଚିତ ଜନଜାତି ତାଲିକାରେ ଭୂୟାଁ ସମ୍ପ୍ରଦାୟ ସାମିଲ ଥିବା ସତ୍ତ୍ୱେ ପୂର୍ବପୁରୁଷଙ୍କ ସମୟର ରାଜସ୍ୱ ବନ୍ଦୋବସ୍ତ ଓ ପରବର୍ତ୍ତୀ ସମୟର ରାଜସ୍ୱ ରେକର୍ଡରେ ନାମର ଉଚ୍ଚାରଣଗତ ଓ ବନାନଗତ ପାର୍ଥକ୍ୟ ଏବେ ସମସ୍ୟା ସୃଷ୍ଟି କରୁଛି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଜାତିଗତ ପ୍ରମାଣପତ୍ର ନମିଳିବାରୁ ଯୋଗ୍ୟ ଛାତ୍ରଛାତ୍ରୀ ସଂରକ୍ଷଣ ସୁବିଧା ପାଇବାରେ ଅସୁବିଧା ଭୋଗୁଥିବା ସହ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା କେବଳ ଝାରସୁଗୁଡ଼ା ଜିଲ୍ଲାରେ ସୀମିତ ନୁହେଁ। ସମ୍ବଲପୁର, ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଅନେକ ଭୂୟାଁ ସମ୍ପ୍ରଦାୟର ଲୋକ ଏସ୍‌ଟି ପ୍ରମାଣପତ୍ର ପାଇବାରେ ଅସୁବିଧା ଭୋଗୁଥିବା ମହାସଂଘ ଅଭିଯୋଗ କରିଛି। ସେମାନଙ୍କ ବିବାହ, ପର୍ବପର୍ବାଣି ଓ ସାମାଜିକ ପରମ୍ପରା ଭୂୟାଁ ସମାଜ ସହ ସମାନ ଥିବା ସତ୍ତ୍ୱେ କେବଳ ସରକାରୀ ରେକର୍ଡରେ ନାମର ପାର୍ଥକ୍ୟ ଯୋଗୁଁ ସେମାନଙ୍କୁ ଜାତିଗତ ପରିଚୟ ପ୍ରମାଣ କରିବାକୁ ପଡୁଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ପୂର୍ବରୁ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ମାମଲା ରୁଜୁ ହୋଇଥିବା ଏବଂ ଆୟୋଗ ସରକାରଙ୍କଠାରୁ ଜବାବ ମାଗିଥିବା ନେଇ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ହୋଇଥିବା ଦାବି ଅନୁଯାୟୀ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଥିବା ଜିଲ୍ଲାସ୍ତରୀୟ ଯାଞ୍ଚ କମିଟି ଏହି ମାମଲାଗୁଡ଼ିକର ଯାଞ୍ଚ କରିବା ଆବଶ୍ୟକ। ଏଥିସହ ସମ୍ପୃକ୍ତ ତହସିଲଦାରମାନଙ୍କୁ ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟ ବ୍ୟକ୍ତିଙ୍କୁ ଏସ୍‌ଟି ପ୍ରମାଣପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରହୁଥିବା ସମ୍ପୃକ୍ତ ଗୋଷ୍ଠୀଙ୍କ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପ୍ରସ୍ତାବ ରାଜ୍ୟ ସମାଜ କଲ୍ୟାଣ ବିଭାଗକୁ ପଠାଇବାକୁ ମଧ୍ୟ ଦାବି କରାଯାଇଛି। ଲଖନପୁର ବ୍ଲକ୍‌ର ଛୁଇଁଖାଞ୍ଚ ଗ୍ରାମର ଲିଙ୍ଗରାଜ ଭୂୟାରଙ୍କ ନେତୃତ୍ୱରେ ମହାସଂଘର ବହୁ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି। ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ଜାମିଆ ୟୁନିଭର୍ସିଟିରେ ତେଜିଲା ଛାତ୍ର ଆନ୍ଦୋଳନ

## ଲାଗିଲା 'ଫ୍ରି କାଶ୍ମୀର, ଆରଏସଏସ ଗୋ ବ୍ୟାକ୍' ପୋଷ୍ଟର



ନୂଆଦିଲ୍ଲୀ,୨୪।୧୦: ଦିଲ୍ଲୀର ପ୍ରତିଷ୍ଠିତ ଜାମିଆ ମିଲିଆ ଇସଲାମିଆ ୟୁନିଭର୍ସିଟିରେ ଛାତ୍ର ଆନ୍ଦୋଳନ ହିଂସକ ରୂପ ନେଇଛି। କ୍ୟାମ୍ପସ ଇଲେକ୍ସନକୁ ପୁନଃ ଆରମ୍ଭ କରିବାକୁ ଦାବି କରୁଥିବା ଛାତ୍ରଛାତ୍ରୀମାନେ ଶନିବାର ୟୁନିଭର୍ସିଟି ସୁରକ୍ଷାକର୍ମୀଙ୍କ ସହ ମାରପିଟ କରିଥିଲେ। ଗଣ୍ଡଗୋଳ ବଢ଼ିବାରୁ ୟୁନିଭର୍ସିଟି କର୍ତ୍ତୃପକ୍ଷ ସମସ୍ତ କ୍ଲାସକୁ ଅନଲାଇନ୍ କରିଛନ୍ତି। ଘଟଣା ବେଳର ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ଛାତ୍ରଛାତ୍ରୀ ଓ ସୁରକ୍ଷାକର୍ମୀ ପରସ୍ପର ମାରପିଟ୍ କରୁଥିବା ଦେଖାଯାଉଛି। ଅନ୍ୟ ଆନ୍ଦୋଳନକାରୀମାନେ ସୁରକ୍ଷା କର୍ମୀ ଓ ଉତ୍ୟକ୍ତ ଛାତ୍ରଛାତ୍ରୀଙ୍କୁ ପରସ୍ପର ଠାରୁ ଅଲଗା କରି ପରିସ୍ଥିତି ଶାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଜାମିଆ ମିଲିଆ ଇସଲାମିଆ ଛାତ୍ର ସଂଘ' ପାଇଁ ନିର୍ବାଚନ ପ୍ରକ୍ରିୟାକୁ ପୁନଃ ଆରମ୍ଭ କରିବାକୁ ଦାବି କରି ଅକ୍ଟୋବର ୧୨ ତାରିଖରୁ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରୁଛନ୍ତି। ଶନିବାର ଯେତେବେଳେ ୟୁନିଭର୍ସିଟିର ଗାର୍ଡ ଆନ୍ଦୋଳନକାରୀ ଛାତ୍ରଙ୍କର ବ୍ୟାନର ହଟାଇବାକୁ ଚେଷ୍ଟା କରିଥିଲେ, ସେତେବେଳେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ତେଣୁ ମାମଲା ଉତ୍ତେଜନାପୂର୍ଣ୍ଣ ରହିଛି। ସୂଚନା ଥାଉକି ଏହି ୟୁନିଭର୍ସିଟିରେ ୨୦୦୬ ମସିହାରୁ ଛାତ୍ର ସଂଘ' ନିର୍ବାଚନ ବନ୍ଦ ରହିଛି। ସେହି ବର୍ଷ ୟୁନିଭର୍ସିଟିରେ ଏକ ବଡ଼ଧରଣର ହିଂସାକାଣ୍ଡ ଘଟିଥିଲା। ଫଳରେ କଲେଜରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ଏହାପରେ ଛାତ୍ରସଂଘ ଭଙ୍ଗ କରିଦିଆଯାଇଥିଲା। ଜାମିଆ ମିଲିଆ ଇସ୍ଲାମିଆ ୟୁନିଭର୍ସିଟିରେ ଛାତ୍ର ଆନ୍ଦୋଳନ ହେଲେ ବିବାଦ ହେବା ଥୟ। ଏଥର ବି ବିବାଦ ଦେଖା ଦେଇଛି। ଆନ୍ଦୋଳନ ବେଳେ ଫ୍ରି ସର୍ଜିଲ ଇମାମ ଓ ଫ୍ରି କାଶ୍ମୀର ନାରା ଓ ସହ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଆରଏସଏସ ଗୋ ବ୍ୟାକ୍ ପୋଷ୍ଟର ମଧ୍ୟ ଲାଗିଥିଲା। ଯାହା ଏକ ନୂଆ ବିବାଦକୁ ଜନ୍ମ ଦେଇଛି। ସୂଚନା ଥାଉକି, ସର୍ଜିଲ ଇମାମ ୟୁନିବର୍ସିଟିର ଏକ ପିଏଚଡି ସ୍କଲାର। ସିଏଏ ବିରୋଧୀ ଆନ୍ଦୋଳନ ସହ ଜଡ଼ିତ ମାମଲାରେ ସେ ଜେଲ୍‌ରେ ଅଛନ୍ତି। ଏବଂ ତାଙ୍କ ବିରୋଧରେ ଆତଙ୍କବାଦ ବିରୋଧୀ ଆଇନରେ ମାମଲା ରୁଜୁ କରାଯାଇଛି। କଂଗ୍ରେସ ସାଂସଦ ଇମ୍ରାନ ମସୁଦ ଆନ୍ଦୋଳନରତ ପିଲାଙ୍କୁ ସମର୍ଥନ ଦେବାକୁ ଶୁକ୍ରବାର ସନ୍ଧ୍ୟାରେ ୟୁନିଭର୍ସିଟି କ୍ୟାମ୍ପସରେ ପହଞ୍ଚିଥିଲେ। ଏହାପରେ ପୁଲିସ ତାଙ୍କୁ କିଛି ସମୟ ପାଇଁ ଅଟକ ରଖିଥିଲା। ତେବେ ସେ ଫ୍ରି କାଶ୍ମୀର ପୋଷ୍ଟରକୁ ସେ ଆଦୌ ସମର୍ଥନ କରୁ ନାହାନ୍ତି। ବରଂ କାଶ୍ମୀର ପାଇଁ ଦରକାର ପଡ଼ିଲେ ସେ ପ୍ରାଣ ଦେଇପାରନ୍ତି ବୋଲି କହିଛନ୍ତି। ଏବଂ ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ ଇମ୍ରାନ କହିଛନ୍ତି "ଯେଉଁମାନେ ଏହି ଛାତ୍ର ଆନ୍ଦୋଳନକୁ ଭାଙ୍ଗି ଦେବାକୁ ଚାହୁଁଛନ୍ତି ସେମାନେ ବୁଝିବା ଦରକାର ଯେ କାଶ୍ମୀର ହେଉଛି ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରଖିବାକୁ ଆମେ ଜୀବନ ଦେବାକୁ ବି ପଛାଇବୁ ନାହିଁ।"

## କଶ୍ମୀରକୁ ପାକିସ୍ତାନ ବଞ୍ଚାଉଛି: ଫାରୁକ୍ ଅବଦୁଲ୍ଲା



କଶ୍ମୀର,୨୪।୧୦: ଜାମ୍ମୁ କାଶ୍ମୀରର ବାରାମୁଲାରେ ନ୍ୟାସନାଲ କନଫରେନ୍ସ ମୁଖ୍ୟ ଫାରୁକ୍ ଅବଦୁଲ୍ଲାଙ୍କ ଏକ ବିବାଦୀୟ ବୟାନ ସାମ୍ନାକୁ ଆସିଛି। ଧାରା ୩୭୦ ବିଷୟରେ କହି ସେ କହିଛନ୍ତି, ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନ। ଯେତେବେଳେ ମୁଁ ସେହି କାଗଜପତ୍ର ଦେଖିଲି, ସେତେବେଳେ ସେମାନଙ୍କଠାରୁ ଆପଣ କ'ଣ ଆଶା କରିବେ? ସେମାନେ ଆପଣଙ୍କୁ ନ୍ୟାୟ ଦେବେ ବୋଲି ଆପଣ ଆଶା କରିବେ କି? ସାହସ ରଖି ପ୍ରତିରୋଧ କର। ସାହସ ନ ରଖିଲେ ତୁମେ ଲୋପ ପାଇଯିବ। ତୁମର ନାମ ଓ ଚିହ୍ନବର୍ଣ୍ଣ ମଧ୍ୟ ରହିବ ନାହିଁ। ଆଜି ସେମାନେ ଚୁପ୍ ଅଛନ୍ତି, କାରଣ ଦୁନିଆରେ ଶକ୍ତିର ପ୍ରଭାବ ରହିଛି। ସୂଚନାଯୋଗ୍ୟ, ଫାରୁକ୍ ଅବଦୁଲ୍ଲା ଧାରା ୩୭୦ ପୁନଃ ଲାଗୁ କରିବାକୁ ଦାବି କରିଆସୁଛନ୍ତି। ଏହି ପ୍ରସଙ୍ଗରେ ସେ ବିବାଦୀୟ ବୟାନ ଦେଇ ପାକିସ୍ତାନ ଆମକୁ ବଞ୍ଚାଉଛି ବୋଲି କହିଛନ୍ତି। ତାଙ୍କର ଏହି ବୟାନକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି। ବାରାମୁଲାରେ ଏକ କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରି ଫାରୁକ୍ ଅବଦୁଲ୍ଲା କହିଛନ୍ତି ଯେ ପାକିସ୍ତାନ ବିଭିନ୍ନ ସ୍ଥାନକୁ ଯାଇ କଶ୍ମୀରବାସୀଙ୍କ ବିଷୟରେ କଥା ହେଉଛି। ଏହି କାରଣରୁ ଜାମ୍ମୁ-କଶ୍ମୀରର ଲୋକମାନେ ବଞ୍ଚି ରହିଛନ୍ତି। ନଚେତ୍ କଶ୍ମୀରବାସୀଙ୍କ ପ୍ରତି ଭାରତର ଉଦ୍ଦେଶ୍ୟ ଠିକ୍ ନୁହେଁ ବୋଲି ସେ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଫାରୁକ୍ ଅବଦୁଲ୍ଲା ଜାମ୍ମୁ-କାଶ୍ମୀରର ବର୍ତ୍ତମାନର ପ୍ରଶାସନକୁ ମଧ୍ୟ ଟାର୍ଗେଟ୍ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ଜାମ୍ମୁ-କାଶ୍ମୀରରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ହସ୍ପିଟାଲରେ ସେବା ଦେବାକୁ ପଡ଼ିଥାଏ। ଯଦି ସେମାନେ ଏପରି ନ କରନ୍ତି, ତେବେ ସେମାନଙ୍କୁ ସରକାରଙ୍କୁ ୪୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଥାଏ। ଫାରୁକ୍ ଅବଦୁଲ୍ଲା କହିଛନ୍ତି ଯେ ଏହା ଏକମାତ୍ର ରାଜ୍ୟ, ଯେଉଁଠାରେ ଏହି ପ୍ରସଙ୍ଗ ସମ୍ପର୍କିତ ଫାଇଲ୍ ଗତ ଏକ ବର୍ଷ ଧରି ଉପରାଜ୍ୟପାଳଙ୍କ ପାଖରେ ପଡ଼ିରହିଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ମେଡିକାଲ୍ ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ ପୂର୍ବରୁ ମେଡିକାଲ୍ ସଂସ୍ଥାର ନିର୍ଦ୍ଦେଶକ ଓ କମିଟି ନିଷ୍ପତ୍ତି ନେଉଥିଲେ ଯେ କେଉଁ ଉପକରଣ କିଣାଯିବ ଏବଂ କେଉଁ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ବର୍ତ୍ତମାନର ବ୍ୟବସ୍ଥା ଏହି ସବୁ କ୍ଷମତାକୁ ହଟାଇ ଦେଇଛି।

## ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ମୋକମା ବିଧାୟକ ଜେଡିୟୁରୁ ବହିଷ୍କୃତ



ପାଟନା,୨୪।୧୦: ବିହାର ରାଜନୀତିରେ ଗତ କିଛି ଦିନ ହେଲା ନିଜ ବୟାନକୁ ନେଇ ହଟଚମଟ ସୃଷ୍ଟି କରିଥିବା ମୋକମା ବିଧାୟକ ଅନନ୍ତ କୁମାର ସିଂହଙ୍କ ଉପରେ ଜେଡିୟୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତତ୍କାଳ ପ୍ରଭାବରେ ଦଳର ପ୍ରାଥମିକ ସଦସ୍ୟତା ରଦ୍ଦ କରିବା ସହିତ ୬ ବର୍ଷ ପାଇଁ ତାଙ୍କୁ ଦଳରୁ ବହିଷ୍କାର କରିଛି। ଭାରତୀୟ ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁଯାୟୀ ଅନନ୍ତ ସିଂହଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବା ପାଇଁ ଦଳ ବାଚସ୍ପତି ପ୍ରେମ କୁମାରଙ୍କୁ ସୁପାରିସ କରି ଚିଠି ମଧ୍ୟ ଲେଖିଛି। ବିଧାନ ପରିଷଦ ନିର୍ବାଚନର ଦିନକ ପରେ ଦଳ ବଡ଼ ପଦକ୍ଷେପ ନେଇଛି। ଜେଡିୟୁ ରାଜ୍ୟ ସଭାପତି ଉମେଶ ସିଂହ କୁଶୱାହଙ୍କ ପକ୍ଷରୁ ଜାରି ଚିଠି ଅନୁଯାୟୀ, ଅନନ୍ତ ସିଂହଙ୍କ ପତ୍ନୀ ତଥା ପୂର୍ବତନ ବିଧାୟିକା ନୀଲମ ଦେବୀଙ୍କ ବିରୋଧରେ ମଧ୍ୟ ଜେଡିୟୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ନୀଲମ ଦେବୀଙ୍କର ପ୍ରାଥମିକ ସଦସ୍ୟତା ରଦ୍ଦ କରାଯାଇଛି। ତାଙ୍କୁ ଜେଡିୟୁରୁ ଛଅ ବର୍ଷ ପାଇଁ ବହିଷ୍କାର କରାଯାଇଛି। ବିହାର ବିଧାନ ପରିଷଦ ନିର୍ବାଚନରେ ବିଦ୍ରୋହୀ ମନୋଭାବ ଗ୍ରହଣ କରିଥିବା ଅନନ୍ତ ସିଂହ ବାରମ୍ବାର ଜେଡିୟୁରୁ ପାଟନା ସ୍ନାତକ ଆସନ ପ୍ରାର୍ଥୀ ନୀରଜ କୁମାରଙ୍କ ବିରୋଧରେ ଖୋଲାଖୋଲି ଭାବେ ବୟାନ ଦେଉଥିଲେ।

## ଆଇନ ଶୃଙ୍ଖଳା ସ୍ଥିତି ସଂକ୍ରାନ୍ତରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କଲେ ଗୃହମନ୍ତ୍ରୀ



ନୂଆଦିଲ୍ଲୀ,୨୪।୧୦: ଜାରି ରହିଥିବାରୁ ଦିଲ୍ଲୀରେ ଆଇନ ଶୃଙ୍ଖଳା ସ୍ଥିତି ସଂକ୍ରାନ୍ତରେ ଆଲୋଚନା କରିବାପାଇଁ ଆଜି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଜୟ ସିଂହ ରୋଡ୍ ସ୍ଥିତ ଦିଲ୍ଲୀ ପୁଲିସ ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଶାହ ଆଜି ପୁଲିସ ମୁଖ୍ୟାଳୟରେ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହ ଆଇନ ଶୃଙ୍ଖଳା ସ୍ଥିତି ଉପରେ ଆଲୋଚନା କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଶାହଙ୍କ ସହ ପୁଲିସ ମୁଖ୍ୟାଳରେ ହୋଇଥିବା ବୈଠକରେ ଯୋଗ ଦେଇଛନ୍ତି। ଶାହ ଆଜି ଅପରାହ୍ନ ପ୍ରାୟ ୩ଟାରେ ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲେ। ବରିଷ୍ଠ ଅଫିସରମାନେ ଶାହଙ୍କୁ ପୁଲିସ ବାହିନୀର ପ୍ରଦର୍ଶନ, ବିଭିନ୍ନ ମାମଲାରେ ଜାରି ରହିଥିବା ତଦନ୍ତ ଏବଂ ବିଭିନ୍ନ ଚ୍ୟାଲେଞ୍ଜ ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ଉଲ୍ଲେଖଯୋଗ୍ୟ ଗତ ଜୁଲାଇରେ ସିଜେପିର 'ସଂସଦ ଚଲୋ' ପଦଯାତ୍ରା ସମୟରେ ଆନ୍ଦୋଳନକାରୀଙ୍କ ବିରୋଧରେ ଅତ୍ୟଧିକ ପୁଲିସ ବର୍ବରତା ଅଭିଯୋଗ ମଧ୍ୟରେ ଶାହ ଆଜି ପୁଲିସ ମୁଖ୍ୟାଳୟକୁ ଗସ୍ତ କରିଛନ୍ତି। ତେବେ ଶାହ ୪ ବର୍ଷ ପରେ ଆଜି ଦିଲ୍ଲୀ ପୁଲିସ ମୁଖ୍ୟାଳୟ ଯାଇଛନ୍ତି। ଶେଷ ଥର ପାଇଁ ସେ ୨୦୨୨ ଅଗଷ୍ଟ ୩୦ ତାରିଖରେ ପୁଲିସ ମୁଖ୍ୟାଳୟ ଯାଇଥିଲେ।

## ଫାଶୀ ଦଣ୍ଡାଦେଶକୁ ଚାଲେଞ୍ଜ କରି ଆହ୍ଲାବାଦ ହାଇକୋର୍ଟ ଗଲେ ସାହିଲ-ମୁସ୍କାନ

ନୂଆଦିଲ୍ଲୀ,୨୪।୧୦: ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବହୁ ଚର୍ଚ୍ଚିତ 'ନୀଳଡ୍ରମ' ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସାହିଲ ଏବଂ ମୁସ୍କାନ। ତଳକୋର୍ଟ ଉଭୟଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ଏହାକୁ ଚାଲେଞ୍ଜ କରିଛନ୍ତି । ଗତ ଅକ୍ଟୋବର ୧୪ ତାରିଖରେ ମିରଟ ଜିଲ୍ଲା କୋର୍ଟ ଉଭୟଙ୍କୁ ଫାଶୀ ଦେବାକୁ ନିଷ୍ପତ୍ତି ଶୁଣାଇଥିଲେ । ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ଘଟଣା ଉପରେ ସମସ୍ତଙ୍କ ନଜର ଥିଲା। ଏବେ ପୁଣି ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ୨୦୨୫ ମାର୍ଚ୍ଚ ମାସରେ ଉତ୍ତରପ୍ରଦେଶର ମିରଟ ଅନ୍ତର୍ଗତ ବ୍ରହ୍ମପୁରୀ ଅଞ୍ଚଳରେ ମର୍ଚ୍ଚାଣ୍ଟ ନେଭି କର୍ମଚାରୀ ସୌରଭ ରାଜପୁତଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିଲା । ଯେଉଁ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ରହିଥିଲେ ସୌରଭଙ୍କ ପତ୍ନୀ ମୁସ୍କାନ। ନିଜ ପ୍ରେମିକ ସାହିଲ ସହ ମିଶି ଏଭଳି କାଣ୍ଡ ଭିଆଇଥିଲେ । ସବୁଠାରୁ ଅଧିକ ଚର୍ଚ୍ଚା ହୋଇଥିଲା ସେତେବେଳେ ଯେତେବେଳେ ଉଭୟ ମୃତଦେହକୁ ଲୁଚାଇବା ପାଇଁ ଖଣ୍ଡ ଖଣ୍ଡ କରିଥିଲେ ଏବଂ ଏହାକୁ ନୀଳଡ୍ରମରେ ଭର୍ତ୍ତି କରି ସିମେଣ୍ଟ ଭର୍ତ୍ତି କରିଦେଇଥିଲେ। ନିଜ ଦୋଷକୁ ଲୁଚାଇବା ପାଇଁ ଉଭୟ ଏଭଳି ଉପାୟ ଆପଣାଇଥିଲେ। ମାତ୍ର ପରେ ଗନ୍ଧ ହେବା ଆଉ ତଦନ୍ତ କରିବା ପରେ ସବୁ ସତ ପଦାକୁ ଆସିଥିଲା। ଯାହାକି ସାରା ଦେଶରେ ଚାଞ୍ଚଲ୍ୟକର ଖବର ହୋଇଥିଲା। ତେବେ ଏବେ ତଳକୋର୍ଟ ଉଭୟଙ୍କୁ କଠୋର ଦଣ୍ଡ ଦେଇଥିଲେ ।

## ପ୍ରଥମ ଗଙ୍ଗାସାଗର ମେଳା ପାଇଁ ପ୍ରସ୍ତୁତି ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ

କୋଲକାତା,୨୪।୧୦: ଦୁର୍ଗା ପୂଜା ଶେଷ ହେବାପରେ ପଶ୍ଚିମବଙ୍ଗରେ ବିଜେପି ସରକାର ଏବେ ଏହାର ସମସ୍ତ ଫୋକସ୍ ୨୦୨୭ ଗଙ୍ଗାସାଗର ମେଳା ଉପରେ ରଖିଛି। ୨୦୨୬ ମେ'ରେ ବିଜେପି ରାଜ୍ୟରେ କ୍ଷମତାକୁ ଆସିବାପରେ ପ୍ରଥମ ଥର ପାଇଁ ଗଙ୍ଗାସାଗର ମେଳା ଆୟୋଜନ କରିବ। ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବିଜେପି ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ମାନ୍ୟତା ଦେବାର ପ୍ରତିଶ୍ରୁତି ଦେଇଥିଲା। ତେଣୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରତିବର୍ଷ ଜାନୁଆରିରେ ମକର ସଂକ୍ରାନ୍ତି ଦିନ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଆଇଲାଣ୍ଡରେ ହେଉଥିବା ଗଙ୍ଗାସାଗର ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଶ୍ରଦ୍ଧାଳୁମାନେ ଗଙ୍ଗା ଏବଂ ବଙ୍ଗୋପ ସାଗରର ସଙ୍ଗମ ସ୍ଥଳରେ ପବିତ୍ର ବୁଡ଼ ପକାନ୍ତି।

## ସାଉଦି ଆରବରେ ଫସି ରହିଛନ୍ତି କାଶ୍ମୀରର ୩୬ ଯାତ୍ରୀ

ନୂଆଦିଲ୍ଲୀ,୨୪।୧୦ : ସାଉଦି ଆରବରେ ଫସି ରହିଛନ୍ତି କାଶ୍ମୀରର ୩୬ ଜଣ ଉମରାହ ଯାତ୍ରୀ। ସେମାନେ ଗତ ୧୧ ଦିନ ହେବ ସେଠାରେ ଫସି ରହିଛନ୍ତି। ଏଥିରେ ବୃଦ୍ଧ ବ୍ୟକ୍ତି ଓ ମହିଳାମାନେ ମଧ୍ୟ ସାମିଲ ଅଛନ୍ତି। ୧୩ ଅକ୍ଟୋବରରେ ତାଙ୍କର ଫେରିବା ଉଡ଼ାଣ ବାତିଲ ହେବା ପରେ ସେ ଘରକୁ ଆସି ପାରି ନାହାନ୍ତି । ଏବେ ତାଙ୍କ ପାଖରେ ନା ରହିବାକୁ ନା ଖାଇବାକୁ ନା କି ଔଷଧ ପାଇଁ ଟଙ୍କା ମଧ୍ୟ ସରି ସରି ଆସିଲାଣି। ଯାତ୍ରୀମାନେ ଭାରତୀୟ ଅଧିକାରୀମାନଙ୍କୁ ଖୁବ ଶୀଘ୍ର ସାହାଯ୍ୟ କରିବାକୁ ଅପିଲ କରିଛନ୍ତି। ତାଙ୍କର କହିବାନୁସାରେ, ବାରମ୍ବାର ଉଡ଼ାଣର ତାରିଖ ବଦଳିବା ଓ ଟିକେଟର ମହଙ୍ଗା ଦାମ୍ କାରଣରୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ଯୁଦ୍ଧ ଆରମ୍ଭ ନେଇ ଟ୍ରମ୍ପଙ୍କ ଧମକ

# କାଟିଦେବୁ ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲ୍: ଇରାନ



ନୂଆଦିଲ୍ଲୀ,୨୪।୧୦: ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧର ଉତ୍ତେଜନା ଥମିବାର ନାଁ ନେଉନାହିଁ। ଏହା ଭିତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଦାବି। ସେ କହିଛନ୍ତି, ଇରାନ ବିରୋଧରେ ଆଉ ଏକ ସାମରିକ ଅଭିଯାନ ଆରମ୍ଭ କରିପାରନ୍ତି। ଏହା ପୂର୍ବରୁ ଟ୍ରମ୍ପ ଫ୍ଲୋରିଡାରେ ଏକ ରାଲି ବେଳେ କହିଥିଲେ, ଆମେ ଏକ ଛୋଟ ଏପିକ୍ ଫ୍ୟୁରୀ ପ୍ଲାନ୍ ତିଆରି କରିପାରୁ। ଏପିକ୍ ଫ୍ୟୁରୀ ହେଉଛି ସେହି ନାଁ,ଯାହାକି ଫେବୃଆରୀ ୨୮ରେ ଇରାନ ବିରୋଧରେ ଆମେରିକା ଆରମ୍ଭ କରିଥିବା ଯୁଦ୍ଧ। ଟ୍ରମ୍ପଙ୍କ ବୟାନ ପରେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ, ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଆକ୍ରମଣ କଲେ ସମୁଦ୍ର ତଳେ ବିଛାଯାଇଥିବା ଇଣ୍ଟରନେଟ୍ କେବୁଲ୍ ଧ୍ୱଂସ କରିଦେବାକୁ ଇରାନ ପ୍ରସ୍ତୁତି କରିଥିବା ନେଇ ଖବର ସାମ୍ନାକୁ ଆସିଛି। ଯଦି ଏପରି ହୁଏ, ତେବେ ବିଶ୍ୱର ଇଣ୍ଟରନେଟ୍ ଯୋଗାଯୋଗ ଓ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିପାରେ। ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥା ହେବା ସମୟରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଚାହିଁଲେ ଏହି ଯୁଦ୍ଧକୁ ଖୁବ୍ ଶୀଘ୍ର ଶେଷ କରିପାରିବ। ତେବେ ଯୁଦ୍ଧକୁ ଏବେ ଶେଷ କରାଯିବ ନା ଏହାକୁ ଧୀରେ ଧୀରେ ଦୁର୍ବଳ ହେବାକୁ ଦିଆଯିବ, ତାହା ଉପରେ ବିଚାର କରାଯାଉଥିବା ସେ କହିଛନ୍ତି। ଟ୍ରମ୍ପ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ତେଲ ପରିବହନ ଜାରି ରହିଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ବିଶ୍ୱର ଶକ୍ତି ଯୋଗାଣ ପାଇଁ ଏହି ସାମୁଦ୍ରିକ ପଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଥରେ ତେଲ ପରିବହନ ବାଧାପ୍ରାପ୍ତ ହେଲେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢ଼ିବା ସହ ବିଶ୍ୱ ଅର୍ଥନୀତି ଉପରେ ଚାପ ପଡ଼ିପାରେ। ଯୁଦ୍ଧ କେବେ ଶେଷ ହେବ, ତାହାକୁ ନେଇ ଟ୍ରମ୍ପଙ୍କ ବୟାନରେ ଭିନ୍ନତା ଦେଖାଯାଇଛି। ଏହି ମାସର ଆରମ୍ଭରେ ସେ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ଇରାନ ଉପରେ ଆକ୍ରମଣ ନକରିବା କଥା କହିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଦ ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁସାରେ, ଆମେରିକା ଓ ଇସ୍ରାଏଲର ସେନା ମଧ୍ୟବର୍ତ୍ତୀ ନିର୍ବାଚନ ପରେ ପୁଣି ଆକ୍ରମଣ କରିବା ନେଇ ଯୋଜନା ପ୍ରସ୍ତୁତ କରିଥିବା କୁହାଯାଉଛି। ଆମେରିକୀୟ ଅଧିକାରୀଙ୍କ ସୂତ୍ରକୁ ଆଧାର କରି ପ୍ରକାଶିତ ଏହି ରିପୋର୍ଟରେ ଇରାନର ଶକ୍ତି ଭିତ୍ତିଭୂମି, ପରମାଣୁ କେନ୍ଦ୍ର, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଗଚ୍ଛିତ ରଖାଯାଉଥିବା ସ୍ଥାନଗୁଡ଼ିକ ସମ୍ଭାବ୍ୟ ଟାର୍ଗେଟ୍ ହୋଇପାରେ ବୋଲି ଉଲ୍ଲେଖ ରହିଛି।ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ କଂଗ୍ରେସ ଉପରେ କେଉଁ ଦଳର ନିୟନ୍ତ୍ରଣ ରହିବ, ତାହା ଏକ ବଡ଼ ପ୍ରସଙ୍ଗ। ଏପରିସ୍ଥିତିରେ ଯୁଦ୍ଧକୁ ନେଇ ଟ୍ରମ୍ପ ପ୍ରଶାସନର ଆଗାମୀ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

## ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବେନାହିଁ ଇରାନ ସଂସଦୀୟ ବାଚସ୍ପତି ଗାଲିବାଫ୍

ନୂଆଦିଲ୍ଲୀ,୨୪।୧୦: ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବଘେର ଗାଲିବାଫ ନୂଆଦିଲ୍ଲୀରେ ଦ୍ୱାଦଶ ବ୍ରିକ୍ସ ଫୋରମରେ ଯୋଗ ଦେବେ ନାହିଁ ବୋଲି ଭାରତରେ ଅବସ୍ଥାପିତ ଥିବା ଇରାନୀ ଦୂତାବାସ ଶନିବାର ଘୋଷଣା କରିଛି। ଇରାନ ଦୂତାବାସ କହିଛି ଯେ, ଅପ୍ରତ୍ୟାଶିତ ପରିସ୍ଥିତି ଯୋଗୁଁ ଇରାନର ଇସଲାମିକ୍ ପରାମର୍ଶଦାତା ପରିଷଦର ବାଚସ୍ପତି ଗାଲିବାଫ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ସଂସଦର ବାଚସ୍ପତିଙ୍କ ବୈଠକରେ ଯୋଗ ଦେଇପାରିବେ ନାହିଁ। ଦୂତାବାସ ସ୍ପଷ୍ଟ କରିଛି ଯେ, ତାଙ୍କ ବଦଳରେ ଏକ ଇରାନୀ ସଂସଦୀୟ ପ୍ରତିନିଧି ଦଳ ବୈଠକରେ ଅଂଶଗ୍ରହଣ କରିବ। ଇରାନ ମଧ୍ୟ ଭାରତ ସରକାରଙ୍କ ଆତିଥ୍ୟ ଓ ବୈଠକ ଆୟୋଜନ ପାଇଁ ବ୍ୟବସ୍ଥା ପାଇଁ ପ୍ରଶଂସା କରିଥିଲା। ଦୂତାବାସ ସଂସଦୀୟ ଫୋରମର ସଫଳତା କାମନା କରିଛି। ସୂଚନାଯୋଗ୍ୟ, ଦ୍ୱାଦଶ ବ୍ରିକ୍ସ ସଂସଦୀୟ ଫୋରମ୍ ୨୬-୨୭ ଅକ୍ଟୋବରରେ ନୂଆଦିଲ୍ଲୀରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲରେ ଅନୁଷ୍ଠିତ ହେବ। ଏଥିରେ ବ୍ରିକ୍ସ ସଦସ୍ୟ ଓ ଅଂଶୀଦାର ଦେଶଗୁଡ଼ିକର ସଂସଦୀୟ ନେତା ଏବଂ ପ୍ରତିନିଧିମଣ୍ଡଳୀମାନେ ଏକତ୍ରିତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମରେ ଯୋଗଦେବାର ଆଶା କରାଯାଉଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ବୈଠକରେ ଅଧ୍ୟକ୍ଷତା କରିବେ। ଏହି ଫୋରମ୍ ସଂସଦୀୟ ସହଯୋଗକୁ ସୁଦୃଢ଼ କରିବା, ଲୋକ-କୈନ୍ଦ୍ରିକ ବିକାଶ, ନୀତିଗତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡିଜିଟାଲ୍ ପରିବର୍ତ୍ତନ ଓ ବିଶ୍ୱ ଶାସନରେ ସଂସ୍କାର ଉପରେ ଗୁରୁତ୍ୱ ଦେବ। ଫୋରମରେ ୧୧ ଟି ବ୍ରିକ୍ସ ସଦସ୍ୟ ଦେଶ ଓ ୧୦ ଟି ସହଯୋଗୀ ଦେଶର ସଂସଦୀୟ ପ୍ରତିନିଧିମଣ୍ଡଳୀ ଏକତ୍ରିତ ହେବାର ଆଶା କରାଯାଉଛି।

## ଦିଲ୍ଲୀ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କ ଆତ୍ମଦାହ

ନୂଆଦିଲ୍ଲୀ,୨୪।୧୦: ଏକ ଚାଞ୍ଚଲ୍ୟକର ଘଟଣାକ୍ରମେ ଦିଲ୍ଲୀର ଏକ ସ୍କୁଲରେ ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଙ୍କ ମୃତଦେହ ପୋଡ଼ି ଯାଇଥିବା ଅବସ୍ଥାରେ ମିଳିଛି। ସ୍କୁଲର ଗାର୍ଡ଼ ରୁମ୍ ପଛରୁ ଛାତ୍ରୀଙ୍କ ମୃତଦେହ ମିଳିଛି। ପ୍ରାଥମିକ ତଦନ୍ତରୁ ଛାତ୍ରୀ ଜଣକ ସ୍କୁଲ ପରିସରରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଛାତ୍ରୀଙ୍କ ବ୍ୟାଗରୁ ତିନି ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ ହୋଇଛି। ଏହି ଘଟଣା ଶାହଦରା ଜିଲ୍ଲାର କୃଷ୍ଣାନଗର ସ୍ଥିତ ସର୍ବୋଦୟ ବାଳିକା ବିଦ୍ୟାଳୟର ବୋଲି କୁହାଯାଉଛି।

## ମଝି ଆକାଶରେ ଦୁଇ ବିମାନ ଧକ୍କା: ୪ ପାଇଲଟ ମୃତ

ଫିଲିପାଇନ୍ସ,୨୫।୧୦: ଫିଲିପାଇନ୍ସରେ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି । ଆକାଶରେ ଉଡୁଥିବା ବେଳେ ପରସ୍ପର ସହ ଧକ୍କା ହେଲା ଦୁଇଟି ସାମରିକ ପ୍ରଶିକ୍ଷଣ ବିମାନ । ଦୁର୍ଘଟଣାରେ ଫିଲିପାଇନ୍ସ ବାୟୁସେନାର ୪ ଜଣ ପାଇଲଟଙ୍କ ମୃତ୍ୟୁ ଘଟିଛି। ଫିଲିପାଇନ୍ସର ବାଟାଙ୍ଗାସ୍ ପ୍ରଦେଶର ଲିପା ସହରସ୍ଥିତ ଫର୍ନାଣ୍ଡୋ ଏୟାର ବେସରେ ଘଟିଛି ଦୁର୍ଘଟଣା। ବାୟୁସେନାର ୨ଟି ଟ୍ରେନର୍ ବିମାନ ନିୟମିତ ପ୍ରଶିକ୍ଷଣ ଉଡ଼ାଣରେ ଥିବାବେଳେ ସ୍ଥାନୀୟ ସମୟ ଅପରାହ୍ଣ ପ୍ରାୟ ୩ଟା ୫୧ ମିନିଟରେ ପରସ୍ପର ସହ ଧକ୍କା ହୋଇଥିଲା । ଧକ୍କା ପରେ ଉଭୟ ବିମାନ ଏୟାର ବେସ୍ ପରିସରରେ ଖସିପଡ଼ିଥିଲା । ଦୁଇଟି ବିମାନରେ ମୋଟ ୪ ଜଣ ପାଇଲଟ୍ ଥିଲେ ।

## ରାଜସ୍ଥାନର ୯ ସହରକୁ ୧୧୫୦ ଇ-ବସ୍ ମଞ୍ଜୁର

ଜୟପୁର,୨୪।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଚାଲୁଥିବା ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଦେଶର ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣୁଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ନେତୃତ୍ୱରେ ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ରାଜସ୍ଥାନର ୯ ସହର ପାଇଁ ୧୧୫୦ଟି ଇ-ବସ୍‌କୁ ମଞ୍ଜୁରି ମିଳିଛି। ସେଥିରୁ ବର୍ତ୍ତମାନ ସୁଦ୍ଧା ୨୫୦ଟି ବସ୍ ଦିଆଯାଇଛି। ଜୟପୁରକୁ ୧୦୩ଟି ଇ-ବସ୍ ମିଳିଥିବାବେଳେ ୪୫୦ଟି ଇ-ବସ୍ ଏବଂ ୫୦ଟି ଡବଲ ଡେକର ଇ-ବସ୍ ପାଇବା ଲାଗି ପ୍ରକ୍ରିୟା ଚାଲିଛି। ଏହି ଯୋଜନାର ପ୍ରାରମ୍ଭରେ ରାଜସ୍ଥାନର ୮ଟି ସହର ପାଇଁ ୬୭୫ଟି ଇ-ବସ୍ ମଞ୍ଜୁର ହୋଇଥିଲା। କିନ୍ତୁ ରାଜ୍ୟ ସରକାର ବିଶେଷ ପ୍ରୟାସ ପରେ ଏହି ସଂଖ୍ୟା ୧୧୫୦କୁ ବୃଦ୍ଧି ପାଇଛି। ସେଥିରୁ ଜୟପୁର ପାଇଁ ୫୫୦, ଯୋଧପୁର ପାଇଁ ୧୨୫, ଅଜମେର ଓ କୋଟା ପାଇଁ ୧୦୦ ଲେଖାଏଁ, ବିକାନେର ପାଇଁ ୭୫, ଭିଲୱାଡ଼ା, ଅଲୱର, ଉଦୟପୁର ଓ ସିକର ପାଇଁ ୫୦ଟି ଲେଖାଏଁ ଇ-ବସ୍ ମଞ୍ଜୁର ହୋଇଛି। ଏସବୁ ବସ୍ରେ ଅତ୍ୟାଧୁନିକ ପ୍ରଯୁକ୍ତି ରହିଛି ଯାହାଦ୍ୱାରା ବରିଷ୍ଠ ନାଗରିକ, ବିଦ୍ୟାର୍ଥୀ ଏବଂ ଦିବ୍ୟାଙ୍ଗ ଲୋକ ଆରାମରେ ଯାତ୍ରା କରିପାରିବେ। ସିସିଟିଭି କ୍ୟାମେରା, ପ୍ୟାନିକ ବଟନ ଓ ସୁରକ୍ଷା ଉପକରଣ ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ କେବଳ ବସ୍ କିଣିବା ଏବଂ ଉପଲବ୍ଧତାରେ ସୀମିତ ରହିବ ନାହିଁ। ସଂପୂର୍ଣ୍ଣ ବ୍ୟବସ୍ଥା ପ୍ରସ୍ତୁତ କରାଯାଇ ବସର ନିୟମିତ ଚଳାଚଳ ସହିତ ଯାତ୍ରୀଙ୍କୁ ସୁଲଭ ପରିବହନ ସେବା ମିଳିବ। ଏଥିପାଇଁ ବସ୍ ଡିପୋ, ଚାର୍ଜିଂ ଷ୍ଟେସନ, ବିଦ୍ୟୁତ୍ ସଂଯୋଗ ଏବଂ ଚଳାଚଳ ସହ ଜଡ଼ିତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଧ୍ୟାନ ଦିଆଯାଇଛି।

## ପାକିସ୍ତାନରେ ହାହାକାର ୮ ହଜାର ଟପିଲା ଏଲପିଜି ଦର

ଇସଲାମାବାଦ,୨୪।୧୦: ପାକିସ୍ତାନରେ ଏବେ ରୋଷେଇ ଗ୍ୟାସକୁ ନେଇ ହାହାକାର। ଇରାନ ସହ ସୀମା ବନ୍ଦ ହେବା ପରେ ଦେଶରେ ଏଲପିଜି ଯୋଗାଣ ଉପରେ ପଡ଼ିଛି ବଡ଼ ପ୍ରଭାବ। ଯେଉଁ ୧୨ କିଲୋ ଗ୍ୟାସ୍ ସିଲିଣ୍ଡର ପାଇଁ ପୂର୍ବରୁ ୪,୫୦୦ ପାକିସ୍ତାନୀ ଟଙ୍କା ଦେବାକୁ ପଡୁଥିଲା, ତାହାର ଦାମ୍ ବଢ଼ି ୭,୦୦୦ ଟଙ୍କାରେ ପହଞ୍ଚିଥିବା ରିପୋର୍ଟ ଆସିଛି। କେତେକ ସହରରେ ଦର ଆହୁରି ଅଧିକ। ଗୋଟିଏ ପଟେ ରୋଷେଇ ଖର୍ଚ୍ଚ ବଢୁଛି, ଅନ୍ୟପଟେ ଯୋଗାଣ କେବେ ସ୍ୱାଭାବିକ ହେବ, ତାହାକୁ ନେଇ ଚିନ୍ତାରେ ସାଧାରଣ ଲୋକ। ରିପୋର୍ଟ ଅନୁସାରେ, ଅକ୍ଟୋବର ୧୭ରେ ପାକିସ୍ତାନ ଓ ଇରାନ ମଧ୍ୟରେ ଥିବା ଗବ୍ଦ-ରିମଦାନ ଏବଂ ତାଫ୍‌ତାନ ସୀମା ପାରାପାର ପଥ ବନ୍ଦ ହୋଇଥିଲା। ପାକିସ୍ତାନର ବାଲୁଚିସ୍ତାନ ସରକାର ସୁରକ୍ଷା ଚିନ୍ତା ଓ ଚୋରାଚାଲାଣ ରୋକିବାକୁ କାରଣ ଦର୍ଶାଇଥିବା ବେଳେ ଇରାନ ପକ୍ଷରୁ ବୈଷୟିକ ସମସ୍ୟା କଥା କୁହାଯାଇଥିବା ଖବର ମିଳିଛି। ଏହି ନିଷ୍ପତ୍ତି ପରେ ଉଭୟ ପଟେ ଶହ ଶହ ଟ୍ୟାଙ୍କର ଅଟକି ରହିଥିବା ଏବଂ ଇରାନ ପଟେ ୪,୫୦୦ ମେଟ୍ରିକ୍ ଟନରୁ ଅଧିକ ଏଲପିଜି ଅଟକିଥିବା ରିପୋର୍ଟ ହୋଇଛି । ଗବ୍ଦ-ରିମଦାନ ପଥରେ ଦୈନିକ ୪,୦୦୦ ମେଟ୍ରିକ୍ ଟନରୁ ଅଧିକ ଗ୍ୟାସ୍ ଆସୁଥିବା ଦାବି କରାଯାଇଛି। ଫଳରେ ପାକିସ୍ତାନର ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ଉପରେ ଚାପ ବଢ଼ିଛି। ସୀମା ବନ୍ଦ ହେବାର କିଛି ଦିନ ମଧ୍ୟରେ ୧୨ କିଲୋ ଏଲପିଜି ସିଲିଣ୍ଡରର ଦର ୪,୫୦୦ରୁ ବଢ଼ି ୭,୦୦୦ ପାକିସ୍ତାନୀ ଟଙ୍କା ହୋଇଥିବା ଖବର ଆସିଛି । ଲାହୋରରେ ସିଲିଣ୍ଡର ଦର ପ୍ରାୟ ୭,୫୦୦ ଟଙ୍କା ଥିବା ବେଳେ ସ୍କାର୍ଦୁରେ ପ୍ରାୟ ୮,୨୦୦ ଟଙ୍କା ।

## କାଠଯୋଡ଼ି ନଦୀପଠାରେ ମହିଳାଙ୍କୁ ଛେଚିଛେଚି ହତ୍ୟା ଘଟଣାର ଅଭିଯୁକ୍ତ ତିରୁପତିରୁ ଗିରଫ

କଟକ(ନିପ୍ର) : କଟକ ସିଟି କଲେଜ୍ ସାମନା କାଠଯୋଡ଼ୀ ନଦୀପଠାରେ ଜଣେ ମହିଳାଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିବା ଘଟଣାର ପର୍ଦ୍ଦାଫାଶ କରି ଅଭିଯୁକ୍ତକୁ ଗିରଫ କରିଛି କଟକ କମିଶନରେଟ ପୋଲିସ । ଗିରଫ ଅଭିଯୁକ୍ତ କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳର ଅବିନାଶ ସାହୁ । ପୋଲିସ ଅଭିଯୁକ୍ତକୁ ତେଲେଙ୍ଗାନା ତିରୁପତିର ପୁତୁରରୁ ଗିରଫ କରିଛି । ସୂଚନାଯୋଗ୍ୟଯେ ଗତ ୭ ତାରିଖ ବୁଧବାର ରାତି ପ୍ରାୟ ୮ଟା ବେଳେ ସିଟି କଲେଜ ସାମନା କାଠଯୋଡ଼ି ନଦୀ ପଠାରେ ଜଣେ ମହିଳାଙ୍କ ଶବ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ବାଦାମବାଡ଼ି ଥାନା ପୁଲିସକୁ ଖବର ଦେଇଥିଲେ । ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମହିଳା ଜଣକ ସାଲୱାର ପଞ୍ଜାବୀ ପିନ୍ଧିଥିବା ବେଳେ ତାଙ୍କ ମୁଣ୍ଡ ନିକଟରେ ଏକ ଇଟା ପଡ଼ିଥିଲା । ମୁଣ୍ଡକୁ ଛେଚାଯାଇଥିବା ଦେଖିବାକୁ ମିଳିଥିଲା । ପାଖରେ ରକ୍ତ ବି ବୋହିଥିବା ଦେଖିବାକୁ ମିଳିଥିଲା । ଶବ ନିକଟରୁ ୧୦ ଫୁଟ ଦୂରରେ ଏକ ରଙ୍ଗିନ୍ ଉଲ୍ କମ୍ବଳ ପଡ଼ିଥିବା ବେଳେ ଆଉ ୨୦ ଫୁଟ ଦୂରରେ ଏକ ପ୍ଲାଷ୍ଟିକ ମଶିଣା ପଡ଼ିଥିଲା । ଏହି ମଶିଣା ଉପରେ ରକ୍ତ ପଡ଼ିଥିବା ବେଳେ ଗୋଟିଏ ପଲିଥିନରେ ସିଲଭର୍ କଡ଼େଇ ପଶିଥିବା ବେଳେ ଦୁଇଟି ଷ୍ଟିଲ୍ ପ୍ଲେଟ୍, ମଶିଣା ନିକଟରେ କିଛି ଡିସପୋଜେବଲ ପ୍ଲେଟ, ଏକ ଧଳା ରଙ୍ଗର ପ୍ଲାଷ୍ଟିକ୍ ବ୍ୟାଗ୍, ମହିଳାଙ୍କ ହଳେ ଚପଲ ଓ ମହିଳାଙ୍କ ମୁଣ୍ଡ ଲଣ୍ଡା କରିବା ପରେ ପାଖରେ ଚୁଟି ପଡ଼ିଥିବା ଦେଖିବାକୁ ମିଳିଥିଲା । ଯେଉଁ ସ୍ଥାନରେ ମହିଳାଙ୍କ ଶବ ପଡ଼ିଥିଲା, ମଶିଣା ନିକଟରୁ ସେହି ସ୍ଥାନକୁ ତାଙ୍କୁ ଘୋଷାରି ନିଆଯାଇଥିବା ଦେଖିବାକୁ ମିଳିଥିଲା । ବାଲିରେ ଘୋଷରା ଚିହ୍ନ ଥିବା ବେଳେ ମହିଳାଙ୍କ ପାଦରେ ବି ବାଲି ଲାଗିଥିଲା । ମହିଳାଙ୍କ ପରିଚୟ ମିଳିନଥିବାରୁ ପୋଲିସ ପାଇଁ ଏହା ଚ୍ୟାଲେଞ୍ଜି ସୃଷ୍ଟି କରିଥିଲା । ତେବେ ମୃତକ ମହିଳାଙ୍କ ହାତରେ ଥିବା ଅବିନାଶ ଗୌରୀ ଟାଟୁକୁ ଆଧାର କରି ସାମାଜିକ ଗଣମାଧ୍ୟମ ସହାୟତାରେ ପୋଲିସ ନର୍ଲା ପୋଲିସ ସହାୟତାରେ ମୃତକଙ୍କ ପରିଚୟ ପାଇ ପାରିଥିଲା । ମୃତ ମହିଳାଙ୍କ ସ୍ୱାମୀଙ୍କ ସୂଚନା ଆଧାରରେ ଅଭିଯୁକ୍ତ ଅବିନାଶ ବିଷୟରେ ସନ୍ଧାନ ପାଇଥିଲା । ତେବେ ଅଭିଯୁକ୍ତ ଜଳନ୍ଧର ବାଗ, ରବି ମାଝୀ, କ୍ରିଷ୍ଣା ଭଳି ବିଭିନ୍ନ ନାମରେ ପରିଚିତ ହୋଇ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲା । ଏଥିପାଇଁ ଗଠିତ ୨ଟି ତଦନ୍ତକାରୀ ଟିମ ମଧ୍ୟରୁ ଗୋଟିଏ ରାଜ୍ୟର କଳାହାଣ୍ଡି ଓ ନୂଆପଡା ଅଞ୍ଚଳରେ ଥିବା ବେଳେ ଅନ୍ୟ ଟିମ ତେଲେଙ୍ଗାନାରେ ତଦନ୍ତ କରୁଥିଲେ । ସାଇବର ସେଲ ନିୟମିତ ଅଭିଯୁକ୍ତର ଲୋକେସନ ଟ୍ରାକ କରି ସୂଚନା ଦେଉଥିଲେ ।ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତକୁ ତିରୁପତିର ପୁତୁର ଅଞ୍ଚଳରୁ ଗିରଫ କରାଯାଇଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ଗୋରୁ ବୋଝେଇ ଗାଡ଼ି ଛାଡ଼ି କାଠଯୋଡ଼ିକୁ ଡେଇଁଲେ ଚାଳକ, ଉଦ୍ଧାର କଲା ଅଗ୍ନିଶମ ବାହିନୀ

କଟକ(ନିପ୍ର): ଗୋରୁ ବୋଝେଇ ଗାଡ଼ିକୁ ଛାଡ଼ି କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଲେ ଚାଳକ । କିଛି ଯୁବକ ଗାଡ଼ିକୁ ଅଟକାଇବା ପାଇଁ ପିଛା କରୁଥିବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି । ତେବେ ନଦୀକୁ ଡେଇଁ ପଡ଼ିଥିବା ଚାଳକଙ୍କୁ ଅଗ୍ନିଶମ ବାହିନୀ ସୁରକ୍ଷିତ ଉଦ୍ଧାର କରିଛି । ସୂଚନା ଅନୁସାରେ, ଗୋରୁ ବୋଝେଇ ଗାଡ଼ିଟି ଯାଉଥିବା ବେଳେ କିଛି ଯୁବକ ଏହାକୁ ଅଟକାଇବା ପାଇଁ ପିଛା କରିଥିଲେ । ଏହି ସମୟରେ ଗାଡ଼ି ଚାଳକ ଗାଡ଼ିକୁ ଛାଡ଼ି କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲେ । ଘଟଣାକୁ ନେଇ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ବିଡ଼ାନାସୀ ଅଗ୍ନିଶମ ବାହିନୀ । ନଦୀରେ ଉଦ୍ଧାର କାର୍ଯ୍ୟ ଚଳାଇ ଚାଳକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ ଅଗ୍ନିଶମ କର୍ମଚାରୀ । ପରେ ତାଙ୍କୁ ପୋଲିସର ଜିମା ଦିଆଯାଇଥିଲା । ଉଦ୍ଧାର ହୋଇଥିବା ଚାଳକଙ୍କ ନାଁ ଶେଖ୍ ଅବଦୁଲ ଶାହାଜାନ ବୋଲି ଜଣାପଡ଼ିଛି । ତେବେ ସେ କାହିଁକି ନଦୀକୁ ଡେଇଁଲେ, ଗାଡ଼ିରେ ଥିବା ଗୋରୁଙ୍କୁ କେଉଁଠାକୁ ନିଆଯାଉଥିଲା ଏବଂ ଘଟଣା ପଛରେ ଆଉ କିଛି କାରଣ ରହିଛି କି ନାହିଁ, ସେନେଇ ତଦନ୍ତ ଜାରି ରହିଛି ।

## ମଦ୍ୟପକୁ ବଞ୍ଚାଇବାକୁ ଯାଇ ବାଇକ୍ ଚାଳକ ଗୁରୁତର

ପିପିଲି (ନିପ୍ର): ବଳଙ୍ଗା – ନିମାପଡା ରାସ୍ତାରେ ଥିବା ମଦ ଦୋକାନ ସାମ୍ନାରେ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ବଞ୍ଚାଇବାକୁ ଯାଇ ଜଣେ ବାଇକ ଚାଳକ ଗୁରୁତର ହୋଇଛି । ଗୁରୁତର ଯୁବକର ପରିଚୟ ମିଳି ନ ଥିଲା ବେଳେ ସେ ନିମାପଡା ଥାନା ଗଡ ତୋରିହିଁ ଅଞ୍ଚଳର ହୋଇଥିବା ନେଇ କୁହାଯାଉଛି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି । ସୂଚନାମୁତାବକ ଯୁବକ ଜଣଙ୍କ ଏକ ବାଇକରେ ବଳଙ୍ଗାରୁ ନିମାପଡା ଅଭିମୁଖେ ଯାଉଥିଲା ବେଳେ ମଦ ଦୋକାନ ସାମ୍ନାରେ ଜଣେ ନିଶାଗ୍ରସ୍ତ ଥିବା ଜଣେ ବ୍ୟକ୍ତି ହଠାତ୍ ବାଇକ ଆଗକୁ ଆସିଯାଇଥିଲା । ଫଳରେ ଯୁବକ ଜଣଙ୍କ ବ୍ରେକ ମାରିବାରୁ ବାଇକଟି ଭାରସାମ୍ୟ ହରାଇ ବାଇକ ସହ ଚାଳକ ଜଣଙ୍କ ରାସ୍ତା ଉପରେ ପଡିଯିବାରୁ ତାଙ୍କ ମୁଣ୍ଡ ଓ ଶରୀରରେ ଗୁରୁତର ଆଘାତ ଲାଗିଥିଲା ।

## କମାଗଡ଼ ଗ୍ରାମରେ ନାବାଳିକାକୁ ବଳାତ୍କାର ଉଦ୍ୟମ

ଆସିକା(ନିପ୍ର): ଆସିକା ଥାନା ଅଧୀନ କମାଗଡ଼ ଗ୍ରାମରେ ଜଣେ ନାବାଳିକାକୁ ବଳାତ୍କାର ଉଦ୍ୟମ ହୋଇଛି । ଏନେଇ ଆସିକା ଥାନାରେ ନାବାଳିକା ଜଣକ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ଆସିକା ଥାନା ଅଧୀନ କମାଗଡ଼ ଗ୍ରାମରେ ଘରେ ଏକାକୀ ଥିବାର ସୁଯୋଗ ନେଇ ଉକ୍ତ ଗ୍ରାମର ଜଣେ ଯୁବକ ଘରେ ପଶି ନାବାଳିକା ଜଣକୁ ଜୋର ଜବରଦସ୍ତ ବଳାତ୍କାର ଉଦ୍ୟମ କରିବାକୁ ଉଦ୍ୟମ କରୁଥିଲା ବେଳେ ନାବାଳିକା ଜଣକ ପାଟି କରିବାରୁ ଗ୍ରାମର ଅନ୍ୟଜଣେ ଯୁବକ ଆସିବା ଦେଖି ଉକ୍ତ ଯୁବକ ଜଣକ ନାବାଳିକା ଜଣକୁ ଏହି କଥା କାହାକୁ କହିଲେ ଜୀବନରୁ ମାରିଦେବା ଧମକ ଦେଇ ଘଟଣା ସ୍ଥଳରୁ ଚାଲିଯାଇଥିଲା । ଏନେଇ ନାବାଳିକା ଜଣକ ଆସିକା ଥାନାରେ ଦ୍ୱାରସ୍ତ ହୋଇଥିଲେ । ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ପୁରୀ ଶ୍ରୀମନ୍ଦିରକୁ ପ୍ରଥମାଷ୍ଟମୀ ପୋଢୁଁଆ ଭାର ପଠାଯିବା ନିମନ୍ତେ ପ୍ରସ୍ତୁତି

ଚାରିଛକ,(ନିପ୍ର): ପ୍ରତିବର୍ଷ ଭଳି ଚଳିତବର୍ଷ ଚାରିଛକ ନିକଟସ୍ଥ ନିଆଳୀ ମାଧବାନନ୍ଦ ଜୀୟୁ ମନ୍ଦିର ମାମୁଁଘରୁ ପୁରୀ ଶ୍ରୀମନ୍ଦିର ଭଣଜା ଘର ଚାରିଠାକୁରଙ୍କୁ ପ୍ରଥମାଷ୍ଟମୀରେ ପୋଢୁଆଁ ପାଇଁ ପଠାଯିବ ପୋଢୁଁଆ ଭାର । ସେଥିଲାଗି ମାଧବାନନ୍ଦ ଜୀୟୁ ବିକାଶ ପରିଷଦ ଓ ମାଧବାନନ୍ଦଜୀୟୁ ଟ୍ରଷ୍ଟ ବୋର୍ଡ ମିଳିତ ଆନୁକୂଲ୍ୟରେ ଶନିବାରଦିନ ଏକ ପ୍ରସ୍ତୁତୀ ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିକାଶ ପରିଷଦ ସଭାପତି ଅଶୋକ ପୁଷ୍ପାଳକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପରିଷଦର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର ପୁରୀ,ଆଇନ୍‌ଜୀବୀ ରଣଜିତ୍ ସାହୁ,ଆଇନ୍‌ଜୀବୀ ଭାସ୍କର ଚନ୍ଦ୍ର ପଣ୍ଡା,ନିଆଳି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ,ଚାରିଛକ ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର,ଟ୍ରଷ୍ଟ ହେଡଟାରୀ ଟ୍ରଷ୍ଟି ଚନ୍ଦନ ଦେବ ଗୋସ୍ୱାମୀ, ନିଆଳୀ ଯାଦବ ସଂଘର ଉପଦେଷ୍ଟା ତଥା ସମିତିସଭ୍ୟ କେଦାରନାଥ ବେହେରା,ଭାଜପା ମୁଖପାତ୍ର ରାଜେନ୍ଦ୍ର କୁମାର ପଣ୍ଡା(ବାପି) ଯାଦବ ସଂଘ ସଂପାଦକ ତ୍ରିଲୋଚନ ବେହେରା, ରଣଜିତ ଜେନାଙ୍କ ସମେତ ଛତିଶା ନିଯୋଗର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ପ୍ରଥମାଷ୍ଟମୀ ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୋଢୁଁଆ ପାଇଁ ଚାରିଛକ ନିକଟସ୍ଥ ନିଆଳୀ ମାଧବାନନ୍ଦ ଜୀୟୁ ମାମୁଁ ଘରୁ ଖଣ୍ଡୁଆପାଟ, ଫଳମୂଳ,ପିଠାପଣା ଆଦି ପୁରୀ ଶ୍ରୀମନ୍ଦିର ପଠାଯିବ ।

## ବାଲିନାସି ଗ୍ରାମରେ ଅଜଣା ରୋଗ ଆତଙ୍କ

# ଜଣେ ମୃତ, ଶତାଧିକ ଆକ୍ରାନ୍ତ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବାଲିନାସି ଗ୍ରାମରେ ଗତ ଏକ ମାସ ଧରି ଅଜଣା ରୋଗ ବ୍ୟାପିଥିବା ବେଳେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି ଓ ଶତାଧିକ ଗ୍ରାମବାସୀ ଆକ୍ରାନ୍ତ ହୋଇଛନ୍ତି । ଏହାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ମୃତକ ହେଲେ ଆରତୀ ଟହଲ (୨୬) । ପ୍ରଥମେ ତାଙ୍କୁ ଅଜଣା ରୋଗରେ ଆକ୍ରାନ୍ତ ହେବା ପରେ କୃଷ୍ଣପ୍ରସାଦ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା, ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗାଁ ମଝିରେ ଥିବା ପୋଖରୀ ଦୂଷିତ ହୋଇ ମାଛ ମରି




ଭାସୁଛନ୍ତି । ସେହି ଦୂଷିତ ପୋଖରୀରେ ଗ୍ରାମବାସୀ ଗାଧୋଉଥିବାରୁ ଏହି ରୋଗ ବ୍ୟାପୁଥିବା ଆଶଙ୍କା କରାଯାଉଛି । ଗ୍ରାମର ପ୍ରାୟ ପ୍ରତ୍ୟେକ ଘରେ ୫ ରୁ ୬ ଜଣ ଲେଖାଏଁ ଏହି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଆକ୍ରାନ୍ତଙ୍କ ମଧ୍ୟରେ ପୁହାନି ଦାସ (୪ ବର୍ଷ), ବୈଷ୍ଣବୀ ଦାସ (୯ ବର୍ଷ), ସୁଧାକର ବେହେରା (୨୧), ଜଗୁ ଦାସ (୧୩), ସୁରଭି ଦାସ (୧୪), ସୁଚିତ୍ରା ଦାସ (୧୭), ଶ୍ୱେତ ବେହେରା (୬୦), ଜେମା ମଣି ବେହେରା (୫୫), ତ୍ରିଫୁଲ କାର୍ଜି (୫୮) ପ୍ରମୁଖ ଶହେରୁ ଉର୍ଦ୍ଧ୍ୱ ଲୋକ ରହିଛନ୍ତି । ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ ଖବର ଦିଆଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଡାକ୍ତରୀ ଦଳ ଗାଁକୁ ଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଡାକ୍ତରୀ ଦଳ ପଠାଇ ପୋଖରୀ ପାଣି ପରୀକ୍ଷା ଓ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା ଉତ୍ତ୍ୟକ୍ତ ଲୋକଙ୍କ ଥାନା ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର,(ନିପ୍ର): ତେଜୁଛି ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା । ନାବାଳିକାକୁ ନ୍ୟାୟ ଦାବିରେ ଆଜି ପରିବାର ଲୋକେ ଓ ଗ୍ରାମବାସୀଙ୍କ ପକ୍ଷରୁ ଜଳେଶ୍ୱର ଥାନା ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଭଳି ଜଘନ୍ୟ ଘଟଣାରେ ଅଭିଯୁକ୍ତ ଜଣେ ନୁହେଁ, ବରଂ ଏକାଧିକ ରହିଥିବା ସେମାନେ ଅଭିଯୋଗ କରିଛନ୍ତି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହିତ ଦୋଷୀମାନଙ୍କୁ କଠୋରରୁ କୋଠର ଦଣ୍ଡରେ ଦଣ୍ଡିତ କରିବା ପାଇଁ ସେମାନେ ଦାବି କରିଛନ୍ତି । ତେବେ ଗତ ୧୬ ତାରିଖ ଅପରାହ୍ନରେ ନାବାଳିକା ଜଣକ ନିଜ ସହପାଠୀ ସହିତ ପଶ୍ଚିମବାଡ଼ ବଜାରକୁ ଚାଉମିନ ଖାଇବାକୁ ଯାଇଥିଲା ବେଳେ ଅଭିଯୁକ୍ତ ଚନ୍ଦନ ତାଙ୍କୁ ଅପହରଣ କରି ନେଇଥିଲା । ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଝିଅ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଅଭିଯୁକ୍ତ ଚନ୍ଦନ ତାକୁ ଅପହରଣ କରିଥିବା ସ୍ୱୀକାର କରିଥିଲା । ତେଣୁ ପୀଡିତାଙ୍କ ପରିବାର ପକ୍ଷରୁ ନ୍ୟାୟ ପାଇଁ ନାମ୍ପୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ସହିତ ଉକ୍ତ ଯୁବକକୁ ପୋଲିସ ଜିମା ଦେଇଥିଲେ । ମାତ୍ର ପୋଲିସ ନିକଟରେ ଅଭିଯୁକ୍ତ ଅପହରଣ କରିଥିବା ସ୍ୱୀକାର କଲା ପରେବି ପୋଲିସ ଏହି ଘଟଣାକୁ ହାଲୁକା ଭାବରେ ନେଇ କେବଳ ପଚରାଉଚରା କରି ଅଭିଯୁକ୍ତକୁ ଛାଡି ଦେଇଥିଲା । ମାତ୍ର ଗ୍ରାମବାସୀଙ୍କ ଧମକଚମକ ପରେ ଗତ ୨୨ ତାରିଖ ଦିନ ଅଭିଯୁକ୍ତ ସତକଥା ମାନିବା ସହିତ ଝିଅକୁ ମାରି ଦେଇଥିବା କଥା କହିଥିଲା । ଯାହାକୁ ନେଇ ଜଳେଶ୍ୱର ଅଞ୍ଚଳର ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଛି, ପୋଲିସ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ କାର୍ଯ୍ୟରେ ଅବହେଳା ପାଇଁ ନାମ୍ପ ଫାଣ୍ଡି ଅଧିକାରୀ କରନ ମାରାଣ୍ଡିଙ୍କୁ ନିଲମ୍ବନ କରିବା ସହିତ ଜଳେଶ୍ୱର ଥାନାଧିକାରୀ ଅଶୋକ କୁମାର ବାରିକଙ୍କୁ ବଦଳୀ କରାଯାଇଥିଲା । ମାତ୍ର ଏହି ଘଟଣାରେ ଅନେକ ଲୋକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ନାବାଳିକାକୁ ନ୍ୟାୟ ଦାବିରେ ଜଳେଶ୍ୱର ଥାନା ସମ୍ମୁଖରେ ଧାରଣା ଦେବା ସହ କିଛି ସମୟ ପାଇଁ ଜଳେଶ୍ୱର ସହରର ମୁଖ୍ୟ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଥିଲା ସେହିପରି ପୀଡିତା ପରିବାରକୁ , ନିରପେକ୍ଷ ତଦନ୍ତ ସହ ନ୍ୟାୟ ପ୍ରଦାନ କରିବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିବା ସହିତ ଜଳେଶ୍ୱରରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆସନ୍ତା ୨୬ ତାରିଖ ମଙ୍ଗଳବାର ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ଜଳେଶ୍ୱର ବନ୍ଦ ଡାକରା ଦିଆଯାଇଛି ।

## ବଳଙ୍ଗା ପୋଲିସ ଦ୍ୱାରା ୨୦ ଲିଟର ମଦ, ସ୍କୁଟି ଏବଂ ଟଙ୍କା ଜବତ

ପିପିଲି (ନିପ୍ର): ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନାର କାର୍ଯ୍ୟରତ ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ଦ୍ୱାରା ବଡ଼ ଧରଣର ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯିବା ସହିତ ସ୍କୁଟି ଗାଡି ଓ ଟଙ୍କା ଜବତ କରାଯାଇଛି । ଏନେଇ ଏସ ଆଇ ପଟ୍ଟନାୟକ ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ନିକଟରେ ଲିଖିତ ରିପୋର୍ଟ କରିବା ସହିତ ସମସ୍ତ ମଦ, ଟଙ୍କା ଓ ସ୍କୁଟି ଜିମା ଦେବାରେ ଥାନା ଆଇଆଇସି ଏନେଇ କେଶ ନଂ ୩୧୫/୨୬ ମାମଲା ଆଗତ କରି ଏଏସଆଇ ରତ୍ନାକର ବେହେରାଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଚିହ୍ନଟ ପାଇଁ ପୋଲିସ ପକ୍ଷରୁ ଅନୁରୋଧ

ନୟାଗଡ଼,(ନିପ୍ର): ଦଶପଲ୍ଲା ଥାନା ଅଧୀନ ରଥାଗାଁ ନିକଟସ୍ଥ ଏନଏଚ-୫୭ କଡ଼ରୁ ଉଦ୍ଧାର ହୋଇଥିବା ଜଣେ ଅଜଣା ପୁରୁଷଙ୍କ ମୃତଦେହର ପରିଚୟ ଜାଣିବା ପାଇଁ ଦଶପଲ୍ଲା ପୋଲିସ ପକ୍ଷରୁ ଜନ ସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି । ୨୪ ଅକ୍ଟୋବର ସକାଳ ପ୍ରାୟ ୮ଟା ୧୦ ମିନିଟ ସମୟରେ ଘଟଣା ସମ୍ପର୍କରେ ସୂଚନା ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ମୃତକଙ୍କ ପରିଚୟ ସମ୍ପର୍କରେ କୌଣସି ସୂଚନା ନମିଳିବାରୁ ମୃତଦେହକୁ ସୁରକ୍ଷିତ ଭାବେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ରଖାଯାଇଛି । ଏ ସଂକ୍ରାନ୍ତରେ ଦଶପଲ୍ଲା ଥାନାରେ କେସ୍ ନଂ ୨୬/୨୦୨୬ ରୁଜୁ କରାଯାଇ ଆବଶ୍ୟକ ତଦନ୍ତ ଓ ଇନକ୍ୱେଷ୍ଟ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ମୃତକଙ୍କ ପରିଚୟ ଜାଣିଥିବା ବ୍ୟକ୍ତି କିମ୍ବା କୌଣସି ପରିବାରର ସଦସ୍ୟ ନିଖୋଜ ଥିବା ସନ୍ଦେହ ହେଲେ, ଦଶପଲ୍ଲା ଥାନା ସହ ଯୋଗାଯୋଗ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

## ରେଳଧାରଣାରେ ଏଏସ୍‌ଆଇଙ୍କ ମୃତଦେହ ଦଶହରା ଡ୍ୟୁଟିକୁ ଆସିଥିଲେ, ମୃତ୍ୟୁକୁ ନେଇ ବଢ଼ିଲା ସନ୍ଦେହ

କଟକ(ନିପ୍ର) : ସିଲଭର ସିଟି କଟକରେ ଦଶହରା ଭସାଣି ଓ ସୁରକ୍ଷା ବ୍ୟବସ୍ଥା ଚାଲିଥିବା ସମୟରେ ଘଟିଯାଇଛି ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା । ରେଳ ଧାରଣାରୁ ଜଣେ ପୋଲିସ ସହକାରୀ ଉପ-ନିରୀକ୍ଷକ ବା ଏଏସଆଇଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଏଏସ୍‌ଆଇ ଜଣକ ହେଉଛନ୍ତି ଜିତେନ୍ଦ୍ର ସାମନ୍ତରାୟ । ତାଙ୍କର ଏପରି ଆକସ୍ମିକ ମୃତ୍ୟୁ ପୋଲିସ ବିଭାଗ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ମୃତ ଏଏସ୍‌ଆଇ ଜିତେନ୍ଦ୍ର ସାମନ୍ତରାୟଙ୍କ ମୂଳ ଘର ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳରେ । ସେ କଟକ ବିଡ଼ାନାସୀ ଚହଟା ଅଞ୍ଚଳରେ ନିଜ ପରିବାର ସହ ରହୁଥିଲେ । ସେ ବର୍ତ୍ତମାନ ପୋଲିସ ବିଭାଗରେ ତାଲିମନେଉଥିବା ବେଳେ କଟକରେ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପାଇଁ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ସ୍ପେଶାଲ ଡ୍ୟୁଟିରେ ନିୟୋଜିତ ହୋଇଥିଲେ । ଶନିବାର ସକାଳେ କଟକ ନିକଟସ୍ଥ ରେଳଧାରଣାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଓ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ତାହା ଏଏସ୍‌ଆଇ ଜିତେନ୍ଦ୍ର ସାମନ୍ତରାୟଙ୍କର ବୋଲି ପରିଚୟ ମିଳିଥିଲା । ଘଟଣାସ୍ଥଳରୁ ମୃତଦେହକୁ ଜବତ କରାଯାଇ ପୋଷ୍ଟମୋର୍ଟମ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି । ସେ ପୂର୍ବରୁ ଟ୍ରାଫିକ ପୋଲିସ ଭାବେ କାର୍ଯ୍ୟ କରୁଥିଲେ । ପଦୋନ୍ନତି ପରେ ବଇରୀ ଠାରେ ଥିବା ତାଲିମ କେନ୍ଦ୍ରରେ ତାଲିମ ନେଉଥିଲେ । ତେବେ କେଉଁ ପରିସ୍ଥିତିରେ ଏବଂ କିପରି ତାଙ୍କ ମୃତଦେହ ଟ୍ରେନ ଟ୍ରାକ୍‌କୁ ଆସିଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଏହା ଏକ ଦୁର୍ଘଟଣା ବା ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେ ନେଇ ଜିଆରପି ଓ ସ୍ଥାନୀୟ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ଘଟଣାସ୍ଥଳରୁ ଆବଶ୍ୟକୀୟ ନମୁନା ସଂଗ୍ରହ କରିବା ସହ ତାଙ୍କ ପରିବାର ଲୋକ ଓ ସହକର୍ମୀଙ୍କୁ ପଚରାଉଚରା ଚଳାଇଛି । ପୋଷ୍ଟମୋର୍ଟମ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

## ଅବକାରୀ ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ଚଢ଼ାଉ ୨୨୭ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

କଟକ(ନିପ୍ର) : ଅବକାରୀ ଅଧୀକ୍ଷକ ସମରଜିତ୍ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଉପ-ଅବକାରୀ ଅଧୀକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍, ୟୁନିଟ ୧, କଟକ ପକ୍ଷରୁ ଜଗତପୁର ଲକ୍ଷ୍ମୀ ନାରାୟଣ ସାହୁ କଲେଜ ନିକଟ ରାସ୍ତାରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଜଣେ ଅଭିଯୁକ୍ତ ଯାଜପୁର ଜିଲ୍ଲା ବଇରୀ ଥାନା ଅନ୍ତର୍ଗତ ସୋଲାରର କେଶବ ଚନ୍ଦ୍ର ବେହେରା (୩୫) ଯାଜପୁରରୁ କଟକକୁ ବ୍ରାଉନ ସୁଗାର ପରିବହନ କରୁଥିବା ସମୟରେ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଠାରୁ ୨୨୭ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ଇଲେକଟ୍ରିକ ସ୍କୁଟି ଓ ଗୋଟିଏ ସ୍ମାର୍ଟ ମୋବାଇଲ ଫୋନ ଜବତ କରାଯାଇଛି । ଜବତ ସାମଗ୍ରୀର ମୂଲ୍ୟ ୨୩ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏ ସଂକ୍ରାନ୍ତରେ ଏକ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଜିଲ୍ଲା ଓ ଦୌରା ଜଜ୍-କମ୍- ସ୍ୱତନ୍ତ୍ର ଜଜ୍, କଟକଙ୍କ ନିକଟରେ ହାଜର କରାଯାଇଥିଲା । ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ସବ-ଇନ୍ସପେକ୍ଟର ବଳବୀର ଗଡନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଏଏସଆଇ କିଶୋର କୁମାର ରାଉତ, ସଞ୍ଜୀବ କୁମାର ମୁଣ୍ଡା, ମହିଳା କନଷ୍ଟେବଳ ରୋଜାଲିନ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ଟଙ୍କା ନିବେଶ ନାଁରେ ୯୨ ଲକ୍ଷ ଠକେଇ ମେଟ୍ରିକ୍ ଫେଲ୍ ଏଜେଣ୍ଟ ଭଦ୍ରକରୁ ଗିରଫ

ଭୁବନେଶ୍ୱର,(ନି.ପ୍ର): ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୯୨ ଲକ୍ଷ ଟଙ୍କାର ନିବେଶ ଠକେଇ ମାମଲାରେ ସାଇବର କ୍ରାଇମ୍ ଏବଂ ଅର୍ଥନୈତିକ ଅପରାଧ ଥାନା ପୋଲିସ ଏକ ବଡ଼ ଧରଣର ଚାଇନିଜ୍ ସାଇବର ଠକଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ ଯୋଗାଉଥିବା ଭଦ୍ରକ ନେଟୱର୍କର ମୁଖ୍ୟ ଏଜେଣ୍ଟକୁ ପୋଲିସ ଶନିବାର ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ପ୍ରୀତମ ନାୟକ ଓରଫ ବବୁଲୁ (୨୯) ଓ ତାଙ୍କ ଘର ଭଦ୍ରକ ଜିଲ୍ଲା ବନ୍ତରେ ବୋଲି ଜଣାପଡ଼ିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜୁଲାଇ ୧ ତାରିଖରେ ଫେସବୁକ୍ ଏବଂ ପରେ 'ଫିନସଲ ଇନସାଇଟ୍ସ ଏକ୍ସଚେଞ୍ଜ' ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଅଭିଯୋଗକାରୀଙ୍କୁ ଡବଲ୍ ରିଟର୍ଣ୍ଣର ଲୋଭ ଦେଖାଯାଇଥିଲା । ଠକମାନଙ୍କ କଥାରେ ପଡ଼ି ସେ ନିଜର ବ୍ୟାଙ୍କରୁ ପର୍ଯ୍ୟାୟକ୍ରମେ ମୋଟ ୯୧ ଲକ୍ଷ ୯୦ ହଜାର ଟଙ୍କା ନିବେଶ କରିଥିଲେ । ପରେ ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଥିଲା ।ଏନେଇ ମାମଲା ରୁଜୁ ହେବା ପରେ ଇନ୍ସପେକ୍ଟର ଜ୍ୟୋତି ରଞ୍ଜନ ପରିଡ଼ାଙ୍କ ତଦନ୍ତରୁ ଜଣାପଡ଼ିଥିଲା ଯେ, ଏହି ଠକେଇ ଟଙ୍କା ଶୈଳଶ୍ରୀ ବିହାର ସ୍ଥିତ ଏକ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଇଥିଲା । ଯାଞ୍ଚ କରିବାରୁ ଭଦ୍ରକରୁ ଅପରେଟ୍ ହେଉଥିବା ଏକ ବିରାଟ ମ୍ୟୁଲ୍ ଆକାଉଣ୍ଟ ନେଟୱର୍କର ପର୍ଦ୍ଦାଫାଶ ହୋଇଥିଲା । ସାଧାରଣ ଲୋକଙ୍କୁ କମିଶନ୍ ଦେଇ ସେମାନଙ୍କ ନାମରେ ବ୍ୟାଙ୍କ୍ ଆକାଉଣ୍ଟ ଖୋଲି ରାଜ୍ୟ ବାହାରର ଏବଂ ବିଦେଶୀ ସାଇବର ଠକଙ୍କୁ ବିକ୍ରି କରାଯାଉଥିଲା । ଏହି ଘଟଣାରେ ପୋଲିସ ପୂର୍ବରୁ ୪ ଜଣ ଆକାଉଣ୍ଟ ହୋଲଡର ଏଜେଣ୍ଟ ଆଦିଙ୍କୁ ଗିରଫ କରିଥିଲା । ମାତ୍ର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ମୁଖ୍ୟ ଏଜେଣ୍ଟ ପ୍ରୀତମ ନାୟକ ଓରଫ୍ ବାବୁଲୁ ଫେରାର୍ ଥିଲା । ସେ ଟେଲିଗ୍ରାମ୍ ମାଧ୍ୟମରେ ସିଧାସଳଖ ଚାଇନିଜ୍ ଅପରେଟରଙ୍କ ସହ ଯୋଗାଯୋଗରେ ରହି ଅନଲାଇନ୍ ଗେମିଂ ଓ ସାଇବର ଠକେଇ ପାଇଁ ବ୍ୟାଙ୍କ୍ ଆକାଉଣ୍ଟ ଯୋଗାଉଥିଲା ।

## ମୃତ ପରିବାରକୁ ସମବେଦନା ଜଣାଇଲେ ସମାଜସେବୀ

ଡେରାବିଶ(ନିପ୍ର): ଡେରାବିଶ ବ୍ଲକ ଅଧିନ ଦାନପୁର ଗ୍ରାମ ପଞ୍ଚାୟତର ଗହଗା ଗ୍ରାମର ତିନି ଜଣ ଯୁବକ ଲୁଣା ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଖବର ପାଇ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ବୋଲି ପ୍ରାର୍ଥନା ଜଣାଇଥିଲେ ସମାଜ ସେବୀ ଶାନ୍ତନୁ କୁମାର ନାୟକ । ତାଙ୍କ ସହିତ ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ମଧୁସୂଦନ ଘଡ଼େଇ ଓ ସରପଞ୍ଚ ଦାନପୁର ଉମେଶ ଚନ୍ଦ୍ର ତ୍ରିପାଠୀ, ଭରତ ଚନ୍ଦ୍ର ଦାସ, ସାରଦା ପ୍ରସାଦ ନାୟକ, ଯୁବ ନେତା ଅମିୟ ଦାସ, ତ୍ରିଲୋଚନ ସ୍ୱାଇଁ ଓ ଅନ୍ୟ ସଦସ୍ୟ ବୃନ୍ଦ ।

# ବଡ଼ବଡ଼ିଆ ଟେକା ପାଇଁ ମିଳୁନି କାଉଁରିଆ କାଠି

ଭାପୁର,(ନିପ୍ର): ପ୍ରତି ଓଡ଼ିଆଙ୍କ ପାଇଁ ଦୀପାବଳି ଏକ ମୁଖ୍ୟପର୍ବ ଏବଂ ଆଉ ଗୋଟିଏ ସପ୍ତାହ ପରେ ପଡିବ ଦୀପାବଳି ଅମାବାସ୍ୟା । ଏହି ପର୍ବରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଦ୍ୱାରା ଅଗ୍ନି ସଂଯୋଗ ହୋଇ ବଡବଡିଆ (ପିତୃଲୋକ)ଙ୍କୁ ଶାନ୍ତି କରାଯାଇଥାଏ ବୋଲି ଲୋକ କଥିତ ରହିଛି । ବର୍ତ୍ତମାନ ଚାଷୀମାନେ ଚାଷ କାର୍ଯ୍ୟ ଠାରୁ ଦୁରେଇ ଯାଉଥିବା ବେଳେ ଲଳିତା ଚାଷ ପ୍ରଭାବିତ ହୋଇଛି । ଲଳିତା ଚାଷ ଲାଭକାରି ଫସଲ ହୋଇଥିଲେ ମଧ ଭାପୁର ବ୍ଲକ ଅଞ୍ଚଳରେ ଏହି ଚାଷ କାର୍ଯ୍ୟ ହେଉ ନ ଥିବାରୁ ଲଳିତାରୁ ଯାତ କାଉଁରିଆ କାଠି ଓ ଝୋଟ ବାହାର ଜିଲ୍ଲା ଉପରେ ନିର୍ଭର



କରିବାକୁ ପଡିଥାଏ । ଲଳିତା ଗଛର ବକଳରୁ ଝୋଟ ଉତ୍ପାଦନ ହୋଇଥାଏ ଯାହାଦ୍ୱାରା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦଉଡି, ବସ୍ତା, ବ୍ୟାଗ ଆଦି ତିଆରି ହୋଇଥାଏ । ଲଳିତା ଗଛକୁ କାଉଁରିଆ କୁହାଯାଇଥାଏ ଓ ଏହା ଜାଳେଣି ସାମଗ୍ରୀ ରୂପେ ବ୍ୟବହାର ହୋଇଥାଏ କିନ୍ତୁ, ଏହି କାଠି ପ୍ରତିଟି ଓଡ଼ିଆଙ୍କ ପାଇଁ ବର୍ଷକରେ ଥରେ ଦୀପାବଳି ଦିନ ଦରକାର ହୋଇଥାଏ । ଏହି କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡବଡିଆ ଟେକା ଯାଇଥାଏ । କିନ୍ତୁ,ଏହି କାଠି ଦୀପାବଳି ପାଇଁ ନିହାତି ଅପରିହାର୍ଯ୍ୟ ହୋଇଥିବାରୁ ବର୍ତ୍ତମାନ ଦୁର୍ମୁଲ୍ୟ ହୋଇଯାଇଛି । ଭାପୁର ବ୍ଲକ ଅଞ୍ଚଳ ବାହାର ତଥା ବଡମ୍ବା ଅଞ୍ଚଳର ବେପାରୀମାନେ ବର୍ତ୍ତମାନ ଦୀପାବଳିର ଅବ୍ୟବାହିତ ପୂର୍ବରୁ ଗୋଟିଏ କାଠିକୁ ଏକ ଟଙ୍କା ହିସାବରେ ବିକ୍ରୟ କରୁଛନ୍ତି । ତେଣୁ, ଧୀରେଧୀରେ ଏହି ପାରମ୍ପରିକ କାଉଁରିଆ କାଠି ଉତ୍ପାଦନ କମୁଥିବାରୁ ଆଗାମୀ ଦିନରେ ଏହି କାଠି ମିଳିବ ନାହିଁ ବୋଲି ଭାପୁର ଅଞ୍ଚଳର ଚାଷୀ ମାନେ ମତବ୍ୟକ୍ତ କରିଛନ୍ତି ।



### ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି-୨୦

# ରୋମାଞ୍ଚକର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଧରାଶାୟୀ

**ଦମ୍ଭ ଦେଖାଇଲେ ତିଳକ-ନୀତିଶ**

କ୍ରାଇଷ୍ଟଚର୍ଚ୍ଚ,୨୪।୧୦: ନ୍ୟୁଜିଲାଣ୍ଡ ମାଟିରେ ଭାରତୀୟ କ୍ରିକେଟ୍ ଟିମ୍ ଦମ୍‌ଦାର ପ୍ରଦର୍ଶନ କରିଛି। ଆଗଧାଡ଼ିର ଖେଳାଳିମାନେ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ନିମ୍ନକ୍ରମରେ ଥିବା ଯୁବ ବ୍ୟାଟରମାନେ ଭାରତ ପାଇଁ ବିଜୟ ଆଣି ଦେଇଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୪ଓ୍ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। କ୍ରାଇଷ୍ଟଚର୍ଚ୍ଚର ହାଗଲି ଓଭାଲରେ ୧୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତୀୟ ଟିମ୍ ୧୯.୫ ଓଭରରେ ୬ଟି ଓ୍ୱିକେଟ ହରାଇ ପୂରଣ କରିଛି। ଏଥି ସହିତ ଭାରତୀୟ ଦଳ ବର୍ତ୍ତମାନ ୨-୦ରେ ଆଗୁଆ ଅଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମୁକାବିଲାରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଥାନ ଦିଆଯାଇଥିଲା। ଦଳର ଆଗଧାଡ଼ିର ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ତେବେ ନ୍ୟୁଜିଲାଣ୍ଡ ଠାରୁ ତିଳକ ବର୍ମା ଏବଂ ନୀତିଶ କୁମାର ରେଡ୍ଡୀ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ଭାରତୀୟ ଟିମ୍‌ର ବିଜୟରେ ତିଳକ ବର୍ମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ନୀତିଶ କୁମାର ରେଡ୍ଡୀଙ୍କ ସହିତ ତିଳକ ମ୍ୟାଚ୍‌ର ଧାରାକୁ ବଦଳାଇ ଦେଇଥିଲେ। ଉଭୟ ସପ୍ତମ ଓ୍ୱିକେଟ୍ ପାଇଁ ୬୯ ରନ୍‌ର ଭାଗିଦାରୀ କରିଥିଲେ। ତିଳକ ୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ଅପରାଜିତ ୫୧ ରନ୍ କରିଥିଲେ। ସେହିପରି ନୀତିଶ ୨୦୦ ଷ୍ଟ୍ରାଇକ୍‌ରେ ଅପରାଜିତ ରହି ୨୬ ରନ୍ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ଭାରତର ଆଗଧାଡ଼ିର ବ୍ୟାଟରମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ପ୍ରାରମ୍ଭିକ ବ୍ୟାଟର ସଂଜୁ ସାମସନ ଏବଂ ଅଭିଷେକ ଶର୍ମା ଯଥାକ୍ରମେ ୧୪ ଏବଂ ୨୭ ରନ୍‌ରେ ଆଉଟ୍ ହୋଇଥିଲେ। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଠାରୁ ଯାହା ଆଶା କରାଯାଉଥିଲା, ତାହା ମିଳିପାରିଲା ନାହିଁ। ବୈଭବ ସୂର୍ଯ୍ୟବଂଶୀ (୪ରନ୍) ନାଥାନ ସ୍ମିଥଙ୍କ ବ୍‌ଲ ଡେରିଲ ମିଚେଲଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ୭ ରନ୍ ଏବଂ ଅକ୍ଷର ପଟେଲ ୧୧ ରନ୍ କରିଥିଲେ। ଯୁବ ବ୍ୟାଟର ନମନ ଧୀର ୧୭ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୩୧ ରନ୍ କରିଥିଲେ।

### ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ବାଙ୍କୀ ଆଥଲେଟିକ ଆସୋସିଏସନ



କଣ୍ଟିଲୋ,୨୪।୧୦(ନି.ପ୍ର): ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୩୮ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ୨ୟ ସେମି ଫାଇନାଲ ମ୍ୟାଚରେ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବକୁ ୫୧ ରନରେ ପରାସ୍ତ କରି ବାଙ୍କୀ ଆଥଲେଟିକ ଆସୋସିଏସନ ଫାଇନାଲରେ ପ୍ରବେଶ କରିଥିବା ଜଣାଯାଇଛି। ବାଙ୍କୀ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଜବାବରେ ବନମାଳିପୁର ଟିମ ୨୦ ଓଭରରେ ୯ ଓ୍ୱିକେଟ ହରାଇ ମାତ୍ର ୧୭୯ ରନ କରିବାକୁ ସକ୍ଷମ ହୋଇଥିଲା। ବାଙ୍କୀ ଟିମର ଆଇଏସ ଗିରି ୩୧ ବଲରୁ ଗୋଟିଏ ଚୌକା ଓ ୮ ଟି ଛକା ସହାୟତାରେ ଆକର୍ଷଣୀୟ ରନ ସଂଗ୍ରହ କରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସାମ୍ବାଦିକ ଜିତେନ୍ଦ୍ର କୁମାର ସାହୁ ଓ ପ୍ରକାଶ ଦାସ ଖେଳକୁ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯୋଗ ଦେଇ ଖେଳାଳି ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ପଙ୍ଗାରସିଂହ ରଘୁନାଥ ଦେବ କ୍ରିକେଟ କ୍ଲବ ଓ ବାଙ୍କୀ ଆଥଲେଟିକ ଆସୋସିଏସନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

### ଘରର ଝରକା ଭାଙ୍ଗି ମୋବାଇଲ ଚୋରି

## ଉଭୟ ଚୋର ଓ କ୍ରେତା ବନ୍ଧାହେଲେ

ଭୁବନେଶ୍ୱର,୨୪।୧୦(ନି.ପ୍ର): ରାତି ଅଧରେ ଘରର ଝରକା ଗ୍ରିଲ୍ ଭାଙ୍ଗି ମୋବାଇଲ୍ ଚୋରି କରୁଥିବା ଜଣେ ଅପରାଧୀ ଏବଂ ଚୋରା ମୋବାଇଲକୁ କିଣି ବେପାର କରୁଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଚୋରା ରେଡମି ମୋବାଇଲ୍ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୋବାଇଲ ଚୋର ନୟାପଲ୍ଲୀ ଆଇଡ଼ି ମାର୍କେଟ ଅଞ୍ଚଳରେ ରହୁଥିବା ବ୍ରଜକିଶୋର ପ୍ରଧାନ (୫୦) ଓ ଚୋରା ମୋବାଇଲ କେତ୍ରା ଲମ୍ବୋଧର ଦିଗଲ (୨୨)। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୬/୧୭.୧୦.୨୦୨୬ ତାରିଖ ରାତି ପ୍ରାୟ ୧ଟା୪୫ ମିନିଟରେ ଆଇଆରସି ଭିଲେଜ୍ ଅଞ୍ଚଳର ଅଭିଯୋଗକାରିଣୀ ଲିନି ପଟ୍ଟନାୟକ ନିଜ ବେଡରୁମ୍‌ରେ ଦୁଇଟି ମୋବାଇଲ୍ ଚାର୍ଜିଂରେ ବସାଇ ଶୋଇଥିଲେ। ସୁଯୋଗ ଦେଖି ଅଭିଯୁକ୍ତ ବ୍ରଜକିଶୋର ପ୍ରଧାନ ଘରର ଝରକା ଗ୍ରିଲ୍ ଭାଙ୍ଗି ଉକ୍ତ ଦୁଇଟି ଯାକ ମୋବାଇଲ୍ ଚୋରି କରିନେଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶନିବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ, ସିଆରପି ମୁଣ୍ଡାସାହି, ନୀଳକଣ୍ଠ ନଗର ନିକଟରେ ଜଣେ ଯୁବକ ଏକ ମୋବାଇଲକୁ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଛି। ପୋଲିସ ତୁରନ୍ତ ସେଠାରେ ପହଞ୍ଚି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଲମ୍ବୋଦର ଦିଗଲକୁ କାବୁ କରିଥିଲା।

# କୋଟିରୁ ଅଧିକ ଟଙ୍କା ଜୋରିମନା ଆଦାୟ କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୪।୧୦: ପୂର୍ବତଟ ରେଳପଥ ଯାତ୍ରୀ ସୁରକ୍ଷା, ଜନସାଧାରଣଙ୍କ ସୁବିଧା, ପରିଚ୍ଛନ୍ନତା ଏବଂ ରେଳବାଇ ପରିସରରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ସୁନିଶ୍ଚିତ କରିବା ଦିଗରେ ଜନ ବିଶ୍ୱାସ ଅଧିନିୟମ, ୨୦୨୬ ଅନୁଯାୟୀ ରେଳ ନିୟମର ଅନୁପାଳନକୁ ଅଧିକ ସୁଦୃଢ଼ କରିଛି। ୧୯ ଜୁନ୍ ଠାରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ବିଭିନ୍ନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂର୍ବ ତଟ ରେଳପଥ ପକ୍ଷରୁ ୧୯,୩୮୮ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଠାରୁ ରେଳବାଇ ଅଧିନିୟମ, ୧୯୮୯ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ମୋଟ ୧,୦୦,୬୮,୧୨୫ ଟଙ୍କା (ଏକ କୋଟିରୁ ଅଧିକ ଟଙ୍କା) ଜୋରିମନା ଆଦାୟ କରାଯାଇଛି। ଏହି ଅଭିଯାନରେ ବେଆଇନ ଭାବେ ହକର କରିବା ଓ ସାମଗ୍ରୀ ବିକ୍ରୟ କରିବା, ରେଳବାଇ ପରିସରରେ ଅନଧିକୃତ ପ୍ରବେଶ ଓ ଅନଧିକୃତ ଭାବେ ରହିବା, ରେଳ କର୍ମଚାରୀଙ୍କ ଆଇନସମ୍ମତ ନିର୍ଦ୍ଦେଶ ଅବମାନନା କରିବା, ଅନ୍ୟ ବ୍ୟକ୍ତିଙ୍କ ନାମରେ ବୁକ୍ ହୋଇଥିବା ଟିକେଟ୍‌ରେ ଅନଧିକୃତ ଭାବେ ଯାତ୍ରା କରିବା ଏବଂ ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ଅନଧିକୃତ ଭାବେ ପ୍ରବେଶ କରିବା ଭଳି ବିଭିନ୍ନ ନିୟମ ଉଲ୍ଲଂଘନ ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ମଧ୍ୟରେ ସର୍ବାଧିକ ୧୪,୯୯୨ ଜଣଙ୍କୁ ଯାତ୍ରୀ ଅଂଚଳରେ ଅନଧିକୃତ ପ୍ରବେଶ, ରେଳବାଇ ପରିସରର ଅପବ୍ୟବହାର ଏବଂ ପରିସର ଛାଡ଼ିବାକୁ ମନା କରିବା ଅଭିଯୋଗ ମାମଲାଗୁଡ଼ିକରେ ୭୫,୦୫,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି, ରେଳବାଇ ପରିସରରେ ବେଆଇନ ଭାବେ ହକର କରିବା, ସାମଗ୍ରୀ ବିକ୍ରୟ କରିବା କିମ୍ବା ଗ୍ରାହକ ଆକୃଷ୍ଟ କରିବା ଅଭିଯୋଗରେ ୧୬୯ ଙ୍କଠାରୁ ୩,୨୭,୫୦୦ ଟଙ୍କା ଜୋରିମନା ଆଦାୟ ହୋଇଛି। ଏହି ପଦକ୍ଷେପ ରେଳବାଇ ପରିସରରେ ଯାତ୍ରୀ ସୁବିଧା ବଜାୟ ରଖିବା ସହ ଅନଧିକୃତ ବାଣିଜ୍ୟିକ କାର୍ଯ୍ୟକଳାପକୁ ବନ୍ଦ କରିବାରେ ସହାୟକ ହେଉଛି।

## ଚଳନ୍ତା କାର୍‌କୁ ଚିପିଦେଲା ବସ୍

ପିପିଲି,୨୪।୧୦(ନିପ୍ର): ଶନିବାର ସନ୍ଧ୍ୟା ସମୟରେ ଏକ ଦ୍ରୁତ ଗାମୀ ବସ କାର୍ ଉପରେ ଚଢି ଯିବାରୁ କାରଟି ଚେପା ହୋଇଯିବା ଦ୍ୱାରା କାର ଭିତରେ ଥିବା ବ୍ୟକ୍ତିମାନେ ଗୁରୁତର ଆହତ ହୋଇଛନ୍ତି। ଏଭଳି ଦୁର୍ଘଟଣା ଘଟିଛି ପିପିଲି ଓଭର ବ୍ରିଜ୍ ନିକଟରେ । ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା କାରକୁ ପଛରୁ ଧକ୍କା ଦେଇ ରାସ୍ତାର ଡିଭାଇଡର ଉପରେ ଚାପି ଦେଇଛି ବସ୍ । ଯାହାଦ୍ୱାରା ଅନେକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏଭଳି ଦୁର୍ଘଟଣାକୁ ନେଇ ଜାତୀୟ ରାଜପଥରେ କିଛି ସମୟ ପାଇଁ ବନ୍ଦ ରହିଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏବଂ ପୋଲିସ ଗାଡି ଦୁଇଟିକୁ ଜବତ କରିଛି । ଆହତମାନଙ୍କ ପରିଚୟ ମିଳିନଥିବା ଜଣାଯାଇଛି।

### ବେଆଇନ କରତ କଳ ଉପରେ ବନ ବିଭାଗର ବଡ଼ ଚଢ଼ାଉ

## ୪ କରତ କଳରୁ ଯନ୍ତ୍ରପାତି ସହ ୪୨୦ ଘନଫୁଟ କାଠ ଜବତ, ୪ ମାମଲା ରୁଜୁ

କାକଟପୁର,୨୪।୧୦(ନିପ୍ର): ବେଆଇନ ଭାବେ ଚାଲୁଥିବା ଲାଇସେନ୍ସବିହୀନ କରତ କଳ ବିରୋଧରେ ବନ ବିଭାଗର ବଡ଼ଧରଣର ଚଢ଼ାଉ ହୋଇଛି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବିପୁଳ ପରିମାଣର କାଠ ସହ କରତ କଳର ବିଭିନ୍ନ ଯନ୍ତ୍ରପାତି ଜବତ କରାଯାଇଛି। ଏହି ଘଟଣାରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ରେଞ୍ଜରେ ୪ଟି ଅନୁସନ୍ଧାନମୂଳକ ମାମଲା (ୟୁଡି କେସ୍) ରୁଜୁ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଭୋରରୁ ଏହି ଚଢ଼ାଉ ଆରମ୍ଭ ହୋଇଥିଲା। ଅସ୍ତରଙ୍ଗ ବ୍ଲକର ଭେଡ଼ାବନ୍ଧ, କେନ୍ଦ୍ରାପାଟି ଓ ବାଜପୁର ସମେତ କାକଟପୁର ବ୍ଲକର ନରଣପୁର ଠାରେ ଚାଲୁଥିବା ବେଆଇନ କରତ କଳଗୁଡ଼ିକୁ ଚଢ଼ାଉର ପରିସରଭୁକ୍ତ କରାଯାଇଥିଲା। ଏହି ବ୍ୟାପକ ଅଭିଯାନରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ୨ ଜଣ ସହକାରୀ ବନ ସଂରକ୍ଷକ (ଏସିଏଫ୍), ୪ ଜଣ ରେଞ୍ଜ ଅଫିସରଙ୍କ ସମେତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସୁରକ୍ଷା ଦଳର ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ କରତ କଳରେ ବ୍ୟବହୃତ ବ୍ୟାଣ୍ଡସ୍, ଟ୍ରଲି, ହ୍ୱିଲ୍, ମୋଟର, ବ୍ଲେଡ୍ ଓ ବେସ୍ ସମେତ ବିଭିନ୍ନ ଯନ୍ତ୍ରପାତି ଜବତ କରାଯାଇଥିଲା। ଏଥିସହ ପ୍ରାୟ ୨୨୦ ଘନଫୁଟ ମୂଲ୍ୟବାନ କାଠଗଣ୍ଡି, ୨୦୦ ଘନଫୁଟ କଟା କାଠପଟା ଏବଂ କାଠଗୁଣ୍ଡ ଭର୍ତ୍ତି ବ୍ୟାଗ୍ ଜବତ ହୋଇଛି। ଜବତ କାଠ ଓ ଯନ୍ତ୍ରପାତିକୁ ଟ୍ରାକ୍ଟର ଯୋଗେ ପରିବହନ କରାଯାଇ ଟଭାଗୋଲାରା ପିଆରଏଫ୍‌ର ମେଗା ନର୍ସରୀ ପରିସରରେ ସୁରକ୍ଷିତ ଭାବେ ରଖାଯାଇଛି। ଅନ୍ୟପକ୍ଷରେ, ଏହି କରତ କଳଗୁଡ଼ିକରେ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହୋଇଥିବାରୁ ବେଆଇନ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଟିପିସିଓଡିଏଲ୍‌ର ଏସ୍‌ଡିଓ (ଇଲେକ୍ଟ୍ରିକାଲ)ଙ୍କୁ ଅବଗତ କରାଯାଇଛି। ଏହି ଘଟଣାରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ୪ଟି ୟୁଡି ମାମଲା ରୁଜୁ କରାଯାଇଛି। ଲାଇସେନ୍ସବିହୀନ କରତ କଳ ବିରୋଧରେ ବନ ବିଭାଗର ଏହି ଅଭିଯାନ ବେଆଇନ କାଠ କାରବାର ଉପରେ ଅଙ୍କୁଶ ଲଗାଇବା ସହ ଜଙ୍ଗଲ ସମ୍ପଦର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

# ମଦ ବିକ୍ରି ବନ୍ଦ ନହେଲେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନର ଚେତାବନୀ

ଜୟପୁର,୨୪।୧୦: କୋରାପୁଟ ଜିଲ୍ଲାରେ ଏବେ ଜୋର୍ ଧରିଛି ମଦ ବିରୋଧୀ ଆନ୍ଦୋଳନ। ନିଜ ନିଜ ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ଅଣ୍ଟା ଭିଡିଛନ୍ତି ମହିଳା। କେତେବେଳେ ହଜାର ହଜାର ସଂଖ୍ୟାରେ ମହିଳାମାନେ ଏକଜୁଟ ହୋଇ ଥାନା ଘେରାଉ କରୁଛନ୍ତି ତ କେତେବେଳେ ମଦ ଗାଡ଼ିକୁ ଗୋଡ଼ାଇ ଗୋଡ଼ାଇ ଧରି ଥାନାରେ ଅଟକ ରଖୁଛନ୍ତି । ଆଉ ଘରେ ଘରେ ପଶି ପୋଚ ବାହାର କରି ଗାଁ ଦାଣ୍ଡରେ ପୋଚ ଏବଂ ମଦ ହାଣ୍ଡିକୁ ଭାଙ୍ଗି ନଷ୍ଟ କରୁଛନ୍ତି। ସେହିପରି ଆଜି ବୋରିଗୁମ୍ମା ଥାନା ଅନ୍ତର୍ଗତ ଜାମୁଣ୍ଡା ପଞ୍ଚାୟତ ଏବଂ ଝିଲିମିଲି ଗାଁର ଶହ ଶହ ମହିଳା ଏକଜୁଟ ହୋଇ ହାତରେ ଲାଠି ଧରି ମଦ ବିକ୍ରିକୁ ବିରୋଧ କରି ମଦ ନିଶାମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସମସ୍ତ ମହିଳାମାନେ 'ମାଆ ଭଉଣୀଙ୍କ ହାତରେ ଉଠିବ ଲାଠି ଯଦି ବନ୍ଦ ନହେବ ମଦ ଭାଟି' ସ୍ଲୋଗାନ ଦେଇ ବୋରିଗୁମ୍ମା ଥାନାରେ ପହଂଚି ବୋରିଗୁମ୍ମା ଥାନା ଅଧିକାରୀ ରାମାନନ୍ଦ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଗାଁ ଗାଁ ରେ ଅବାଧ ମଦ ବିକ୍ରି କରୁଛନ୍ତି ଆଉ ସେହି ମଦ ପିଇ ସ୍କୁଲ ଛାତ୍ରଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ଘରେ ଘରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ରୋଗାକ୍ରାନ୍ତ ହୋଇ ଅକାଳରେ ଜୀବନ ଯାଉଛି। ମଦ ପିଇ ଅନେକ ସମୟରେ ସଡ଼କ ଦୁର୍ଘଟଣାରେ ଜୀବନ ଯାଉଛି। ଯଦି ଆଗାମୀ ଦିନରେ ମଦ ବିକ୍ରି ବନ୍ଦ ନହୁଏ ତେବେ ଆନ୍ଦୋଳନ ତୀବ୍ରତର ହେବ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ହେବ ବୋଲି ଚେତାବନୀ ଦେଇଛନ୍ତି ଝିଲିମିଲି ଗାଁ ଏବଂ ଜାମୁଣ୍ଡା ପଞ୍ଚାୟତର ମହିଳାମାନେ ।

## ଏମ୍.ସି.ଏଲର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଶ୍ରୀମତୀ ରେଖା ପାଣ୍ଡେ



ସମ୍ବଲପୁର,୨୪।୧୦(ନିପ୍ର): ଶ୍ରୀମତୀ ରେଖା ପାଣ୍ଡେ ସମ୍ବଲପୁରସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡର ମୁଖ୍ୟାଳୟରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ପଦଭାର ଗ୍ରହଣ କରିଛନ୍ତି। ମାନବ ସମ୍ବଳ ପ୍ରବନ୍ଧନ, କାର୍ମିକ ପ୍ରଶାସନ ଏବଂ ଔଦ୍ୟୋଗିକ ସମ୍ପର୍କ କ୍ଷେତ୍ରରେ ତାଙ୍କର ୩୨ ବର୍ଷରୁ ଅଧିକ ସମୟର ସୁଦୀର୍ଘ ଏବଂ ବ୍ୟାପକ ଅଭିଜ୍ଞତା ରହିଛି। ଏହା ପୂର୍ବରୁ ସେ କୋଲକାତାସ୍ଥିତ କୋଲ୍ ଇଣ୍ଡିଆ ଲିମିଟେଡ୍ ମୁଖ୍ୟାଳୟରେ ମହାପ୍ରବନ୍ଧକ (ମାନବ ସମ୍ବଳ) ଭାବରେ କାର୍ଯ୍ୟରତ ଥିଲେ। ଏହାସହିତ ସେ ସେଣ୍ଟ୍ରାଲ କୋଲଫିଲ୍ଡସ ଲିମିଟେଡ୍‌ରେ ମହାପ୍ରବନ୍ଧକ (କଲ୍ୟାଣ) ଭାବେ ମଧ୍ୟ ସେବା ଯୋଗାଇଛନ୍ତି ଏବଂ ମାନବ ସମ୍ବଳ ଓ ଔଦ୍ୟୋଗିକ ସମ୍ପର୍କ କ୍ଷେତ୍ରରେ ଦୁଇ ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କର ଏହି ବ୍ୟାପକ ଅଭିଜ୍ଞତା ଏବଂ ଜନସାଧାରଣ-କେନ୍ଦ୍ରିକ ନେତୃତ୍ୱ ମାନବ ସମ୍ବଳ ଓ ଔଦ୍ୟୋଗିକ ସମ୍ପର୍କ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସହ କର୍ମଚାରୀଙ୍କ କଲ୍ୟାଣକୁ ବୃଦ୍ଧି କରିବ ଏବଂ କମ୍ପାନୀର ନିରନ୍ତର ପ୍ରଗତି ଓ ଶ୍ରେଷ୍ଠତାରେ ବିଶେଷ ଯୋଗଦାନ ଦେବ।

### ଜମିବାଡ଼ି ବିବାଦରୁ ଦୁଇ ପରିବାର ହାତାହାତି

## ୫ ଜଣଙ୍କୁ ବାନ୍ଧି ଜେଲ ପଠାଇଲା ପୋଲିସ

ଭୁବନେଶ୍ୱର,୨୪।୧୦(ନି.ପ୍ର): ପଥରଗାଡ଼ିଆ ଅନ୍ତର୍ଗତ ବାରମଣା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଖଣ୍ଡଯୁଦ୍ଧ ଏବଂ ଉଭୟ ପକ୍ଷରୁ ମାରଣାସ୍ତ୍ରରେ ଆକ୍ରମଣ ଓ ହତ୍ୟା ଉଦ୍ୟମ ଘଟଣାରେ ଇନଫୋସିଟି ଥାନା ପୋଲିସ ଉଭୟ ଗୋଷ୍ଠୀର ମୋଟ ୫ ଜଣଙ୍କୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୭ ତାରିଖ ରାତି ପ୍ରାୟ ୧୧ଟାରେ ଦୀର୍ଘ ଦିନର ଜମିବାଡ଼ି ବିବାଦକୁ ନେଇ ଭାଗୀରଥି କାଣ୍ଡି ଏବଂ ସୁନିତା ଦେହୁରୀଙ୍କ ପରିବାର ମଧ୍ୟରେ ଭୟଙ୍କର ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷ ଇନଫୋସିଟି ଥାନାରେ ପାଲଟା ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ବାପି ଦେହୁରୀ (୨୮), ବାବୁଲ ଦେହୁରୀ (୨୪), ଅର୍ଜୁନ ଦେହୁରୀ (୨୦),ଭାଗିରଥୀ କାଣ୍ଡି (୫୨) ଓ ସତ୍ୟ ଶିବ କାଣ୍ଡି (୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ରୀନା କାଣ୍ଡିଙ୍କ ଅଭିଯୋଗ ଅନୁଯାୟୀ, ବାପି ଦେହୁରୀ ଓ ତାଙ୍କର ସହଯୋଗୀମାନେ ବେଆଇନ୍ ଭାବେ ଘରର କବାଟ ଭାଙ୍ଗି ପଶିବା ସହ ଲୁହା ରଡରେ ଆକ୍ରମଣ କରି ଭାଗୀରଥି କାଣ୍ଡିଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଏଥିସହ ସେମାନେ ମହିଳାମାନଙ୍କୁ ଅସଦାଚରଣ କରିବା, ଘରର ଆଜବେଷ୍ଟସ୍ ଭାଙ୍ଗିବା ଏବଂ ଦୋକାନରୁ ୧୨ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ସେହିପରି ସୁନିତା ଦେହୁରୀଙ୍କ ଅଭିଯୋଗ ଅନୁଯାୟୀ, ଭାଗୀରଥି କାଣ୍ଡି ଏବଂ ସତ୍ୟ ଶିବ କାଣ୍ଡି ଜୋରଜବରଦସ୍ତ ସେମାନଙ୍କ ଘରେ ପଶି ସାନ ପୁଅକୁ ମାଡ଼ ମାରିଥିଲେ ଏବଂ ବଡ଼ ପୁଅ ବାପି ଦେହୁରୀକୁ ଏକ ଛୁରୀରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଏହି ଘଟଣାରେ ଆଜି ସକାଳ ୮.୩୦ ରେ ଭାଗୀରଥି ଓ ସତ୍ୟ ଶିବଙ୍କୁ ଗିରଫ କରିଛି। ଆକ୍ରମଣ ପରେ ସେମାନେ ଛୁରୀଟିକୁ ସୁନ୍ଦରପୁର ଅଞ୍ଚଳରେ ଫୋପାଡ଼ି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

### ଚଳିତ ମାସ ୨୬ରୁ କାର୍ତ୍ତିକ ବ୍ରତ

## ନଭେମ୍ବର ୨୪ ଯାଏଁ ହବିଷ୍ୟାଳୀ ମା' ରହିବେ ୩ କେନ୍ଦ୍ରରେ

### ଜିଲ୍ଲାପାଳ ପରିଦର୍ଶନ କରି ତଦାରଖ କଲେ ୩ କେନ୍ଦ୍ର

ପୁରୀ,୨୪।୧୦(ନିପ୍ର): ଚଳିତ ବର୍ଷର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ ତାରିଖଠାରୁ ଆରମ୍ଭ ହେବ। ଏହି ବ୍ରତ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷ୍ୟାଳୀ ମା'ମାନଙ୍କୁ ପୂର୍ବରୁ ସେମାନଙ୍କ ହବିଷ୍ୟାଳୀ କେନ୍ଦ୍ର ସମ୍ପର୍କରେ ଅବଗତ କରାଯାଇଛି। ସେହି ଅନୁସାରେ ସେମାନେ ନିର୍ଦ୍ଧାରିତ ହବିଷ୍ୟାଳୀ କେନ୍ଦ୍ରମାନଙ୍କରେ ପଞ୍ଜିକରଣ କରାଇ ନିଜ ନିଜ ରୁମକୁ ଯିବେ। ସେଥିପାଇଁ ପ୍ରଶିକ୍ଷିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ସାହାଯ୍ୟ ପାଇଁ ସ୍ୱେଚ୍ଛାସେବୀ ମାନେ ନିୟୋଜିତ ହୋଇଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅପରାହ୍ନରେ ସମସ୍ତ ତିନୋଟି କେନ୍ଦ୍ର ଯଥା ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ବୃନ୍ଦାବତୀ ନିବାସ ଓ ମୋଚି ସାହି କଲ୍ୟାଣ ମଣ୍ଡପ କେନ୍ଦ୍ର ପରିଦର୍ଶନ କରିଥିଲେ। ପଞ୍ଜିକରଣ ପ୍ରକ୍ରିୟା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ଜିଲ୍ଲାପାଳ ଅନୁଧ୍ୟାନ କରି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବିବିଧ ପରାମର୍ଶ ଦେଇଥିଲେ। ଯେପରି କୌଣସି କ୍ଷେତ୍ରରେ ହବିଷ୍ୟାଳୀ ମା'ମାନଙ୍କର ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ତଦାରଖ ସମୟରେ ଜିଲ୍ଲାପାଳ ଙ୍କ ସହ ପିଏମଶ୍ରୀ କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପିଏମଶ୍ରୀ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ସଦର ବିଡ଼ିଓ ସମ୍ବିତ ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ,ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଡ଼ା ସୁରକ୍ଷା ବଳୟରେ ଭୁବନେଶ୍ୱର-ଜଟଣୀ

ଭୁବନେଶ୍ୱର,୨୪।୧୦(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଓଡ଼ିଶା ଗସ୍ତରେ ଆସିବେ। ଭୁବନେଶ୍ୱରରୁ ଜଟଣୀ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବଳୟ ସୃଷ୍ଟି କରାଯାଇଛି। ଏଥିପାଇଁ ରାଜଧାନୀରେ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ପୋଲିସ କମିଶନର ଏସ ଦେବଦତ୍ତ ସିଂହ କହିଛନ୍ତି। ସୁରକ୍ଷା ଦାୟିତ୍ୱରେ ୨୨୩ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ରହିବେ। ଏହା ସହିତ ୭୧ ଜଣ ଆଇଆଇସି, ୩୭ ଜଣ ଏଏସ୍‌ପି ଓ ଡିଏସ୍‌ପି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହୋଇଛନ୍ତି। ୧୦ ଜଣ ଏସ୍‌ପି, ଡିସିପି ଓ କମାଣ୍ଡାଣ୍ଟ ପାହ୍ୟାର ଅଧିକାରୀ ସମଗ୍ର ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱ ସମ୍ଭାଳିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ଲୁ ବୁକ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମ ସରିବା ପରେ ସଡ଼କ ପଥରେ ଫେରିବାର ଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ସନ୍ଧ୍ୟା ୫ଟା ୪୦ରୁ ୬ଟା ୪୦ ପର୍ଯ୍ୟନ୍ତ ଯାତାୟାତ କଟକଣା ରହିଛି। ଆରବିଆଇ ଡାଟା ସେଣ୍ଟର, ଇନଫୋଭାଲି, ତଳଖେତ, ଭୁଆସୁଣୀ ଛକ, ଏନଏଚ୍ ୧୬, ଜୟଦେବ ବିହାର, ବେହେରା ସାହି, ଶାସ୍ତ୍ରୀ ନଗର, ୧୨୦ ବିଏନ୍ ଛକ, ପାୱାର ହାଉସ, ଲୋକ ଭବନ, ଏଜି ଓ ହସ୍ପିଟାଲ ଛକ ଲାଗି ଟ୍ରାଫିକ କଟକଣା ଜାରି ହୋଇଥିବାବେଳେ ସାଧାରଣ ଲୋକଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବା ସହିତ ଅତିରିକ୍ତ ସମୟ ହାତରେ ରଖିବାକୁ ପରାମର୍ଶ ଦିଆଯାଇଛି।

## ଅଭିଯୁକ୍ତର ମା' ମନେ କରି ମହିଳାଙ୍କୁ ଆକ୍ରମଣ

ଜଳେଶ୍ୱର,୨୪।୧୦:ବାଲେଶ୍ୱର ଜିଲ୍ଲା ବାଲିଆପାଳ ଦନ୍ତୋଡା ଛକ ଠାରେ ରାଜଶ୍ରୀ ପାତ୍ର ନାମ୍ନୀ ଜଣେ ମହିଳାଙ୍କୁ ପୋଲିସ ଉଦ୍ଧାର କରିଛି। ଜଳେଶ୍ୱରର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରି, ଉତ୍ୟକ୍ତ ଜନତା ତାଙ୍କ ଗାଡ଼ି ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଥିଲେ। ଜଳେଶ୍ୱରରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯିବା ପରେ ସେଠାରେ ଉତ୍ତେଜନା ଦେଖାଦେଇଛି। ବାଲିଆପାଳ ଥାନା ଅଧୀନ ଦନ୍ତୋଡା ଛକ ଠାରେ, ଜଳେଶ୍ୱରର ଲକ୍ଷ୍ମଣନାଥରୁ ଆସୁଥିବା ଉକ୍ତ ଗାଡ଼ିକୁ ସ୍ଥାନୀୟ ଲୋକେ ଅଟକାଇଥିଲେ। ସେମାନେ ଗାଡ଼ି ଉପରେ ଆକ୍ରମଣ କରିବା ସହ ଉକ୍ତ ମହିଳା (ରାଜଶ୍ରୀ ପାତ୍ର) ଏହି ଅପରାଧ ସହ ଜଡ଼ିତ ଥିବା ଅଭିଯୋଗ କରିଥିଲେ।କୁହାଯାଉଛି ଯେ ଅଭିଯୁକ୍ତର ମା' ମନେ କରି ଉତ୍ୟକ୍ତ ଲୋକେ ମହିଳାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଉପସ୍ଥିତ ଉତ୍ୟକ୍ତ ଜନତାଙ୍କୁ ଘଉଡ଼ାଇ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

### ॥ ପୋଲିସ ମୁଖ୍ୟାଳୟରେ ନିର୍ଯାତନା ଅଭିଯୋଗ ॥

# ସୁଭଦ୍ରା ଶକ୍ତି କାଫେରେ ମହିଳାଙ୍କୁ ଭିତରେ ରଖି ରାତିଅଧିଆ ତାଲା

**ବିଜୁଳି-ପାଣି କାଟି ରାସ୍ତାକୁ ଫିଙ୍ଗିଲେ ଆସବାବପତ୍ର**

କଟକ,୨୪।୧୦(ନିପ୍ର): ରାଜ୍ୟ ପୁଲିସ ମୁଖ୍ୟାଳୟରେ ମହିଳା ଏସଏଚଜିଙ୍କ ଦ୍ୱାରା ପରିଚାଳିତ 'ସୁଭଦ୍ରା ଶକ୍ତି କାଫେ'କୁ ବଳପୂର୍ବକ ବନ୍ଦ କରିବା ସହ ଅମାନବିକ ଢଙ୍ଗରେ ବିଜୁଳି-ପାଣି କାଟି ଆସବାବପତ୍ର ରାସ୍ତାକୁ ଫିଙ୍ଗି ଦିଆଯାଇଛି। ରକ୍ଷକ ସାଜିଥିବା ଖୋଦ୍ ପୁଲିସ ହିଁ ଏପରି କାଣ୍ଡ ଭିଆଇଛି। ରାଜ୍ୟରେ ମହିଳା ଏସଏଚଜିଗୁଡ଼ିକୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଦେଇ ସେମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସକୁ ଏବେ ଶକ୍ତଧକ୍କା ଲାଗିଛି। ରାଜ୍ୟ ପୁଲିସ ମୁଖ୍ୟାଳୟରେ ମହିଳା ଏସଏଚଜିଙ୍କ ଦ୍ୱାରା ପରିଚାଳିତ 'ସୁଭଦ୍ରା ଶକ୍ତି କାଫେ'କୁ ବଳପୂର୍ବକ ବନ୍ଦ କରିବା ସହ ଅମାନବିକ ଢଙ୍ଗରେ ବିଜୁଳି-ପାଣି କାଟି ଆସବାବପତ୍ର ରାସ୍ତାକୁ ଫିଙ୍ଗି ଦିଆଯାଇଛି। ମହିଳା ଏସଏଚଜି ସଦସ୍ୟାମାନଙ୍କ ସହ ରାତିଅଧରେ ଏଭଳି ଆଚରଣ ଅନ୍ୟ କେହି ସାଧାରଣ ଲୋକ କରିନାହାନ୍ତି ବରଂ ରକ୍ଷକ ସାଜିଥିବା ଖୋଦ୍ ପୁଲିସ ହିଁ ଏପରି କାଣ୍ଡ ଭିଆଇଛନ୍ତି। କଟକ ଜିଲ୍ଲାପାଳଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ ହେବାପରେ ରାଜ୍ୟ ପୁଲିସର ଅମାନବିକତା ଓ ହୀନ ଉଦ୍ଦେଶ୍ୟ ମଧ୍ୟ ପଦାରେ ପଡ଼ିଛି। ଏସଏଚଜି ମହିଳା ଉଦ୍ୟୋଗୀମାନଙ୍କୁ କୌଣସି ଆଇନଗତ ନୋଟିସ୍ ନଦେଇ କ୍ୟାଫେରୁ ବେଦଖଲ କରାଯାଇଥିବା କୁହାଯାଇଛି। କଟକ ଜିଲ୍ଲାପାଳଙ୍କ ନିକଟରେ ମା' ତାରିଣୀ ମହିଳା ଏସଏଚଜିର ସଭାନେତ୍ରୀ ସୁମିତ୍ରା ନନ୍ଦ ଓ ସମ୍ପାଦିକା କଳ୍ପନା ବେହେରା କରିଥିବା ଲିଖିତ ଅଭିଯୋଗ ଅନୁସାରେ,୨୨ ତାରିଖ ରାତି ପ୍ରାୟ ୧୦ଟା ୨୦ ମିନିଟରେ ପୁଲିସ ମୁଖ୍ୟାଳୟ ପରିସରରେ ଥିବା 'ସୁଭଦ୍ରା ଶକ୍ତି କ୍ୟାଫେ' ଭିତରେ ଏସଏଚଜିର ସଭାନେତ୍ରୀ ଓ ଅନ୍ୟ ମହିଳା କର୍ମଚାରୀ ଥିବାବେଳେ ପୁଲିସର ବିଲ୍ଡିଂ ସେକ୍ସନ କର୍ମଚାରୀମାନେ ବାହାରୁ ତାଲା ପକାଇ ଦେଇଥିଲେ। ଏହା ପରଦିନ ସକାଳେ ବିଜୁଳି ଓ ପାଣି ସଂଯୋଗ କାଟି ଦିଆଯିବା ସହ କ୍ୟାଣ୍ଟିନ ବା କାଫେର ଫ୍ୟାନ୍, ଟେବୁଲ, ପୋଡିୟମ୍ ସମେତ ସମସ୍ତ ଆସବାବପତ୍ର ବାହାରେ ରଖି କ୍ୟାଣ୍ଟିନକୁ ତାଲା ଝୁଲାଇ ଦିଆଯାଇଥିଲା। ଏହି ବେଆଇନ ଉଚ୍ଛେଦ ଓ ଅମାନୁଷିକ ବ୍ୟବହାର ବିରୋଧରେ ମା' ତାରିଣୀ ଏସଏଚଜି ପକ୍ଷରୁ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହାସହିତ ରାଜ୍ୟ ପୁଲିସ ପକ୍ଷରୁ ଅନ୍ୟାୟ ଭାବେ ଦାବି ଉଡ଼ାକୁ ପ୍ରତ୍ୟାହାର, ବିଜୁଳି-ପାଣି ସଂଯୋଗ ପୁନଃସ୍ଥାପନ, ହୋଇଥିବା କ୍ଷତିର ଭରଣା ଓ ମହିଳାଙ୍କୁ ଭିତରେ ରଖି ତାଲା ପକାଇଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏପଟେ ଜିଲ୍ଲା ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ପରେ ଏସଏଚଜି ମହିଳାମାନଙ୍କୁ 'ଉଦ୍ୟୋଗୀ' ହେବା ନିମନ୍ତେ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ମାଗଣାରେ ହସ୍ତାନ୍ତର କରାଯାଉଛି। ଏହି କ୍ରମରେ ୨୦୨୩ ମସିହା ସେପ୍ଟେମ୍ବର ମାସରେ ରାଜ୍ୟ ପୁଲିସ ମୁଖ୍ୟାଳୟ ନିଜ କର୍ମଚାରୀ ମାନଙ୍କ ସୁବିଧା ପାଇଁ ପରିସର ମଧ୍ୟରେ ସ୍ଥାନ ଯୋଗାଇ ଦେବ ବୋଲି ଜଣାଇ ଏକ ମିଶନ ଶକ୍ତି କାଫେ ଖୋଲିବା ନିମନ୍ତେ କଟକ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଥିଲା।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ